R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୮
ତିଥି : ଚତୁର୍ଦ୍ଦଶୀ
୦୧ ଫେବୃଆରୀ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 118
01 February 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭୟାବହ ଦୁର୍ଘଟଣା

# ୩ ବାଇକ୍ ଚାଳକଙ୍କୁ ଧକ୍କାଦେଲା ଟ୍ରକ୍



ବ୍ରହ୍ମପୁର, ୩୧ ।୧ (ସବ୍ୟୁ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗୋଶାଣିନୂଆଗାଁ ଓଭରବ୍ରିଜରେ ଶନିବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୫ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ପୋଲିସ ସୂତ୍ରରୁ ଜଣାପଡିଛି । ମୃତକ ମାନେ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ତଥା ପାତ୍ରପୁର ବ୍ଲକ ଅନ୍ତର୍ଗତ ଜୟନ୍ତିପୁରରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବା ଶିବରାମ ଜେନା(୩୮), କେ.ନୂଆଗାଁ ଥାନା ଅଞ୍ଚଳର ସତ୍ୟନାଥ ବେଜ(୨୫), ଫୁଲଟା ଗ୍ରାମର ଜଗନ ନାହାକ(୨୦), ରାକେଶ ନାହାକ (୨୦) ଓ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାନଗରର ସୂର୍ଯ୍ୟନାରାୟଣ ପଣ୍ଡା (୪୫) । ସୂର୍ଯ୍ୟନାରାୟଣ ବ୍ଲୁ ଡାର୍ଟ ନାମକ ଏକ କୋରିଏର ସଂସ୍ଥାରେ ଏଜେଣ୍ଟ ଭାବେ କାମ କରୁଥିବା ଜଣାପଡିଛି । ଟ୍ରାଫିକ ପୋଲିସ ଉକ୍ତ ମୃତଦେହ ଗୁଡିକର ବ୍ୟବଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ୫୧/୨୬ ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି। ଅନ୍ୟପଟେ ଗୁରୁତର ହୋଇ ମୃତ୍ୟୁ ସହ ଯୁବକ ଜଣଙ୍କ ଏମକେସିଜିରେ ସଂଘର୍ଷ କରୁଥିବା ପୋଲିସ କହିଛ । ଆହତଙ୍କ ପରିଚୟ ମିଳିନଥିବା ପୋଲିସ କହିଛି ।

ପ୍ରକାଶ ଯେ ଶନିବାର ତିନୋଟି ବାଇକ ଆଗପଛ ହୋଇ ହଳଦିଆ ପଦର ପଟକୁ ଯାଉଥିଲା । ଅନ୍ୟପଟେ ବିପରୀତ ଦିଗରୁ ଏକ ଟ୍ରକ ସହର (୯ ପୃଷ୍ଠାରେ)

- ଧକ୍କାରେ ପାଞ୍ଚ ମୃତ, ଜଣେ ଗୁରୁତର
- ବେପରୁଆ ଗାଡ଼ି ଚାଳନା ଯୋଗୁଁ ଘଟିଲା ଅଘଟଣ
- ମୁଖ୍ୟମନ୍ତ୍ରୀଙ୍କ ଶୋକ, ଅନୁକମ୍ପା ସହାୟତା ଘୋଷଣା
- ଦୁଃଖ ପ୍ରକାଶ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

# ଆଜି କେନ୍ଦ୍ର ବଜେଟ୍



ନୂଆଦିଲ୍ଲୀ, ୩୧ ।୧ : ଆସନ୍ତାକାଲି ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ନିର୍ମଳାସୀତାରମଣ ବାର୍ଷିକ ବଜେଟ୍ ଉପସ୍ଥାପନ କରିବେ। ଏଥର ୭୫ ବର୍ଷର ପରମ୍ପରା ଭଙ୍ଗ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ର ବଜେଟ୍ ମୁଖ୍ୟତଃ ୨ ଟି ଭାଗ ଏ ଓ ବିରେ ରହିଥାଏ। ପ୍ରଥମରୁ ଏ ଭାଗକୁ ବଜେଟ୍ ଅଭିଭାଷଣରେ ଉପସ୍ଥାପନ କରାଯାଏ। ପରେ ଭାଗ ବି ଆସିଥାଏ। ମାତ୍ର ଏଥର ଭାଗ ବି ଯେଉଁଥିରେ କି ଭାରତର ଆର୍ଥିକ ଭବିଷ୍ୟତର ଦୃଷ୍ଟି ଭଙ୍ଗି ରହିଛି ତାହା ପ୍ରଥମେ ଉପସ୍ଥାପନ ହୋଇପାରେ ବୋଲି ଥିବା ସୁଦୃଢ଼ିକରଣ ଓ ବିଶ୍ୱ ପାଇଁ ଆକଳନ ହୋଇଥିବା ଲକ୍ଷ୍ୟକୁ ସାମିଲ କରାଯାଇଥାଏ। ଭାରତୀୟ ଅର୍ଥନୀତିଜ୍ଞମାନେ ଯେଉଁମାନେ

- ଭାଙ୍ଗିପାରେ ୭୫ ବର୍ଷର ପରମ୍ପରା
- ଭାଗ-ବି ରୁ ଅଭିଭାଷଣ ଆରମ୍ଭ କରିପାରନ୍ତି ଅର୍ଥମନ୍ତ୍ରୀ
- ପୁଞ୍ଜି ବ୍ୟୟକୁ ୧୦% ବୃଦ୍ଧି ପାଇଁ ଆସିପାରେ ପ୍ରସ୍ତାବ
- ଆୟକର ସ୍ଲାବ୍ ଉପରେ ମଧ୍ୟବିତ୍ତଙ୍କ ନଜର

ଏକ ସୂତ୍ରରୁ ଜଣାପଡିଛି।

ଭାଗ ବି ରେ ସ୍ୱଳ୍ପ ମିଆଦି ପ୍ରାଥମିକତା ଓ ଦୀର୍ଘ ମିଆଦି ଲକ୍ଷ୍ୟ ଉପରେ ଆଲୋକପାତ କରାଯିବ। ଏକବିଂଶ ଶତାବ୍ଦୀର ଦ୍ୱିତୀୟ କ୍ୱାର୍ଟରକୁ ଭାରତ ପ୍ରବେଶ କରୁଥିବାରୁ ଏଥିରେ ବିଦେଶରେ ରହୁଛନ୍ତି ସେମାନେ ଟିକସ ପରିବର୍ତ୍ତନକୁ ଆଶା କରି ଏହା ଅପେକ୍ଷାରେ ଅଛନ୍ତି। ନବମଥର ଲାଗି ନିର୍ମଳାସୀତାରମଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ୨୦୧୯ରେ ତାଙ୍କ ପ୍ରଥମ ବଜେଟରେ (୯ ପୃଷ୍ଠାରେ)

# ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ ଗଠନ

ଭୁବନେଶ୍ୱର, ୩୧ ।୧ (ସବ୍ୟୁ) : ଓଡିଆ ଭାଷା , ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଏକ ନୂତନ ସେବା ବର୍ଗ ଓଡିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ ଗଠନ କରାଯାଇଥିଲା। ଏହି ନିୟମାବଳୀ ସାଧାରଣ ପ୍ରଶାସନ, ଅର୍ଥ ବିଭାଗ, ଆଇନ ବିଭାଗର ଅନୁମୋଦନ ପରେ ଓଡିଶା ଲୋକସେବା ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମଧ ଏହାକୁ ଅନୁମୋଦନ କରିଥିଲେ। ସାମ୍ପ୍ରତିକ ସମୟରେ ଓଡିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ଏହି ପରିପ୍ରେକ୍ଷିକରେ ହେଉଥିବା ବିଭିନ୍ନ ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏହାର ସଫଳ ରୂପାୟନ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡିଶା ସଂସ୍କୃତି ସେବା ନିୟମ ୨୦୦୬ ଅଧୀନରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ (୯ ପୃଷ୍ଠାରେ)

# ୩ ଆଇଏଏସ୍‌ଙ୍କ ପଦୋନ୍ନତି

ଭୁବନେଶ୍ୱର, ୩୧ ।୧ (ସବ୍ୟୁ) : ରାଜ୍ୟର ୩ ଆଇଏଏସଙ୍କର ଆପ୍ରେକ୍ସ ଗ୍ରେଡକୁ ପଦୋନ୍ନତି କରାଯାଇଛି। ଏହି ଅଧିକାରୀ ମାନଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ଉନ୍ନୀତି କରାଯିବା ସହ ସେମାନଙ୍କୁ ପୂର୍ବ ଭଳି ଦିଆଯାଇଥିବା ଦାୟିତ୍ୱରେ କାର୍ଯ୍ୟକରିବାକୁ କୁହାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୬ ବ୍ୟାଚର ଆଇଏଏସ୍ ଅଫିସର ଶାଶ୍ୱତ ମିଶ୍ର, ବିଶାଳ ଦେବ, ଉଷା ପାଢୀଙ୍କୁ ଏହି ପଦୋନ୍ନତି ଦିଆଯାଇଛି।

ସେହିଭଳି କେନ୍ଦ୍ରୀୟ ଡେପୁଟେସନରେ ଥିବା ବୀର ବିକ୍ରମ ଯାଦବଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି। ଫେବୃଆରୀ ପହିଲାରୁ ଏହା କାର୍ଯ୍ୟକାରୀ ହେବ ।

# ଓଡ଼ିଶା ସମବାୟ ନୀତି ୨୦୨୬କୁ ଅନୁମୋଦନ

ଭୁବନେଶ୍ୱର, ୩୧ ।୧ (ସବ୍ୟୁ) : କେନ୍ଦ୍ର ସରକାରଙ୍କର ସମବାୟ ସମୃଦ୍ଧି ନୀତି ଅନୁରୂପ ଢାଞ୍ଚାରେ ରାଜ୍ୟ ସମବାୟ ନୀତି ୨୦୨୬ କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି, ବୃହତ୍ତକାର ଆଦିବାସୀ ବହୁମୁଖୀ କୃଷି ସମବାୟ ସମିତି, ସମାବାୟ ବ୍ୟାଙ୍କ, ସମବାୟ ବିକଳନ ଓ ପ୍ରକ୍ରିୟାକରଣ ସମିତି, ଦୁଗ୍ଧ, ଆଦିବାସୀ, ହସ୍ତତନ୍ତ, ମତ୍ସ୍ୟ ଏବଂ ଗୃହନିର୍ମାଣ ସମବାୟ ସମିତିଗୁଡିକୁ ସଶକ୍ତ କରିବା। ଏହି ନୀତି ୭ ଟି ସ୍ତମ୍ଭ ଉପରେ ଆଧାରିତ ଯଥା ଭିତିଭୂମି, ସୁଦୃଢ଼ିକରଣ, ସମବାୟ ସକ୍ରିୟତାକୁ ପ୍ରୋତ୍ସାହନ, ସମବାୟ ସମିତିଗୁଡିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା, ସମାବେଷିତାକୁ ପ୍ରୋତ୍ସାହିତ ଦେବା, ସମବାୟ ପହଞ୍ଚଗୁଡିକୁ ସୁଦୃଢ଼ କରିବା, ନୂତନ ଏବଂ ଉଦୟମାନ କ୍ଷେତ୍ରଗୁଡିକରେ ପ୍ରେବେଶ କରିବା, ସମବାୟ ମାଧ୍ୟରେ ସମୃଦ୍ଧି ଲାଗି ଯୁବପୀଢିଙ୍କୁ ପ୍ରସ୍ତୁତ କରିବା



ସହ ସମବାୟ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏହି ନୀତି ୨୦୩୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଉପରୋକ୍ତ ପ୍ରସ୍ତାବ ସହ ରାଜ୍ୟ କ୍ୟାବିନେଟ୍ ଆଜି ୧୦ ବିଭାଗର ୧୨ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କ୍ୟାବିନେଟ୍‌ର ଅନ୍ୟାନ୍ୟ ନିଷ୍ପତ୍ତି ଉପରେ କଲ୍ୟାଣି ଗ୍ରୁପ ଦ୍ୱାରା ଏକ ସମନ୍ୱିତ ଅଟୋମେଟିକ୍, ଏରୋସ୍ପେସ୍, ଏବଂ ପ୍ରତିରକ୍ଷା ଉପକରଣ, ଉତ୍ପାଦନ କମ୍ପ୍ଲେକ୍ସକୁ ଅନୁମୋଦନ କରାଯାଇଛି। ଢେଙ୍କାନାଳ ଜିଲ୍ଲାର ବଜମରାରେ ୧୧୦୦ ଏକର ଜମିରେ ଏହା ପ୍ରତିଷ୍ଠା କରାଯିବ ଓ ୧୭୨୫୦ କୋଟି ଟଙ୍କା ପୁଞ୍ଜି ନିବେଶ କରାଯିବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବଲେ ୪୮୦୦ ପ୍ରତ୍ୟକ୍ଷ ଓ ୫ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଭେଣ୍ଡର ପାର୍କ ଏବଂ ସହାୟକ ଶିଳ୍ପ ପରିବେଶ ବିକଶିତ ହେବା ହେବ ବୋଲି ଆକଳନ କରାଯାଇଛି। ପ୍ରକଳ୍ପଟିରେ ଟାଇଟାନିୟମ ଏବଂ ସ୍ପେଶାଲିଷ୍ଟ ଇସ୍ପାତ ଭଳି ନୂତନ ଯୁଗର ଶି ଳ୍ପ

- କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ମଞ୍ଜୁରୀ
- ଢେଙ୍କାନାଳରେ ହେବ ମେଗା ଶିଳ୍ପ ପ୍ରକଳ୍ପ
- ୧୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ
- ରାଜ୍ୟ ବିଜ୍ଞାନ, ବୈଷୟିକ ପରିଷଦକୁ ଅନୁମୋଦନ
- ଭୁବନେଶ୍ୱରରୁ ଦୁବାଇ-ସିଙ୍ଗାପୁର ବିମାନ ଚଳାଚଳ ଜାରି ରହିବ
- ନୂତନ ସେବା ନିୟମ ସଂଶୋଧନ ଓ ନିଯୁକ୍ତି ସର୍ତ୍ତାବଳୀ ମଞ୍ଜୁର
- ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ ସଂଶୋଧନ
- ଜଳସେଚନ ପାଇଁ ଡାଇଭରସନ୍ ୱେୟାର ସୁଧାର ଯୋଜନା

ପରବର୍ତ୍ତୀ ବର୍ଷ ଗୁଡିକରେ ମୋଟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ୨୦ ହଜାରରୁ ଅଧିକ ସାମଗ୍ରୀ ଉତ୍ପାଦନ ଉପରେ ଓଡିଶାର ସ୍ଥିତି ଆହୁରୀ ମଜଭୁତ ହେବ। (୯ ପୃଷ୍ଠାରେ)

# ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା



ମୁମ୍ବାଇ, ୩୧ ।୧ : ସ୍ୱର୍ଗତ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ଆଜି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ସେ ହେଉଛନ୍ତି ଜଣେ ପ୍ରଥମ ମହିଳା। ଏହା ପୂର୍ବରୁ ଏହି ପଦବୀରେ କେହି ନଥିଲେ। ସୂଚନା ଯୋଗ୍ୟ ଗତ ବୁଧବାର ବାରମତିରେ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ପତ୍ନୀଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି।

ଲୋକ ଭବନରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ସମାରୋହରେ ଏନସିପିର ଶତାଧିକ (୯ ପୃଷ୍ଠାରେ)

# ଝାଡ଼ାବାନ୍ତିରେ ୪୦ ଛାତ୍ରଛାତ୍ରୀ ଆକ୍ରାନ୍ତ : ଜଣେ ମୃତ, ୨ ଗୁରୁତର

ରାୟଗଡା, ୩୧ ।୧ (ସବ୍ୟୁ) : ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଚାଟିକଣା ନିକଟରେ ରହିଥିବା ନଳିନୀ ବିଦ୍ୟାମନ୍ଦିରର ଛାତ୍ରାବାସରେ ୪୦ ଛାତ୍ରଛାତ୍ରୀଙ୍କୁ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଜଣକର ମୃତ୍ୟୁ ହୋଇଥିବା ବେଳେ ୨ଗୁରୁିବରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ମୃତକ ଛାତ୍ର ହେଉଛନ୍ତି ଲଗନା ଉର୍ଲାକା । ବିଷମକଟକ ଗୋଷ୍ଠୀସ୍ୱାସ୍ଥ କେନ୍ଦ୍ରରେ ସମସ୍ତ ଛାତ୍ରଛାତ୍ରୀ ଚିକିତ୍ସିତ



ହେଉଛନ୍ତି । ଦୁଇ ଗୁରୁତରଙ୍କୁ ଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏବେ ବି ଅଧିକାଂଶ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ସ୍କୁଲରେ ରହିଥିବା ନେଇ ଗୋଷ୍ଠୀସ୍ୱାସ୍ଥ କେନ୍ଦ୍ରର ଡାକ୍ତର ଟିମ୍ ଘୋଟଣା ସ୍ଥଳକୁ ଯାଇ ସ୍ଥିତି ଯାଞ୍ଚ କରୁଛନ୍ତି । ଶୁକ୍ରବାର ମଧ୍ୟାହ୍ନ ସମୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇଥିଲେ । ପରେ ସେମାନଙ୍କୁ ମୁଣ୍ଡବଥା, ଝାଡା, ବାନ୍ତି, ହୋଇଥିଲା କଦଳୀ ଗ୍ରାମର ପଞ୍ଚମଶ୍ରେଣୀ ଛାତ୍ରୀ ଲଗନା ହିକକାଙ୍କୁ ତାଙ୍କ ଅବିଭାବକଙ୍କୁ ଡକାଇ ଘରକୁ ପଠାଇ ଦେଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥବସ୍ଥା ବିଗିଡିବାରୁ ଘରେ ତାଙ୍କର ମୃତ୍ୟୁ ହୋଇଥିଲା । ଶନିବାର ମେଡିକାଲ ଟିମ୍ ନଳିନୀ ବିଦ୍ୟାମନ୍ଦିର ପହଞ୍ଚି ଅନୁଧ୍ୟାନ କରିଥିବା ଜଣାପଡିଛି ।

# କଳିକେଶଙ୍କ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର, ୩୧ ।୧ (ସବ୍ୟୁ) : ବଲାଙ୍ଗିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓଙ୍କ ପୁଅ କଲିକେଶ ସିଂହଦେଓ ଆଜି ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ପରେ କଲିକେଶ କହିଛନ୍ତି ଯେ ସେ ଜଣେ ଦଳର ସାଧାରଣ କର୍ମୀ । ତାଙ୍କୁ ଯାହା ଦାୟିତ୍ୱ ଦିଆଯିବ ସେ ପାଳନ କରିବେ। ବିଜେଡିରେ ନବୀନ ହିଁ ଏକମାତ୍ର ନେତା ଆଉ କୌଣସି ଦ୍ୱିତୀୟ ନେତାଙ୍କର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କଲିକେଶଙ୍କର ଏହି ବୟାନ ପରେ ଗତ କିଛି ଦିନ ହେବ ତାଙ୍କୁ ବିଜେଡିର ରାଜ୍ୟ ନେତୃତ୍ୱ ଦେବା ପାଇଁ ଯେଉଁ ଚର୍ଚ୍ଚା ଆରମ୍ଭ ହେଉଥିଲା ସେଥିରେ



ପୂର୍ଣ୍ଣଚ୍ଛେଦ ପଡିଛି।

କିଛି ଦିନ ତଳେ ଅନଙ୍ଗ ଉଦୟ ସିଂହଦେଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଏହାପରେ ବିଧାୟକ ଦିବ୍ୟଶଙ୍କର ମିଶ୍ର କଲିକେଶଙ୍କୁ ରାଜ୍ୟ ନେତୃତ୍ୱ ମିଳୁ ବୋଲି କହିଥିଲେ। ଏହାକୁ ନେଇ ଦଳ ମଧ୍ୟରେ ଏକ ଆଲୋଡନ ସୃଷ୍ଟି ହୋଇଥିଲା। ଏଭଳି ମନ୍ତବ୍ୟକୁ କିଛି ନେତା ମଧ୍ୟ ବିରୋଧ କରିଥିଲେ। ତେବେ ଏହା ପରେ ଦିବ୍ୟ ଶଙ୍କର ସ୍ପଷ୍ଟିକରଣ ଦେଇ ଏଭଳି କିଛି କହିନାହାଁନ୍ତି ବୋଲି ମତ ରଖିଥିଲେ। ତେବେ ଆଜି କଲିକେଶ ହଠାତ୍ ନବୀନ ନିବାସ ଆସିବା ନେଇ ରାଜନୈତିକ ମହଲରେ ଏକ ଗୁଞ୍ଜରଣ ପ୍ରକାଶ ପାଇଥିଲା। ତେବେ କଲିକେଶ ଭେଟିବା ସମୟରେ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା ମଧ ଉପସ୍ଥିତ ଥିଲେ। ଭେଟିବା ପରେ କଲିକେଶ କହିଛନ୍ତି ଯେ ଦ୍ୱିତୀୟ ନେତୃତ୍ୱ ନେବାର ପ୍ରଶ୍ନ ନାହିଁ। ନବୀନ ନେତୃତ୍ୱ ନେଇ ପ୍ରଶ୍ନ ଉଠୁନାହିଁ। ନବୀନଙ୍କ ସହ ପୁରା ବିଜୁ ଜନତା ଦଳ ରହିଛି। ଅତୀତରେ ଦଳ ଯାହା ଦାୟିତ୍ୱ ଦେଇଛି ସୂଚାରୁ ରୂପେ ପାଳନ କରିଛି। ବହୁଦିନ ହେଲା ଦଳ ସଭାପତିଙ୍କୁ ଭେଟିନଥିଲି। ଆଜି ସାକ୍ଷାତ କରି ବଲାଙ୍ଗିର ଜିଲ୍ଲାର (୯ ପୃଷ୍ଠାରେ)

- ନବୀନ ଥିବାଯାଏଁ ନେତୃତ୍ୱ ନେଇ କୌଣସି ପ୍ରଶ୍ନ ନାହିଁ
- ୨୦୨୯ରେ ନବୀନ ବାବୁ ନିର୍ବାଚନ ଲଢ଼ିବେ

# ନବମ ଶ୍ରେଣୀ ଛାତ୍ରକୁ ହାଣିଲା ଦଶମ ଛାତ୍ର

ବାଲେଶ୍ୱର, ୩୧ ।୧ (ସବ୍ୟୁ) : ପ୍ରେମ ଜନିତ ଘଟଣାକୁ କେନ୍ଦ୍ର କରି ରେମୁଣା ହାଇସ୍କୁଲରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ଭୁଜାଲି ମାଡ଼ରେ ଅନ୍ୟଜଣେ ନବମଶ୍ରେଣୀ ଛାତ୍ର ଗୁରୁତର ଭାବେ ଆହତ ହୋଇ ଫକୀରମୋହନ ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛି । ଘଟଣାରୁ ପ୍ରକାଶ ଶନିବାର ମଧ୍ୟାହ୍ନ ସମୟରେ ରେମୁଣା ହାଇସ୍କୁଲରେ ଏକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପ୍ରେମଜନିତ ଘଟଣାକୁ କେନ୍ଦ୍ର କରି ୨ଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହେବାପରେ ୧୦ମ ଶ୍ରେଣୀ ଛାତ୍ର ଜଣଙ୍କ ନବମଶ୍ରେଣୀ ଛାତ୍ରଙ୍କ ଉପରେ ଭୁଜାଲିରେ ଆକ୍ରମଣ କରିଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ପଠାଇ



ପୁଲିସରେ ଖବର ଦେଇଥିଲେ । ଆକ୍ରମଣ ପରେ ଆକ୍ରମଣକାରୀ ଛାତ୍ର ଜଣକ ଥାନାରେ ଆତ୍ମସମର୍ପଣ କରିବା ପରେ ପୁଲିସ ଛାତ୍ରଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି । ଏହି ଘଟଣା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଅଟକଥିବା ଛାତ୍ରଜଣଙ୍କ ନାବାଳକ ହୋଇଥିବାରୁ ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଚଳାଇଛି ।

# ନିଦ ପାଇଁ ଆବଶ୍ୟକ ମିନେରାଲ୍ସ



**ଉତ୍ତମ ନିଦ୍ରା ପାଇଁ କେବଳ ଏକ ଆରାମଦାୟକ ବିଛଣା ନୁହେଁ, ବରଂ ଶରୀରରେ ସଠିକ୍ ପରିମାଣର ଖଣିଜ ଲବଣ ବା ମିନେରାଲ୍ସ ରହିବା ମଧ୍ୟ ଅତ୍ୟନ୍ତ ଜରୁରୀ। କିଛି ନିର୍ଦ୍ଦିଷ୍ଟ ଖଣିଜ ପଦାର୍ଥ ଆମ ମସ୍ତିଷ୍କକୁ ଶାନ୍ତ କରିବା ସହ ମାଂସପେଶୀକୁ ଆରାମ ଦେଇଥାନ୍ତି। ଆସନ୍ତୁ ଜାଣିବା ସେହିଭଳି କିଛି ମିନେରାଲ୍ସ ସମ୍ପର୍କରେ ।**

**ମ୍ୟାଗ୍ନେସିୟମ୍-** ମ୍ୟାଗ୍ନେସିୟମ୍‌କୁ ନିଦ୍ରା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ବୋଲି କୁହାଯାଏ। ଏହା ଶରୀରରେ ଥିବା 'ଜିଏବିଏ' ନାମକ ଏକ ନ୍ୟୁରୋଟ୍ରାନ୍ସମିଟରକୁ ସକ୍ରିୟ କରେ, ଯାହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ। ଏହା ମାଂସପେଶୀର କଠିନତାକୁ କମ୍ କରିଥାଏ, ଯାହାଫଳରେ ଶରୀର ଶୀଘ୍ର ବିଶ୍ରାମ ଅବସ୍ଥାକୁ ଯାଏ। ଏହା ଆମର କର୍ଟିସୋଲ (ଷ୍ଟ୍ରେସ୍ ହରମୋନ୍)କୁ ନିୟନ୍ତ୍ରଣ କରି ମାନସିକ ଚିନ୍ତା ଦୂର କରେ। ତେଣୁ ନିଦ ନହେଉଥିଲେ ଖାଦ୍ୟରେ କଖାରୁ ମଞ୍ଜି, ପାଳଙ୍ଗ ଶାଗ, ବାଦାମ ଏବଂ ଡାର୍କ ଚକୋଲେଟ ସାମିଲ କରନ୍ତୁ ।

**ପୋଟାସିୟମ୍-** ପୋଟାସିୟମ୍ ଶରୀରରେ ରକ୍ତ ସଞ୍ଚାଳନ ଏବଂ ହୃଦସ୍ପନ୍ଦନକୁ ସ୍ୱାଭାବିକ ରଖିବାରେ ସାହାଯ୍ୟ କରେ। ଏହା ଗଭୀର ନିଦ୍ରାର ସମୟ ସୀମା ବଢ଼ାଇଥାଏ। ରାତିରେ ବାରମ୍ବାର ଉଠିବାକୁ ଏହା ରୋକିଥାଏ । ଏହାର ଅଭାବରେ ରାତିରେ ଗୋଡ଼ର ମାଂସପେଶୀ ଟାଣି ହୋଇଥାଏ , ଯାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରେ । ଆମକୁ ପୋଟାସିୟମ କଦଳୀ, କନ୍ଦମୂଳ ତଥା ନଡ଼ିଆ ପାଣିରୁ ମିଳିଥାଏ ।

**କ୍ୟାଲସିୟମ୍-** କ୍ୟାଲସିୟମ୍ କେବଳ ହାଡ଼ ପାଇଁ ନୁହେଁ, ବରଂ ନିଦ୍ରା ପାଇଁ ମଧ୍ୟ ଜରୁରୀ। ଏହା ମସ୍ତିଷ୍କକୁ 'ଟ୍ରିପ୍ଟୋଫାନ୍' ବ୍ୟବହାର କରି 'ମେଲାଟୋନିନ୍' ବା ନିଦ୍ରା ହରମୋନ୍ ତିଆରି କରିବାରେ ସାହାଯ୍ୟ କରେ। ଏହା ଶରୀରକୁ ସୂଚନା ଦିଏ ଯେ ଏବେ ଶୋଇବା ସମୟ ହୋଇଗଲାଣି, ଯାହାଫଳରେ ଆପଣଙ୍କୁ ଶୀଘ୍ର ନିଦ୍ରା ଆସେ। କ୍ଷୀର, ଦହି, ଛେନା ଏବଂ ସବୁଜ ପନିପରିବାରୁ ଏହା ଭରପୂର ମାତ୍ରାରେ ମିଳିଥାଏ ।

**ଜିଙ୍କ୍-** ଜିଙ୍କ୍ ଆମ ସ୍ନାୟୁ ପ୍ରଣାଳୀକୁ ଶାନ୍ତ ରଖିବା ପାଇଁ ଏକ ସେଡେଟିଭ୍ ଭଳି କାମ କରିଥାଏ । ସ୍ୱପ୍ନ ଓ ଗଭୀର ନିଦ୍ରା: ଜିଙ୍କ୍ ନିଦ୍ରାର ବିଭିନ୍ନ ପର୍ଯ୍ୟାୟକୁ ଏହା ସନ୍ତୁଳିତ ରଖେ, ଯାହାଫଳରେ ଆମେ ସକାଳେ ଉଠିବା ବେଳକୁ ସତେଜ ଅନୁଭବ କରନ୍ତି। ପ୍ରତିଦିନ ଖାଦ୍ୟରେ ମାଂସ, ବାଦାମ, ଚଣା ଏବଂ ବିଭିନ୍ନ ପ୍ରକାରର ଶସ୍ୟ ସାମିଲ କରନ୍ତୁ।

**ଆଇରନ୍-** ଲୌହ ବା ଆଇରନ୍‌ର ଅଭାବରେ 'ରେଷ୍ଟଲେସ୍ ଲେଗ୍ ସିଣ୍ଡ୍ରୋମ୍' ହୋଇଥାଏ, ଯେଉଁଥିରେ ଶୋଇବା ବେଳେ ଗୋଡ଼ ହଲାଇବାକୁ ଇଚ୍ଛା ହୁଏ। ଆଇରନ ମସ୍ତିଷ୍କକୁ ସଠିକ୍ ପରିମାଣର ଅମ୍ଳଜାନ ପହଞ୍ଚାଏ, ଯାହା ଫଳରେ ମସ୍ତିଷ୍କ ବିଶ୍ରାମ ନେଇପାରେ। ମାଂସ, ଡାଲି ଜାତୀୟ ଖାଦ୍ୟ, ପାଳଙ୍ଗ ଏବଂ କିସମିସରେ ଆଇରନର ମାତ୍ରା ଖୁବ ଅଧିକ ଥାଏ ।



## ସୋସିଆଲ କୋଟ୍ସ



ମର୍ଦ୍ଦାନୀ ପାଇଁ ମୋ ରାଣୀଙ୍କୁ ହୃଦୟରୁ ଶୁଭେଚ୍ଛା। ମୁଁ ଜାଣିଛି ତୁମେ ଖୁବ ଭଲ କାମ କରିଥିବ, ଆଶା ଅଛି ମର୍ଦ୍ଦାନୀରେ ତୁମ ଅଭିନୟକୁ ଦର୍ଶକ ଖୁବ ଭଲାପାଇବା ଦେବେ । ମର୍ଦ୍ଦାନୀର ଚରିତ୍ର ଭଳି ତୁମେ ତୁମ ବାସ୍ତବ ଜୀବନରେ ଖୁବ ସାହସୀ ।

**ଶାହରୁଖ ଖାନ, ଅଭିନେତା**



ବର୍ଡର ଯେଉଁ ନିଜର ଏକ ଟ୍ରେଡ ମାର୍କ ସେଟ କରିଥିବା ତାହାକୁ ବର୍ଡର ୨ରେ ମ୍ୟାଚ କରିବା ଆମର ସବୁଠାରୁ ବଡ ଲକ୍ଷ ଥିଲା । ଆମେ ଅନୁ ମଲ୍ଲିକ ଓ ଜାବେଦ ଅଖତରଙ୍କ ପାଖରୁ ଅନେକ କିଛି ଶିଖିଛୁ ।

**ମନୋଜ ମୁନ୍ତଶିର, ଫିଲ୍ମ ଗିତିକାର**



ଫିଲ୍ମର ପ୍ରସ୍ତୁତି ସମୟରେ ଅନେକ ଉତ୍ତର ଦାୟିତ୍ୱ କାନ୍ଧରେ ଥିଲା । କିଭଳି ପୂର୍ବ ଫିଲ୍ମ ଭଳି ଦର୍ଶକଙ୍କୁ ଏହି ଫିଲ୍ମରେ ମଧ୍ୟ ସମାନ ଅନୁଭୂତି ପ୍ରଦାନ କରିବୁ ତାହା ପ୍ରାଥମିକ ଲକ୍ଷ ଥିଲା ।

**ମିଥୁନ, ସଙ୍ଗୀତ ନିର୍ଦ୍ଦେଶକ**

## ଇତିହାସ

୧୭୯୦ - ନ୍ୟୁୟର୍କରେ ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟ ଅଫ୍ ଦିୟୁନାଇଟେଡ୍ ଷ୍ଟେଟ୍ସର ଆୟୋଜନ କରାଗଲା ।

୧୭୯୩ -ୟୁନାଇଟେଡ୍ କିଙ୍ଗଡମ୍ ଓ ନେଦରଲାଣ୍ଡ ବିପକ୍ଷରେ ଫ୍ରାନ୍ସର ଯୁଦ୍ଧ ଘୋଷଣା ।

୧୮୧୪ - ଫିଲିପିନ୍ସରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୧୨୦୦ ଲୋକଙ୍କ ପ୍ରାଣହାନୀ ।

୧୮୨୭ - କୋଲକାତା ବେଙ୍ଗଲ କ୍ଲବ୍ ସ୍ଥାପିତ ।

୧୮୩୫ - ମରିସସ୍‌ରେ ଦାସପ୍ରଥା ସମାପ୍ତ ହେଲା ।

୧୮୫୫ - ଇଷ୍ଟଇଣ୍ଡିଆ ରେଲୱେର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଗଲା ।

୧୮୮୧ - ଦିଲ୍ଲୀର ସବୁଠୁ ପୁରୁଣା କଲେଜ୍ ସେଣ୍ଟ୍ ଷ୍ଟିଫେନ୍ କଲେଜର ସ୍ଥାପନା କରାଗଲା ।

୧୮୮୪ - ଡାକ ବୀମା ଯୋଜନା ଲାଗୁ ହେଲା ।

୧୯୩୦ - ଦି ଟାଇମ୍ସ ପ୍ରଥମକରି କ୍ରସ୍ ଓ୍ୱାର୍ଡ଼ ପଜଲ୍ ପ୍ରକାଶିତ କରିଥିଲା ।

୧୯୬୪ - ଭାରତରେୟୁନିଟ୍ ଟ୍ରଷ୍ଟର ସ୍ଥାପନା ହେଲା ।

୨୦୦୩ - ପ୍ରଥମ ମହିଳା ଭାରତୀୟ ମହାକାଶଯାତ୍ରୀ କଳ୍ପନା ଚାୱଲାଙ୍କ ଦେହାନ୍ତ ।

# ବ୍ରାଜିଲ ଶିକ୍ଷାବିତ ଜୋନାସ ମାସେଟି ଭାରତରେ ପାଇଲେ 'ପଦ୍ମଶ୍ରୀ' ଉପାଧି

ବ୍ରାଜିଲର ଜୋନାସ୍ ମାସେଟିଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଭାରତୀୟ ବେଦ ଏବଂ ଭଗବଦ୍ ଗୀତାର ଅମୂଲ୍ୟ ଜ୍ଞାନ ପ୍ରସାର କରିଥିବାରୁ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି, ଯାହା ସମଗ୍ର ବିଶ୍ୱ ପାଇଁ ଏକ ପ୍ରେରଣାଦାୟୀ ଖବର। ଦିନେ ବ୍ରାଜିଲ୍ ସେନାରେ ୫ ବର୍ଷ ଧରି ଜଣେ ମେକାନିକାଲ୍ ଇଞ୍ଜିନିୟର ଏବଂ ପରବର୍ତ୍ତୀ ସମୟରେ ଷ୍ଟକ୍ ମାର୍କେଟ କମ୍ପାନୀରେ ଜଣେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିବା ଜୋନାସ୍, ଆଧ୍ୟାତ୍ମିକତା ଆକର୍ଷଣରେ ନିଜ ଜୀବନର ମାର୍ଗ ବଦଳାଇ ଦେଇଥିଲେ। ଜଣେ ସନ୍ନ୍ୟାସୀଙ୍କ ପରି ଶରୀରରେ ରୁଦ୍ରାକ୍ଷ ମାଳା, ମୁଣ୍ଡରେ ପାରମ୍ପରିକ ଶିଖା ଏବଂ ଖାଲି ପାଦରେ ଚାଲୁଥିବା ଏହି ବିଦେଶୀ ସାଧକ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବେଦ, ଗୀତା ଏବଂ ଯୋଗ ବିଜ୍ଞାନର ଶିକ୍ଷା ଦେଇ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। 'ପଦ୍ମଶ୍ରୀ' ଭଳି ଏକ ସମ୍ମାନ ଗ୍ରହଣ କରିବା ସମୟରେ ମଧ୍ୟ ତାଙ୍କର ସରଳତା ଓ ନିଷ୍ଠା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା; ଜଣେ ଅଣ-ଭାରତୀୟ ହୋଇ ଭାରତୀୟ ସଂସ୍କୃତିର ଗଭୀର ତତ୍ତ୍ୱକୁ ଯେଭଳି ଭାବେ ସେ ଆପଣେଇଛନ୍ତି, ତାହା ପ୍ରକୃତରେ ପ୍ରଶଂସନୀୟ ଏବଂ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ।



# ସିମ୍‌ରୁ ବାହାରୁଛି ସୁନା

ନିକଟରେ ଜଣେ ବ୍ଲଗରଙ୍କର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଚୀନର ଉକ୍ତ ବ୍ଲଗର ମୋବାଇଲ ସିମ ଓ ଅନ୍ୟ ବିଦୁତ୍ ପରିଚାଳିତ ସିମରୁ ଏହି ସୁନା ସେ ବାହାର କରିଥିବାନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଉକ୍ତ ବ୍ଲଗର ଜଣଙ୍କ ହଜାର ହଜାର ସଂଖ୍ୟାରେ ପୁରୁଣା ସିମ୍ ଓ ଇଲେକ୍ଟ୍ରୋନିକ୍ସ ଚିପ ଗୁଡିକୁ ଏକାଠି କେମିକାଲରେ ପକାଇଥିଲେ । ଏହି କେମିକାଲରେ ଉକ୍ତ ଚିପକୁ ପ୍ରୋସେସ କରାଯାଇ ସୁନା ବାହାର କରାଯାଇଥିଲା । ପ୍ରଥମେ ଏହି ପ୍ରକ୍ରିୟାରେ ପୁରୁଣା ସିମକୁ ବହୁତ ଶକ୍ତ କେମିକାଲରେ ପକାଯାଇଥିଲା । ଏହାପରେ ଇଲେକ୍ଟ୍ରୋଲାଇଟିକ ପ୍ରୋସେସ ସହାୟତାରେ ଏଥିରୁ ସୁନା ବାହାର କରାଯାଇଥିଲା, ଯାହାର ପୁରା ଭିଡିଓ ବ୍ଲଗର ଜଣଙ୍କ ସୋସିଆଲ ମିଡିଆରେ ମଧ୍ୟ ଅପଲୋଡ କରିଛନ୍ତି । ପ୍ରତି ସିମରୁ ସେ ପାଖାପାଖି ୨୦ ମିଲିଗ୍ରାମ ସୁନା ବାହାର କରିଥିବା ନେଇ ଦାବି କରିଛନ୍ତି । ତେବେ ଏକ୍ସପର୍ଟଙ୍କ ମତରେ ପ୍ରତି ସିମ କାର୍ଡରେ ୦.୪୭ ମିଲିଗ୍ରାମର ସୁନା ରହିଥାଏ । ତେବେ ବ୍ଲଗର ଦାବି କରିଛନ୍ତି କି ଏହି ସିମ୍ ଗୁଡିକ ଖୁବ ସ୍ୱତନ୍ତ୍ରଥିଲା ତେଣୁ ଏଥିରୁ ଅଧିକ ସୁନା ବାହାର କରାଯାଇଛି ।



# ଆଲିଆଙ୍କ ପ୍ରଶଂସା



ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ ଭାରତୀୟ ସିନେମା ଜଗତରେ ଏକ ବଡ଼ ଧମାକା ଦେଖିବାକୁ ମିଳିଛି। ୧୯୯୭ ମସିହାର କାଳଜୟୀ ଯୁଦ୍ଧଭିତ୍ତିକ ଚଳଚ୍ଚିତ୍ର 'ବର୍ଡର'ର ବହୁ ପ୍ରତିକ୍ଷିତ ସିକୁଏଲ୍ 'ବର୍ଡର ୨' ପରଦାକୁ ଆସିବା ମାତ୍ରେ ଦର୍ଶକ ଏହାକୁ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି। ଏହି ଚଳଚ୍ଚିତ୍ରରେ ବଲିଉଡର ଆକ୍ସନ ଷ୍ଟାର ସନି ଦେଓଲ ପୁଣିଥରେ ଜଣେ ଦେଶପ୍ରେମୀ ସୈନିକ ଭାବରେ ଫେରିଛନ୍ତି । ଏଥର ତାଙ୍କ ସହ ମୁଖ୍ୟ ଭୂମିକାରେ ବରୁଣ ଧୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ଶେଟ୍ଟୀ ମଧ୍ୟ ନଜର ଆସିଛନ୍ତି । ଫିଲ୍ମଟିକୁ ନେଇ ସବୁଆଡେ ଚର୍ଚ୍ଚା ଚାଲିଥିବା ବେଳେ ଏବେ ବଲିଉଡର ଅଭିନେତ୍ରୀ ଆଲିଆ ଭଟ୍ଟ ଏହାକୁ ଦେଖି ନିଜର ପ୍ରତିକ୍ରିୟା ରଖିଛନ୍ତି। ଆଲିଆ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ 'ବର୍ଡର ୨'ର ଟ୍ରିବ୍ୟୁଟ୍ ଟ୍ରେଲର ସେୟାର କରି ଏହାକୁ ଏକ 'ସୁନ୍ଦର ଚଳଚ୍ଚିତ୍ର' ବୋଲି ବର୍ଣ୍ଣନା କରିଛନ୍ତି। ସେ ନିର୍ଦ୍ଦେଶକ ଅନୁରାଗ ସିଂ ଏବଂ ସମଗ୍ର କଳାକାରଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରିଛନ୍ତି। ବିଶେଷକରି ନିଜର ଘନିଷ୍ଠ ବନ୍ଧୁ ତଥା ପ୍ରଥମ ଫିଲ୍ମର ସହ-ଅଭିନେତା ବରୁଣ ଧୱନଙ୍କ ପାଇଁ ସେ ଏକ ସ୍ୱତନ୍ତ୍ର ପୋଷ୍ଟ ଲେଖି କହିଛନ୍ତି ଯେ, ବରୁଣ ଏହି ଫିଲ୍ମରେ ଶ୍ରେଷ୍ଠ ଅଭିନୟ କରିବା ସହ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ବରୁଣଙ୍କ ପାଇଁ ଏହି ବର୍ଷଟି ବହୁତ ଭଲ ଆରମ୍ଭ ହୋଇଥିବାରୁ ସେ ଖୁବ୍ ଖୁସି ବୋଲି ପ୍ରକାଶ କରିଛନ୍ତି । 'ବର୍ଡର ୨'ର କାହାଣୀ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ, ଯେଉଁଠାରେ ଭାରତୀୟ ସୈନିକମାନେ ଅଦମ୍ୟ ସାହସ ଦେଖାଇ ନିଜ ମାତୃଭୂମିକୁ ଶତ୍ରୁ କବଳରୁ ରକ୍ଷା କରିଥିଲେ। ଏହି ସିକୁଏଲରେ ସନି ଦେଓଲଙ୍କୁ ଲେଫ୍ଟନାଣ୍ଟ କର୍ଣ୍ଣେଲ ଫତେହ ସିଂ କାଲେର, ବରୁଣ ଧୱନଙ୍କୁ ମେଜର ହୋସିଆର ସିଂ ଦାହିଆ, ଦିଲଜିତ ଦୋସାଞ୍ଜଙ୍କୁ ଫ୍ଲାଇଂ ଅଫିସର ନିର୍ମଳ ଜିତ ସିଂ ଶେଖୋନ ଏବଂ ଆହାନ ଶେଟ୍ଟୀଙ୍କୁ ଲେଫ୍ଟନାଣ୍ଟ କମାଣ୍ଡର ମହେନ୍ଦ୍ର ସିଂ ରାୱତ ଭୂମିକାରେ ଦେଖିବାକୁ ମିଳିଛି। ଫିଲ୍ମରେ ଭାରତୀୟ ସ୍ଥଳସେନା, ବାୟୁସେନା ଏବଂ ନୌସେନାର ମିଳିତ ସାହସିକତାକୁ ଚିତ୍ରଣ କରାଯାଇଛି ।

## ହାଃହାଃ



ସ୍ତ୍ରୀ: ଶୁଣୁଛ, ଆଜି ମୋତେ ଏମିତି କିଛି କୁହ ଯେମିତି ମୋ ହାର୍ଟ ବିଟ୍ ବଢ଼ିଯିବ!


ସ୍ୱାମୀ: ତୁମ ମୋବାଇଲ୍ ମୋ ହାତରେ ଅଛି ଆଉ ମୁଁ ତୁମ ସଫି ଆପ ଚେକ୍ କରୁଛି!

## ଓଡ଼ିଆ ରୁଚି

# ମୁଢିଘାଣ୍ଟ

**ସାମଗ୍ରୀ :** ମାଛ ମୁଣ୍ଡ, ମାଛ କଣ୍ଟା ନଥିବା ପିସ, ବୁଟ ଡାଲି, ଆଳୁ, କଖାରୁ, ବାଇଗଣ, ପିଆଜ କଟା, ଅଦା-ରସୁଣ ବଟା, ଟମାଟୋ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା, ତେଜପତ୍ର, ଜିରା, ଶୁଖିଲା ଲଙ୍କା, ସୋରିଷ ତେଲ, ଲୁଣ (ସ୍ୱାଦ ଅନୁସାରେ) ଏବଂ ଧନିଆ ପତ୍ର ।

**ପ୍ରଣାଳୀ:** ପ୍ରଥମେ ମାଛ ମୁଣ୍ଡ ଓ ମାଛରେ ଲୁଣ ଓ ହଳଦୀ ଗୋଳାଇ ତେଲରେ ଭଲ ଭାବେ ଭାଜି ଦିଅନ୍ତୁ । ଭାଜିଲା ବେଳେ ଏହାକୁ ଟିକେ ଖଣ୍ଡ ଖଣ୍ଡ କରି ଦିଅନ୍ତୁ । ଅନ୍ୟପଟେ ବୁଟ ଡାଲି ଓ କଟା ପରିବା ଗୁଡ଼ିକୁ ସାମାନ୍ୟ ଲୁଣ ଓ ହଳଦୀ ଦେଇ ପ୍ରେସର କୁକରରେ ୧-୨ଟି ସିଟି ଦେଇ ସିଝାଇ ଦିଅନ୍ତୁ (ଧ୍ୟାନ ରଖିବେ ଯେପରି ପରିବା ଓ ଡାଲି ବେଶୀ ସିଝି ନଯାଏ) । ଅନ୍ୟପଟେ ଏକ କଡ଼େଇରେ ତେଲ ଗରମ କରି ସେଥିରେ ଜିରା, ତେଜପତ୍ର ଏବଂ ଶୁଖିଲା ଲଙ୍କା ଫୁଟାନ୍ତୁ । ଏବେ କଟା ପିଆଜ ପକାଇ ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ । ଏହାପରେ ଅଦା-ରସୁଣ ବଟା ପକାଇ ତା'ର କଞ୍ଚା ବାସ୍ନା ଯିବା ଯାଏ କସନ୍ତୁ । ଏହାପରେ ଏଥିରେ କଟା ଟମାଟୋ ଏବଂ ସବୁ ଗୁଣ୍ଡ ମସଲା (ହଳଦୀ, ଲଙ୍କା, ଜିରା ଓ ଧନିଆ ଗୁଣ୍ଡ) ପକାଇ ସାମାନ୍ୟ ପାଣି ଦେଇ ଭଲ ଭାବେ କସନ୍ତୁ। ମସଲା ଭଲ ଭାବେ ହୋଇଗଲେ, ସେଥିରେ ଭଜା ହୋଇଥିବା ମାଛ ମୁଣ୍ଡ ଖଣ୍ଡ ଗୁଡ଼ିକୁ ପକାଇ ମିଶାଇ ଦିଅନ୍ତୁ। ଅଳ୍ପ ସମୟ ଭାଜିବା ପରେ ଏଥିରେ ସିଝା ହୋଇଥିବା ଡାଲି ଓ ପରିବାକୁ ଢାଳି ଦିଅନ୍ତୁ । ଆବଶ୍ୟକ ଅନୁସାରେ ସାମାନ୍ୟ ପାଣି ଦେଇ ଏହାକୁ ୫-୭ ମିନିଟ୍ ଯାଏ ଫୁଟିବାକୁ ଛାଡ଼ି ଦିଅନ୍ତୁ । ଶେଷରେ ଉପରେ ଗରମ ମସଲା ଗୁଣ୍ଡ ଏବଂ କଟା ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ ପ୍ରସ୍ତୁତ ହୋଇଗଲା ଓଡ଼ିଆଙ୍କ ପସନ୍ଦର ମୁଢିଘାଣ୍ଟ ।





**ମେଷ-** ମାନସିକ କ୍ଲେଶ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସହଯୋଗ, ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଦେବକାର୍ଯ୍ୟ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ସ୍ୱଜନେ ବିଳମ୍ବ, ଉଚ୍ଚଆଶାରେ ବିଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୪, ଆରାଧନା- ମା ଧୂମାବତୀ।

**ବୃଷ-** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ସହଯୋଗ, ତୀର୍ଥାଟନ, ପାରିବାରିକ ସହଯୋଗ, ବ୍ୟବସାୟରେ ଉନ୍ନତି, ଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟାରମ୍ଭ, ଦାମ୍ପତ୍ୟ ଖୁସି, ସନ୍ତାନ କଷ୍ଟ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ।

**ମିଥୁନ-** ଅର୍ଥ ଖର୍ଚ୍ଚ, ଶୁଭକାର୍ଯ୍ୟ, ଶତ୍ରୁ ସମାଧାନ, ଗୃହେ ଉତ୍ସବ, ସୁମିଷ୍ଟ ଭୋଜନ, ଶାରିରିକ କଷ୍ଟ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ।

**କର୍କଟ-** ସଫଳତା, ବନ୍ଧୁଲାଭ, ସମ୍ମାନ ପ୍ରାପ୍ତି, ଅର୍ଥପ୍ରାପ୍ତି, ବିବାଦ ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଧନପ୍ରାପ୍ତି, ଶରୀର ଅସୁସ୍ଥ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୨, ଆରାଧନା- ଭଗବାନ ଶଙ୍କର।

**ସିଂହ-** ଯାତ୍ରାଜନିତ କ୍ଲେଶ, ଅର୍ଥଖର୍ଚ୍ଚ, ସୁମିଷ୍ଟ ଭୋଜନ, ଅଳ୍ପ ସମସ୍ୟା, ତୀର୍ଥାଟନ, ବନ୍ଧୁ ବିରୋଧ, ପାରିବାରିକ ସମସ୍ୟା, ଅର୍ଥକୁ ନେଇ ବିବାଦ, କର୍ମକ୍ଷେତ୍ରେ ମିତ୍ରତା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମା ଦକ୍ଷିଣକାଳୀ।

**କନ୍ୟା-** ମର୍ଯ୍ୟାଦା ଲାଭ, ଶୁଭଖବର, ଉଚ୍ଚଆଶା ପୂର୍ଣ୍ଣ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ପିଲାଙ୍କ ଶୁଭଖବର, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା- ମା କମଳା।

**ତୁଳା-** ଆୟ ବୃଦ୍ଧି, ଶତ୍ରୁ ସମସ୍ୟା, ଶାରୀରିକ କ୍ଲେଶ, ଦେବଦର୍ଶନ, ବନ୍ଧୁଲାଭ, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟ ଆରମ୍ଭ, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ।

**ବିଛା-** ବିଘ୍ନ ଘଟିବ, ଶତ୍ରୁ ସମସ୍ୟା, ଅଳ୍ପ ଖୁସି, ଜମିଜମା ଗଣ୍ଡଗୋଳ, ସମ୍ପର୍କ ହାନି, ଶରୀର କଷ୍ଟ, ବ୍ୟବସାୟରେ ଅଳ୍ପ ଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ବିଷ୍ଣୁ ଭଗବାନ।

**ଧନୁ-** କର୍ମକ୍ଷେତ୍ରେ ଲାଭ, ଉଚ୍ଚଆଶାରେ ବାଧା, ଶରୀର କ୍ଲେଶ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ସୁଖ, ବ୍ୟବସାୟରେ ଖୁସି, ବିଦ୍ୟାରେ ସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ମା ବଗଳାମୁଖୀ।

**ମକର-** ବନ୍ଧୁଲାଭ, ଆଶାପୂର୍ଣ୍ଣ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁ ସମସ୍ୟା, ଶାରୀରିକ କ୍ଲେଶ, ଖର୍ଚ୍ଚାନ୍ତ ଯୋଗ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା- ମା ମଙ୍ଗଳା।

**କୁମ୍ଭ-** ନୂତନ ଆୟ, ଦେବକାର୍ଯ୍ୟ, ଅର୍ଥଲାଭ, ଶରୀର କଷ୍ଟ, ଶତ୍ରୁସମସ୍ୟା, ବନ୍ଧୁଲାଭ, ଆଶାରେ ବିଫଳ, ତୀର୍ଥାଟନ, କିଛି କାର୍ଯ୍ୟରେ ବିବାଦ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା ପାର୍ବତୀ।

**ମୀନ-** ଜମିଜମାରେ ସମସ୍ୟା, ସ୍ୱଳ୍ପ ଲାଭ, ନୂତନ ନିଯୁକ୍ତି, ପାରିବାରିକ ଖୁସି, ତୀର୍ଥାଟନ, ଗାଡ଼ିମୋଟର ଚାଳନାରେ ସାବଧାନ, ଉଚ୍ଚଆଶା ବିଫଳ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା ଭଗବତୀ।

**ମାଘମାସ ଶୁକ୍ଳପକ୍ଷ, ପୂର୍ଣ୍ଣିମା**
**୧.୨.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଓଡ଼ିଆ ଭାଷାରେ ଏକାଦଶ ଶ୍ରେଣୀ ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ବହି ଦୋକାନରେ ଉପଲବ୍ଧ ହେବ



ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ ଗୁଡିକ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକ ଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଆଜି ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ ରୁ ୨୦ ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ । ଏହି ପୁସ୍ତକ ଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ । ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦, ୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି ।

ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି । ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ । ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ

କଟକ, (ସବ୍ୟୁ):ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଡମଣି ପୀଠ ପରିସରରେ କଟକ ସାଂସଦ, ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ସାଲେପୁର ପ୍ରଶାନ୍ତ ବେହେରା, ବିଧାୟିକା, ବାରବାଟୀ-କଟକ, ଇଂ ସୋଫିଆ ଫିରଦୋସ, ବିଧାୟକ, କଟକ-ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ବଡମ୍ବା ବିଜୟ କୁମାର ଦଳବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ସଂଯୋଜନାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଚତୁର୍ଥ ଦିଶା ବୈଠକର ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସଂମ୍ପର୍କରେ ଜନ ପ୍ରତିନିଧମାନଙ୍କୁ ବୈଠକରେ ଉପସ୍ଥିତ ହୋଇଥିବା ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା । ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଯେଉଁ ଯେଉଁ ବ୍ଲକ ମାନଙ୍କରେ ଲକ୍ଷପତି ଦିଦି କମିଛି ତାହାକୁ ତର୍ଜମା ପୂର୍ବକ ପୂରଣ କରାଯିବା ନେଇ ଆଲୋଚନା କରାଯାଇଥିଲା । ସମଗ୍ର ଜିଲ୍ଲାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ସଂଯୋଗୀକରଣ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

# ବ୍ରାଉନସୁଗର ଜବତ ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଅବକାରୀ ମୋବାଇଲ ସ୍କ୍ୱାର୍ଡ ମଳିପଡା ଛକରେ ଚଢଉ କରି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟ କଂଟାଛକ ଅଂଚଳର ହୃଷିକେଶ ସାହୁ (୩୭)।

# ସମୁଦ୍ରରେ ସ୍ନାନ କରୁଥିବା ବେଳେ ବୁଡ଼ି ମା ପୁଅଙ୍କ ମୃତ୍ୟୁ

ପୁରୀ, (ସବ୍ୟୁ): ପୁଣି ପୁରୀ ସମୁଦ୍ରରେ ଘଟିଛି ଅଘଟଣ । ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟ ନେଇ ଯାଇଛି ମା ପୁଅଙ୍କ ଜୀବନ। ମୃତ ମା ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ମା ପୁଅଙ୍କ ମୃତ୍ୟୁକୁ ନେଇ ପୁରୀ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଆଜି ସକାଳେ କୁସୁମ ଓ ଅଙ୍କିତ ପରିବାର ଲୋକଙ୍କ ସହ ପୁରୀ ଚକ୍ରତୀର୍ଥ ରୋଡ ପିଙ୍କ ହାଉସ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏକ ବଡ଼ ଲହଡ଼ି ସାଙ୍ଗକୁ ରିପ କରେଣ୍ଟ ରେ ପଡ଼ି କୁସୁମ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ମା ଙ୍କୁ ବଞ୍ଚାଇବା କୁ ଯାଇ ପୁଅ ଅଙ୍କିତ ସମୁଦ୍ର ଭିତରକୁ ଯିବାରୁ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟ ମାନେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ଦୁଇଜଣ ମା ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ କୁ ପଠାଇଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚକ୍ରତୀର୍ଥ ବେଳାଭୂମି ପଟେ ଲାଇଫ ଗାର୍ଡ ମୁତୟନ ହୋଇ ନଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।








ଭୁବନେଶ୍ୱର ସପ୍ତମ ବାଟାଲିୟନ ପରିସର ରେ ଆୟୋଜିତ ପତାକା ଅବତରଣ ଉତ୍ସବ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ନନ୍ଦନକାନନରେ ପଡ଼ିଛି ନୂଆ ବିପଦ, କୁମ୍ଭୀର ମଡ଼କ

ବାରଙ୍ଗ,(ସବ୍ୟୁ):ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପ୍ରତି ପୁଣି ଏକ ନୂଆ ବିପଦ ମାଡ଼ି ଆସିଛି। ଗତ ୨୦୧୯ ମସିହାରେ ହାତୀ ମଡ଼କ ଘଟଣା ମନରୁ ଲିଭି ନଥିବା ବେଳେ ପୁଣି ଏବେ ବଉଳା କୁମ୍ଭୀରଙ୍କ ଲଗାତାର ମୃତ୍ୟୁ ସହିତ ଦୁଇଟି ଧଳା ମୟୂରର ମୃତ୍ୟୁ ପ୍ରାଣୀ ପ୍ରେମୀମାନଙ୍କୁ ବ୍ୟଥିତ କରିଛି। ନନ୍ଦନକାନନ ଜନ୍ତୁ ବିଭାଗର ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ପାଟି ଫିଟୁନଥିବା ନିରୀହ ଜୀବଜନ୍ତୁଙ୍କର ଅକାଳ ମୃତ୍ୟୁ ଘଟୁଥିବାର ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ପ୍ରାଣୀ ଉଦ୍ୟାନରେ ଗୋଟିଏ ପରେ ଗୋଟିଏ ବଉଳା କୁମ୍ଭୀରଙ୍କ ମୃତ୍ୟୁ ଘଟି ଚାଲିଥିବା ବେଳେ ରୋକ୍ ଲଗାଇବାରେ ବିଫଳ ହେଉଛନ୍ତି ଚିକିତ୍ସକ। ଯାହାକୁ ନେଇ ନନ୍ଦନକାନନ ଚିକିତ୍ସକଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଗତ ତିନି ଦିନ ମଧ୍ୟରେ ୫ଟି ବଉଳା କୁମ୍ଭୀରଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୨୮ ତାରିଖରେ ଗୋଟିଏ ଧଳା ମୟୂର ଓ ପୁଣି ମୃତ୍ୟୁର ପରଦିନ ଅର୍ଥାତ ୨୯ ତାରିଖରେ ପୁଣି ଗୋଟିଏ ଧଳା ମୟୂରର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞଙ୍କ ଦ୍ୱାରା ଶୁକ୍ରବାର ମୃତ କୁମ୍ଭୀରଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତ୍ୟୁର କାରଣ ଜାଣିବା ପାଇଁ ମୃତ ଓ ଜୀବନ୍ତ କୁମ୍ଭୀରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି।



ଲୋକସେବା ଭବନରେ ପଣ୍ଡିତ ଦୈତ୍ୟାରି ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱଲିଖିତ ପୁସ୍ତକ "ଓଡ଼ିଶା ପ୍ରଗତିର ସାଥୀ ଓ ସାରଥୀ : ମୋହନ ଚରଣ" ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ଉପରେ ଲିଖିତ ଏହି ପୁସ୍ତକଟି କଟକର ସରସ୍ୱତୀ ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଛି।

## ରଘୁନାଥପୁରରେ ହିନ୍ଦୁ ମହାସମ୍ମିଳନୀ

ବାରଙ୍ଗ,(ସବ୍ୟୁ):ଶନିବାର ଦିନ ରଘୁନାଥପୁର ଗ୍ରାମରେ ହିନ୍ଦୁ ମହା ସମ୍ମିଳନୀ ପାଳିତ ହୋଇ ଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ବିଷ୍ଣୁ ପ୍ରସାଦ ଜେଠୀ,ମାଳିକା କଥାକାର ପଦ୍ମନାଭ ବେହେରା ଓ ମୁଖ୍ୟବକ୍ତା ଭାବେ ଡ଼ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ହିନ୍ଦୁ ସମାଜର କର୍ତ୍ତବ୍ୟ, ସନାତନ ଧର୍ମର ମହ%୦ ଓ ଏକ ସାଂସ୍କୃତିକ ରାଷ୍ଟ୍ରବାଦ ସମ୍ପର୍କିତ ବାର୍ତ୍ତା ଆଲୋଚନା ରଖିଥିଲେ। ସମ୍ମିଳନୀରେ ବିଭିନ୍ନ ବର୍ଗ ର ଶତାଧିକ ଲୋକ ଉପସ୍ଥିତ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗାୟତ୍ରୀ ମହାମନ୍ତ୍ର ଓ ହନୁମାନ ଚାଳିଶା ପଠନ ଗାୟନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ସହ ପ୍ରସାଦ ସେବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମ୍ମିଳନୀର ସଂଯୋଜକ ବିଜୟ କୁମାର ରାଉତରାୟ ସଂଯୋଜନା ରେ ରଘୁନାଥପୁର ଗ୍ରାମବାସୀ ଓ ମାତୃମଣ୍ଡଳୀଙ୍କ ଆକୁଣ୍ଠ ସାହାଯ୍ୟ ସହଯୋଗ ଉପସ୍ଥିତ କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ଦେଇଥିଲା।

## ମହିଳା ଚଳାଇବେ 'ଆମ ବସ୍'
## ଇଲେକ୍ଟ୍ରିକ୍ ବସ୍ ଚାଳନା ତାଲିମ ପାଇଁ ପୁଣେ ଗଲେ ୨୦ ମହିଳା ଡ୍ରାଇଭର

ଭୁବନେଶ୍ୱର, (ସବ୍ୟୁ): ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗୀତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଜନ ପରିବହନ ବ୍ୟବସ୍ଥା - କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)



ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଥମ ପର୍ଯ୍ୟାୟରେ, ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁ ଭାରୀ ମୋଟର ଯାନ (ଏଚ୍ଏମ୍ଭି) ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚୟନ କରାଯାଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ଆଜି ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି। ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ସମ୍ମାନିତ କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ଏବଂ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

୨ ଫେବୃଆରୀରୁ ୧୫ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡ ର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା, ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଧ୍ୟାନ ଦିଆଯିବ। ପ୍ରଶିକ୍ଷାର୍ଥୀମାନେ ୧୭ ଫେବୃଆରୀ ୨୦୨୬ ରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମାଧିଆ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଏବଂ ସହରାଞ୍ଚଳ ଜନ ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ କ୍ରୁଟର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଏବଂ ନେତୃତ୍ୱ କୌଶଳର ବିକାଶ କରିବା ସହିତ ଏକ ସୁରକ୍ଷିତ, ସମାନତା ଆଧାରିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଜନ ପରିବହନ ବ୍ୟବସ୍ଥା ଗଠନକୁ ଓଡ଼ିଶା ସରକାର ପ୍ରାଧାନ୍ୟ ଦେଉଛନ୍ତି।

## ନନ୍ଦନକାନନରେ ମା ହେଲା ପାର୍ମା ୱାଲାବି

ବାରଙ୍ଗ ,(ସବ୍ୟୁ): ପ୍ରାଣୀ ଉଦ୍ୟାନରେ ପ୍ରଥମ ଥର ପାଇଁ ମା ହେଲା ପାର୍ମା ୱାଲାବି। ପୂର୍ବରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରେ ଏପ୍ରିଲ ୧୯୭୩ରୁ ଏପ୍ରିଲ ୧୯୭୬ ପର୍ଯ୍ୟନ୍ତ ୱାଲାବି ରହିଥିଲେ ମଧ୍ୟ କୌଣସି ପ୍ରଜନନ ହୋଇନଥିଲା। ଏହି ପ୍ରଜାତି ଡିସେମ୍ବର ୨୦୨୩ ରେ ହାଇଦ୍ରାବାଦର ଜନ୍ ଆଣ୍ଡ ଗୁଭସ୍ ଫାର୍ମରୁ ପ୍ରାଣୀ ଉଦ୍ୟାନକୁ ଆସିଥିଲା ଏବଂ ଅଗଷ୍ଟ ୨୦୨୫ ରୁ ମିଳନ କରାଯାଇଥିଲା। ସେମାନଙ୍କର ଗର୍ଭଧାରଣ ସମୟ ପ୍ରାୟ ୩୫ ଦିନର ହୋଇଥିବା ବେଳେ ଏମାନଙ୍କ ସଂଖ୍ୟା ତିନି (୧:୧:୧)କୁ ବୃଦ୍ଧି ପାଇଛି। ସେମାନଙ୍କର ନିରନ୍ତର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏନକ୍ଲୋଜର ନମ୍ବର ୩୭ (ଜି ) ରେ ରଖାଯାଇ ସିସିଟିଭି ମାଧ୍ୟମରେ ନିରୀକ୍ଷଣ କରାଯାଉଛି। ଉଭୟ ମା ଏବଂ ସନ୍ତାନଙ୍କୁ ସୁସ୍ଥ ଥିବା ସୂଚନା ମିଳିଛି।

## ଆର୍ଟ ଅଫ୍ ଗିଭିଂର ପ୍ରୟାସ
## କିଟ୍ ରେ ବିଶାଳ ରକ୍ତଦାନ ଶିବିର, ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, (ସବ୍ୟୁ): କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ପ୍ରତିବର୍ଷ ଆୟୋଜନ କରାଯାଇଥାଏ। ସକାଳ ୭ଟାରୁ ହଜାର ହଜାର କିଟ୍, କିସ୍ ଓ କିମ୍ସର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ପହଞ୍ଚିଥିଲେ। ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ। ଏହି ରକ୍ତଦାନ ଶିବିରରେ କିମ୍ସ ସମେତ ଏସ୍‌ସିବି ମେଡ଼ିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରେଡକ୍ରସ୍ ସୋସାଇଟି



ଓଡ଼ିଶା ରାଜ୍ୟ ଶାଖା, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଅନୁଗୋଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସମେତ କିମ୍ସ ରକ୍ତଭଣ୍ଡାରର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ ଡ଼ି ରାଜୁ, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିମ୍ସ ମେଡିକାଲ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି। ସ୍ୱେଚ୍ଛାକୃତ ରକ୍ତଦାନକାରୀମାନେ ଯେପରି ଶୃଙ୍ଖଳିତର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ : ରିଙ୍ଗ୍ ଲିଡର ଯୁବତୀ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଯୁବକଙ୍କୁ ତାଙ୍କ ପରିଚିତ ଜଣେ ଯୁବତୀ ମରଣାନ୍ତକ ଆକ୍ରମଣ କରାଇବା ଘଟଣା ଏମ୍ସ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପାତ୍ରପଡ଼ାର ଚିଣ୍ଟୁ ଖଣ୍ଡଗିରି ମେଳାରୁ ଫେରୁଥିବା ବେଳେ ଏମ୍ସ ମୁଖ୍ୟ ଗେଟ୍ ସାମ୍ନାରେ ତାଙ୍କୁ ୧୦/୧୫ ଜଣ ଯୁବକ ଖଣ୍ଡା, ଭୁଜାଲି ଓ ଠେଙ୍ଗାରେ ଆକ୍ରମଣ କଲେ। ଆକ୍ରମଣ ସମୟରେ ତାଙ୍କ ପରିଚିତ ଯୁବତୀ ସେଠାରେ ଠିଆହୋଇ ଆକ୍ରମଣକାରୀଙ୍କୁ ପ୍ରବର୍ତ୍ତାଉଥାଏ ବୋଲି ଚିଣ୍ଟୁଙ୍କ ମା ଗଣମାଧ୍ୟମକୁ କହିଛନ୍ତି। ପାତ୍ରପଡ଼ାର ଚିଣ୍ଟୁ ଜଣେ ଅଙ୍କଲୋଜିଷ୍ଟଙ୍କ ପାଖରେ କାମ କରୁଥିଲେ। ଦେହ ଖରାବ ହେବାରୁ ସେ ସେଠାକୁ କାମ କରିବାକୁ ଗଲେ ନାହିଁ। ତାଙ୍କ ସ୍ଥାନରେ ନୟାଗଡ଼ର ସେହି ସନ୍ଦିଗ୍ଧ ଯୁବତୀଙ୍କୁ ଅଙ୍କଲୋଜିଷ୍ଟ କାମରେ ନିୟୋଜିତ କଲେ। ଯୁବତୀଙ୍କର ଘର ନୟାଗଡ଼ରେ ହୋଇଥିଲେ ମଧ୍ୟ ସେ ଡୁମୁଡୁମା ଅଞ୍ଚଳରେ ରୁହନ୍ତି। ଅଙ୍କଲୋଜିଷ୍ଟଙ୍କ ପାଖରେ କିଛିଦିନ କାମ କରିବା ପରେ ସେହି ଯୁବତୀଙ୍କୁ ସେ କାମରୁ ବାହାର କରିଦେଇଥିଲେ। ତାଙ୍କୁ ଡାକ୍ତର କାମରୁ ବାହାର କରିଦେବା ପଛରେ ଚିଣ୍ଟୁଙ୍କ ହାତ ଥିବା ସେ ସନ୍ଦେହ କରିଥିଲେ। ସେଥିପାଇଁ ଡିସେମ୍ବର ମାସରେ ଚିଣ୍ଟୁଙ୍କୁ ମଧ୍ୟ ଯୁବତୀଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଖଣ୍ଡଗିରି ଥାନାରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଥିଲା। ଶୁକ୍ରବାର ଖଣ୍ଡଗିରି ମେଳାରୁ ଚିଣ୍ଟୁ ଫେରୁଥିବାବେଳେ ତାଙ୍କୁ ଚନ୍ଦ୍ର ନାମକ ଜଣେ ଯୁବକ ଏମ୍ସ ଆଡ଼କୁ ଡାକି ନେଇଥିଲା। ଏମ୍ସ ମୁଖ୍ୟ ଫାଟକ ସାମ୍ନାରେ ଚିଣ୍ଟୁ ଠିଆ ହୋଇଥିବାବେଳେ ଚନ୍ଦ୍ର ଗୁଟୁଖା ଆଣିବାକୁ କହି ଖସିଯାଇଥିଲା। ଏହି ସମୟରେ ସେହି ସନ୍ଦିଗ୍ଧ ଯୁବତୀ ୧୦/୧୫ ଜଣ ସମର୍ଥକଙ୍କୁ ସାଙ୍ଗରେ ଧରି ଚିଣ୍ଟୁଙ୍କୁ ମରଣାନ୍ତକ ଆକ୍ରମଣ କରାଇଥିଲା। ଚିଣ୍ଟୁଙ୍କ ମୁଣ୍ଡ, ହାତ, ପିଠି ପ୍ରଭୃତି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

## କଷ୍ଟମାଇଜଡ୍ ସାଲାରୀ ଆକାଉଣ୍ଟ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର (ସବ୍ୟୁ): ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ୍ (ଓଏଚପିସି) ପକ୍ଷରୁ ଆଜି ଲୋକସେବା ଭବନରେ ଓଏଚପିସିର କର୍ମଚାରୀମାନଙ୍କ ପାଇଁ କଷ୍ଟମାଇଜଡ୍ ୟୁନିଅନ୍ ସୁପର ସାଲାରୀ ଆକାଉଣ୍ଟ ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)



ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତି କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ, ବିଶାଳ କୁମାର ଦେବ, ଆଇଏଏସ୍, ପ୍ରମୁଖ ସଚିବ, ଶକ୍ତି ବିଭାଗ, ଓଡ଼ିଶା ସରକାର ଏବଂ ସିଏମଡି, ଓଏଚପିସି, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓଏଏସ୍ (ଏସଏଜି), ଅତିରିକ୍ତ ସଚିବ, ଶକ୍ତି ବିଭାଗ, ଓଡ଼ିଶା ସରକାର, ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ଅର୍ଥ), ଓଏଚପିସି, ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ପଦ), ଓଏଚପିସି, ଅମୀୟ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେସନ), ଓଏଚପିସି, ହରେକୃଷ୍ଣ ଦାସ, ମହାପ୍ରବନ୍ଧକ ଏବଂ ଜୋନାଲ ମୁଖ୍ୟ, ୟୁବିଆଇ ଏବଂ ଓଏଚପିସି ଓ ୟୁବିଆଇ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଏଚପିସି ପକ୍ଷରୁ ବରିଷ୍ଠ ମହାପ୍ରବନ୍ଧକ (ଅର୍ଥ) ଗଗନ ବିହାରୀ ମହାରଣା ଏବଂ ୟୁବିଆଇ ର ପ୍ରତିନିଧିତ୍ୱ କରୁଥିବା ଉପ ମହାପ୍ରବନ୍ଧକ ଏନ. ବାରିକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁଯାୟୀ, ପ୍ରତ୍ୟେକ ଓଏଚପିସି କର୍ମଚାରୀ ୧.୨୦ କୋଟି ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା ଏବଂ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ଟର୍ମ ଜୀବନ ବୀମା ପାଇବେ। ଏଥିରେ ୩୦୦୦୦ ଟଙ୍କାର ବାର୍ଷିକ ହସ୍ପିଟାଲ ନଗଦ ଲାଭ ମଧ୍ୟ ଅନ୍ତର୍ଭୁକ୍ତ। କର୍ମଚାରୀମାନଙ୍କୁ ସେମାନଙ୍କର ଶୂନ୍ୟ ବାଲାନ୍ସ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ଏକ ଜଙ୍କଟବଚ୍ଚ ସିଲେକ୍ଟ ଡେବିଟ୍ କାର୍ଡ ପ୍ରଦାନ କରାଯିବ, ଯାହା ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଦୁର୍ଘଟଣା ବୀମା କଭରେଜ୍ ସହିତ ଆସିଥାଏ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, କର୍ମଚାରୀଙ୍କ କଲ୍ୟାଣ ପାଇଁ ବ୍ୟାଙ୍କ ସହିତ ମିଶି ଓଏଚପିସି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ରେଢାଖୋଲ 'ଭୀମଭୋଇ ଲୋକ ମହୋତ୍ସବ'
## ଭୀମ ଭୋଇଙ୍କ ମାନବବାଦୀ ଚିନ୍ତାଧାରାକୁ ବିଶ୍ୱବିଦିତ କରାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ରେଢାଖୋଲର 'ଭୀମଭୋଇ ଲୋକ ମହୋତ୍ସବ' କେବଳ ସଂସ୍କୃତି ଓ ଲୋକକଳାର ମଞ୍ଚ ନୁହେଁ ବରଂ ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରିଚୟର ଏକ ଜ୍ୱଳନ୍ତ ପ୍ରତିବିମ୍ବ । ଏହି ଉଦ୍ୟମ 'ଭୀମ ମଣ୍ଡଳୀ'ର ଗୌରବମୟ ଇତିହାସ ଏବଂ ସନ୍ଥ କବି ଭୀମ ଭୋଇଙ୍କ ସେହି ମହାନ ମାନବବାଦୀ ଚିନ୍ତାଧାରାକୁ ସାରା ବିଶ୍ୱ ଦରବାରରେ ଉଜାଗର କରିବ । ରେଢାଖୋଲର ଆଧ୍ୟାତ୍ମିକ ପରିଚୟକୁ ସୁଦୃଢ଼ କରିବା ସହ ଏଠାକାର ପର୍ଯ୍ୟଟନକୁ ଏକ ନୂତନ ଦିଶା ଦେବାରେ ସହାୟକ ହେବ ବୋଲି 'ରେଢାଖୋଲ ଭୀମଭୋଇ ଲୋକ ମହୋତ୍ସବ-୨୦୨୬' ଅବସରରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଏହି ଅଞ୍ଚଳର ଭୀମମଣ୍ଡଳୀରେ ୧୦,୦୦୦ ବର୍ଷରୁ ଅଧିକ ବର୍ଷ ତଳର ମାନବ ସଭ୍ୟତାର ଜୀବନ ଚିତ୍ର ଲିପିବଦ୍ଧ ହୋଇ ରହିଛି । ଏହି ମାଟି ହେଉଛି 'ଦୁଇ ଭୀମ'ଙ୍କର ବିଚରଣ ଭୂମି । ଜଣେ ହେଉଛନ୍ତି ପୁରାଣର ମହାବୀର ଭୀମସେନ, ଯିଏ ଶୌର୍ଯ୍ୟ ଓ ନ୍ୟାୟର ପ୍ରତୀକ । ଅନ୍ୟଜଣେ ହେଉଛନ୍ତି ମହାନ



ସଂସ୍କାରକ ସନ୍ଥ କବି ଭୀମଭୋଇ । ଜଣେ ଅଧର୍ମ ବିରୁଦ୍ଧରେ ଲଢ଼ିବା ଏବଂ 'ଧର୍ମରାଜ୍ୟ' ପ୍ରତିଷ୍ଠା କରିବା ପାଇଁ ହସି ହସି ବନବାସକୁ ସ୍ୱୀକାର କରିଥିଲେ । ଅନ୍ୟଜଣେ ମହିମା ଧର୍ମର ପ୍ରଚାର କରି ଅବହେଳିତ, ବନବାସୀ ଓ ଜନଜାତିଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ କରିଥିଲେ । ଏହି ଦୁଇ 'ମହାନ ବ୍ୟକ୍ତିତ୍ୱ' ଅନେକ କଷ୍ଟ ସହ୍ୟ କରିଥିଲେ, କିନ୍ତୁ ଲକ୍ଷ୍ୟ ଥିଲା ଗୋଟିଏ - ଲୋକକଲ୍ୟାଣ ଏବଂ ସମାଜରେ ନ୍ୟାୟର ପ୍ରତିଷ୍ଠା । ସେଭଳି ପବିତ୍ର ମାଟିରେ ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନ ତରଫରୁ 'ରେଢାଖୋଲ ଭୀମଭୋଇ ଲୋକ ମହୋତ୍ସବ- ୨୦୨୬'ର ଶୁଭାରମ୍ଭ ହେବା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ।

ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇ କହିଛନ୍ତି ଯେ ନିକଟରେ 'ସୁଶାସନ ଦିବସ' ଅବସରରେ ଅଞ୍ଚଳରେ ୨୪୫ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି । ଏହି ଅଞ୍ଚଳରେ ସବ୍-ଡିଭିଜନାଲ ହସ୍ପିଟାଲର ନୂତନ ଭବନ ଓ ୨୪ ଘଣ୍ଟିଆ ଜରୁରୀକାଳୀନ ସେବା ପାଇଁ 'ଟ୍ରମା କେୟାର ସେଣ୍ଟର' ପ୍ରତିଷ୍ଠା ହେବାକୁ ଯାଉଛି । ୫୫ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରେଢାଖୋଲରେ ଏକ ବାଇପାସ ନିର୍ମାଣ ନିମନ୍ତେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କାରୀଙ୍କୁ ଅନୁରୋଧ କରାଯାଇଛି । କେବଳ ଏତିକି ନୁହେଁ, ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଏଠାରେ 'ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ' ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି ।

ସନ୍ଥ କବି ଭୀମ ଭୋଇ କହିଥିଲେ, "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।" ତାଙ୍କର ଏହି ମହାନ ବାଣୀ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ମନ୍ତ୍ରକୁ ପ୍ରେରଣା ଦେଉଛି । ଏହି ସମସ୍ତ ପ୍ରକଳ୍ପ ରେଢାଖୋଲର ଆର୍ଥିକ ଏବଂ ସାମାଜିକ ବିକାଶର ମୂଳଦୁଆକୁ ଆହୁରି ସୁଦୃଢ଼ କରିବ । ଛାତ୍ରଛାତ୍ରୀଙ୍କୁ ଆଧୁନିକ ଭାରତର 'ବିଶ୍ୱକର୍ମା' ଭାବେ ସମ୍ବୋଧିତ କରି ମନ୍ତ୍ରୀ ସେମାନଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା, କୁଦୋପାଲି ଏବଂ ରେଢାଖୋଲର 'ଭୀମ ମଣ୍ଡଳୀ' ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଐତିହାସିକ ସ୍ଥାନରୁ ପ୍ରେରଣା ନେଇ ଏକ 'ବିକଶିତ ରେଢାଖୋଲ' ଓ 'ବିକଶିତ ଓଡ଼ିଶା' ଗଠନରେ ସାମୂହିକ ସହଯୋଗ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

## ଶିବରାତ୍ରି ଉପଲକ୍ଷେ ଚାନ୍ଦି ଭଣ୍ଡାର ପକ୍ଷରୁ 'ଭୈରବ କଲେକ୍ସନ'

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଶୀବରାତ୍ରିକୁ ପ୍ରତିଫଳନ ଏବଂ ସୁରକ୍ଷାର ଏକ ପବିତ୍ର ରାତ୍ରି ଭାବେ ପାଳନ କରାଯାଇଥାଏ । ଯେତେବେଳେ ନୀରବତା ଗଭୀର ହୁଏ ଏବଂ ଶକ୍ତି ସମନ୍ୱିତ ହୁଏ, ଭକ୍ତମାନେ ନିଜ ପାଇଁ ତଥା ନିଜ ପ୍ରିୟଜନଙ୍କ ପାଇଁ ଶକ୍ତି ଏବଂ ଆଶୀର୍ବାଦ ଲୋଡ଼ିଥାନ୍ତି। ଏହି ପବିତ୍ର ଅବସରରେ ଚାନ୍ଦି ଭଣ୍ଡାର ଏହାର ନୂତନ ଆଧ୍ୟାତ୍ମିକ ସମ୍ଭାର 'ଭୈରବ କଲେକ୍ସନ'କୁ ଉନ୍ମୋଚନ କରିଛି । ଶୁଦ୍ଧ ୯୨.୫ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ 'ଭୈରବ କଲେକ୍ସନ' ଭକ୍ତି, ଡିଜାଇନ୍ ଏବଂ ଉଦ୍ଦେଶ୍ୟକୁ ଏକତ୍ରିତ କରିଛି। ଏହି ଉନ୍ମୋଚନର ହୃଦୟରେ ରହିଛି ପ୍ରତୀକାତ୍ମକ ନନ୍ଦୀ ପେଣ୍ଡେଣ୍ଟ୍, ଯାହାକି ଭକ୍ତି, ବିଶ୍ୱସ୍ତତା ଏବଂ ଅଟଳ ବିଶ୍ୱାସର ଏକ କାଳଜୟୀ ପ୍ରତୀକ। ଏହି କଲେକ୍ସନକୁ ମନୋରମ କରୁଛି ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଷ୍ଟ୍ରୋ ବିଡ୍‌ସ ବ୍ରେସ୍‌ଲେଟ୍ ରେଞ୍ଜ୍, ଯାହାକୁ ଷ୍ଟର୍ଲିଂ ରୁପାରେ ଏକ ସମସାମୟିକ ତାବିଜ ପିସ୍ ଭାବେ ପିନ୍ଧିବା ଲାଗି ଡିଜାଇନ୍ କରାଯାଇଛି। ପୁରୁଷଙ୍କ ଡିଜାଇନ୍‌ରେ ବ୍ଲାକ୍ ଅନିକ୍ସ,




ହାଓଲାଇଟ୍, ପାଇରାଇଟ୍, ଗ୍ରୀନ୍ ଆଭେଞ୍ଚୁରିନ୍, ଜେବ୍ରା ଆଗାଟେ ଏବଂ କ୍ଲିୟର କ୍ରିଷ୍ଟାଲ ଆଦି ପଥର ବ୍ୟବହାର ହୋଇଛି। ସେହିଭଳି ମହିଳାଙ୍କ ବ୍ରେସ୍‌ଲେଟ୍‌ରେ ଲାପିସ୍ ଲାଜୁଲି, ଗ୍ରେ ମୁନ୍‌ଷ୍ଟୋନ୍, ପିକାସୋ ଜାସ୍ପର, କ୍ଲିୟର କ୍ରିଷ୍ଟାଲ ଏବଂ ରୋଜ୍ କ୍ୱାର୍ଜ ଆଦି ପଥର ବ୍ୟବହାର ହୋଇଛି । ଶୀବରାତ୍ରିକୁ ଅଧିକ ସ୍ୱତନ୍ତ୍ର କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏହାର ଫେଷ୍ଟିଭ୍ କ୍ୟାମ୍ପେନ୍ 'ଗିଫ୍ଟ ଏ ପାୟଲ'କୁ ଆଣିଛି। ଏହି ଋତୁରେ ଗ୍ରାହକ ଚାନ୍ଦି ଭଣ୍ଡାରର ପରିବର୍ଦ୍ଧିତ ସମ୍ଭାରରୁ ବ୍ୟାପକ ରେଞ୍ଜ୍ ପାଉଁଜି ବାଛିପାରିବେ। ଏଥିସହିତ ଶୋ'ରୁମ ପକ୍ଷରୁ ଏକ ଭାବନାତ୍ମକ ଏବଂ ଅର୍ଥପୂର୍ଣ୍ଣ ଉପହାର ବିକଳ୍ପ ପ୍ରଦାନ କରାଯାଉଛି। ଏହି ଶୀବରାତ୍ରିରେ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫର ଆଣିଛି।

## କଟକ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ

# ପ୍ରିୟବ୍ରତ ସଭାପତି, ଶିଶିର ସାଧାରଣ ସମ୍ପାଦକ



କଟକ, (ସ୍ୱପ୍ର) : କଟକ ଘରୋଇ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଦେଷ୍ଟା ମଣ୍ଡଳୀ ଏବଂ ଶତାଧିକ ସଭ୍ୟ ଯୋଗଦେଇ ପୂର୍ବ ସାଧାରଣ ପରିଷଦ ବୈଠକ ଅନୁସାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟମାନେ କର୍ମକର୍ତ୍ତା ଚୟନର ଏକ ଚିଠା ସର୍ବସମ୍ମୁଖରେ ଉପସ୍ଥାପନ କରିଥିଲେ । ତାଲିକା ହିସାବରେ ସଭାପତି ଭାବେ ପ୍ରିୟବ୍ରତ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ଶିଶିର କୁମାର ପାତ୍ର ଓ କୋଷାଧ୍ୟକ୍ଷ ଭାବେ ମନିଷ ବାରିକଙ୍କ ନାମ ଘୋଷଣା ହୋଇଥିଲା । ତତ୍‌ସହିତ ୫ ଜଣ ଉପସଭାପତି, ୫ ଜଣ ଯୁଗ୍ମ ସମ୍ପାଦକ, ୫ ଜଣ ସହ-ସମ୍ପାଦକ ଏବଂ ୨୫ ଜଣିଆ କାର୍ଯ୍ୟକାରୀ ସଭ୍ୟଙ୍କ ନାମ ଘୋଷଣା କରାଯାଇଥିଲା ।

ପରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଏବଂ କାର୍ଯ୍ୟକାରୀ ସଭ୍ୟମାନଙ୍କୁ ବରିଷ୍ଠ ଉପଦେଷ୍ଟା, ଲକ୍ଷ୍ମୀପ୍ରସନ୍ନ ତ୍ରିପାଠୀ ଶପଥପାଠ କରାଇଥିଲେ । ଉପଦେଷ୍ଟା ମଣ୍ଡଳୀ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ତିରିଂ ଏଏସଆଇ ସତ୍ୟବାନ୍ ଗିରିଙ୍କୁ ୩ବର୍ଷ ଜେଲ

ବାରିପଦା, (ସବ୍ୟୁ) : ଏକ ଭିଜିଲାନ୍ସ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପୂର୍ଣ୍ଣିମା ଜେନା ଅଭିଯୁକ୍ତ ଅବସରପ୍ରାପ୍ତ ଏଏସ୍‌ଆଇ ସତ୍ୟବାନ ଗିରିଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ମାସ କାରାଦଣ୍ଡ ଆଦେଶ ଶୁଣାଯାଇଛି । ସରକାରଙ୍କ ପକ୍ଷରୁ ଓକିଲ ଶାନ୍ତନୁ ଦାସ ଓ ଦୀପକ କୁମାର ସେଠୀ ମାମଲା ପରିଚାଳନା କରିଥିଲେ ।

ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଝରାଡିହି ଆଉଟ୍‌ପୋଷ୍ଟର ତତ୍କାଳୀନ କାର୍ଯ୍ୟରତ ଏଏସଆଇ ସତ୍ୟବାନ୍ ଗିରି, ଏକ ମଦ ବେପାର ଘଟଣାକୁ ରଫାଦଫା କରିବା ପାଇଁ ମଦ ବେପାରୀଙ୍କୁ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ନିରୂପାୟ ହୋଇ ମଦ ବେପାରୀ ଜଣଙ୍କ ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ୨୦୨୧ ମସିହା ୨୭ ଜାନୁଆରୀରେ ମଦ ବେପାରୀଙ୍କ ଠାରୁ ଲାଞ୍ଚୁଆ ଏଏସଆଇ ସତ୍ୟବାନ୍ ଗିରି ୯ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ ୪/୨୧ ମାମଲା ରୁଜୁ ହୋଇ ଅଭିଯୁକ୍ତ ଏଏସଆଇଙ୍କୁ ଗିରଫ କରି କୋର୍ଟଚାଲଣ କରାଯାଇଥିଲା । ଶନିବାର ଉକ୍ତ ମାମଲାର ବିଚାର କରି ଅଦାଲତ ଉପରୋକ୍ତ ରାୟ ଦେବା ସହ ଅବସରପ୍ରାପ୍ତ ଏଏସଆଇଙ୍କ ପେନ୍‌ସନ୍‌କୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

# ତ୍ରୁଟିଶୂନ୍ୟ ପରିଚାଳନାକୁ ଗୁରୁତ୍ୱ

ବାରିପଦା, (ସବ୍ୟୁ) : ଆସନ୍ତା ଫେବ୍ରୁଆରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ମୟୂରଭଞ୍ଜ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରିବାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହାସହ ବର୍ତ୍ତମାନର ସ୍ଥିତିକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ ।

ଏହି ଗସ୍ତ ସମୟରେ କଡ଼ା ପ୍ରୋଟୋକଲର ଅନୁପାଳନ ସହ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ରୂପେ ସମ୍ପାଦିତ କରିବାକୁ ପ୍ରତ୍ୟେକ ସ୍ଥାନରେ ସ୍ୱତନ୍ତ୍ର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରି ଟିମ ଗଠନ କରାଯାଇଛି । ଦାଣ୍ଡବୋଷ୍ ଏୟାରଷ୍ଟ୍ରିପଠାରେ ଅବତରଣ ପରେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସ୍ଥାନକୁ ଗସ୍ତ ତଥା ବିଭିନ୍ନ କାର୍ଯ୍ୟକ୍ରମ ଯୋଗଦାନ ସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକୁ ଦାୟିତ୍ୱର ସହିତ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ସଜାଗ ରଖାଯାଇଛି ।

ଗସ୍ତ କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପ୍ରତି ସଜାଗ ରହିବା ପାଇଁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଗାଯୋଗରେ ସମନ୍ୱୟ ରକ୍ଷା ପାଇଁ ପୋଲିସ୍ ଓ ବନ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ଏହାସହ ସମାନ୍ତରାଳ ଭାବେ ପ୍ରଶାସନ ମଧ୍ୟ କାର୍ଯ୍ୟ କରିବ ବୋଲି ଚୂଡାନ୍ତ ହୋଇଛି । ସେଭଳି କାର୍ଯ୍ୟକ୍ରମ ସ୍ଥଳରେ ପାୱାର ବ୍ୟାକ-ଅପ୍ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସଭାସ୍ଥଳ ଗୁଡିକରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ୱାଟକୋ ଏବଂ ଆରଡବ୍ଲୁଏସ୍‌ଏସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବା ପାଇଁ ଅଗ୍ନିଶମ ସେବା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ସହିତ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍ସ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଖବନ୍ଧୁ ନାୟକ, ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ କିଶୋର କୁମାର ଆଚାର୍ଯ୍ୟ, ଏଡିଏମଓ, ଡ଼ଃ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଓ ସବିତା ମାଝୀ ପ୍ରମୁଖଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଯଦୁନାଥ ଜେନା, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## କନ୍ଧମାଳ ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନତା

# ରକ୍ତହୀନତା ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଲେ



ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ସେବା କର୍ମଚାରୀଙ୍କ ମାନବିକତା, ପ୍ରଶଂସନୀୟ ଦୃଷ୍ଟାନ୍ତ ସାମ୍ନାକୁ ଆସିଛି । ଗୁରୁତର ରକ୍ତହୀନତାରେ ପୀଡ଼ିତ ଜଣେ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ୧୦୮ ଆମ୍ବୁଲାନ୍ସର କର୍ମଚାରୀ ଏକୟୁନିଟ ରକ୍ତଦାନ କରି ମାନବିକତାର ପରିଚୟ ଦେଇଛନ୍ତି । ରୋଗୀଙ୍କ ନାମ ମମତା କଂହର (୨୮), ସ୍ୱାମୀ ଗୋବିନ୍ଦ କଂହର। ସେ କନ୍ଧମାଳ ଜିଲ୍ଲାର ସଦର ଥାନା ଅନ୍ତର୍ଗତ ବୁଲୁଙ୍ଗି ଗାଁର ବାସିନ୍ଦା । ରୋଗୀଙ୍କ ହିମୋଗ୍ଲୋବିନ୍ ମାତ୍ରା ୬.୬ ଗ୍ରାମ୍ ଥିବାରୁ ସେ ଗୁରୁତର ଅବସ୍ଥାରେ ଥିଲେ । ତାଙ୍କୁ ରକ୍ତର ତୁରନ୍ତ ଆବଶ୍ୟକତା ଥିଲା । ଏହି ସଙ୍କଟପୂର୍ଣ୍ଣ ସମୟରେ ୧୦୮ ଆମ୍ବୁଲାନ୍ସ ଇଏମଟି ଭବାନୀ ଶଙ୍କର ମହାକୁଡ଼ ନିଜେ ଆଗେଇ ଆସି ଏକୟୁନିଟ ରକ୍ତଦାନ କରି ରୋଗୀଙ୍କ ଜୀବନ ରକ୍ଷା କରିଥିଲେ । ଭବାନୀଙ୍କ ଏହି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ୧୦୮ ଆମ୍ବୁଲାନ୍ସ ସେବା କେବଳ ରୋଗୀ ପରିବହନ ନୁହେଁ, ବରଂ ଜୀବନ ରକ୍ଷାରେ ଏକ ଭରସାଯୋଗ୍ୟ ସେବା ବୋଲି ଏହି ଘଟଣା ପୁଣିଥରେ ପ୍ରମାଣ କରିଛି ।

## ଏମକେସିଜି ନ୍ୟୁରୋସର୍ଜରୀ ବିଭାଗ

# ୫ ମାସରେ ୧୨୫ରୁ ଅଧିକ ସଫଳ ଅସ୍ତ୍ରୋପଚାର

ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାର ଏକ ମାତ୍ର ଭରସା ଯୋଗ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସପିଟାଲର ନ୍ୟୁରୋସର୍ଜରୀ ବିଭାଗରେ ୧୨୫ରୁ ଅଧିକ ସଫଳ ଅପରେସନ କରାଯାଇଛି । ଏନେଇ ଶୁକ୍ରବାର ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭାଗର ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏମକେସିଜିର ଅଭାବ ଦୂର କରିବାକୁ ବିଭିନ୍ନ ଯୋଜନା ହୋଇ ଅର୍ଥ ମଞ୍ଜୁର ହୋଇସାରିଥିବା ସୂଚନା ଦେଇଥିଲେ ।

ଆଗାମୀ ଦିନରେ ବର୍ଣ୍ଣ କେୟାରୟୁନିଟ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ କିଡନୀ ପ୍ରତିରୋପଣ ସୁବିଧା ଉପଲବ୍ଧ କରିବାକୁ ଚେଷ୍ଟା କରିବେ ବୋଲି ମନ୍ତ୍ରୀ କହିଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମକେସିଜିର ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି, ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସଞ୍ଜୀବ ମିଶ୍ର, ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଶିବପ୍ରସାଦ ପଟ୍ଟନାୟକ, ଆନାଟୋମୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଜେ. ସାଗର ପୃଷ୍ଟି ଅତିଥିଭାବେ ମଞ୍ଚାସୀନ ଥିଲେ । ୫ ମାସ ପୂର୍ବେ ସୁପରସ୍ପେସିଆଲିଟି କୋଠାରେ ଥିବା ନ୍ୟୁରୋସର୍ଜରୀ ବିଭାଗରେ ମାସକୁ ୫ ରୁ ୭ଟି ଅପରେସନ ହେଉଥିଲା । ଏହି ବିଭାଗରେ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ସମସ୍ତପ୍ରକାର ଭିତ୍ତିଭୂମି ରହିଥିଲେ ମଧ୍ୟ ପ୍ରଫେସର ଓ ଡାକ୍ତର ଅଭାବରୁ ରୋଗୀମାନେ ସଠିକ ଭାବେ ସେବା ପାଇପାରୁନଥିଲେ । ହେଲେ ପ୍ରଫେସର ପଣ୍ଡାଙ୍କ ସମେତ ଅନ୍ୟ ବିଭାଗୀୟ ଡାକ୍ତର ନିଯୁକ୍ତ ହେବା ପରେ ବହୁ ବର୍ଷ ପରେ ଏମକେସିଜିରେ ବ୍ରେନ୍ ଟ୍ୟୁମର ଭଳି ଜଟିଳ ଅପରେସନ ଆରମ୍ଭ ହୋଇଥିଲା ଗତ ୫ ମାସ ଭିତରେ ଏହି ବିଭାଗରେ ୨୩ଟି ବ୍ରେନ ଟ୍ୟୁମର ଅପରେସନ କରାଯାଇଥିବା ବେଳେ ୮ଟି ମେରୁଦଣ୍ଡ ଜନିତ ଅପରେସନ ଓ ୬୫ଟି ମସ୍ତିଷ୍କ ଜନିତ ଅପରେସନକୁ ମିଶାଇ ମୋଟ ୧୨୫ଟି ଅପରେସନ କରାଯାଇଛି ବୋଲି କୁହାଯାଇଥିଲା ।

ଏହି ସଫଳ ଯାତ୍ରା ପଛରେ ରାଜ୍ୟ ସରକାରଙ୍କ ସମେତ ଏମକେସିଜିର ଡିନ ଓ ଅଧୀକ୍ଷକ ଏବଂ ବିଭାଗୀର ଡାକ୍ତର, ନର୍ସିଂ ଅଫିସର ଓ କର୍ମଚାରୀଙ୍କ ବହୁ ସହଯୋଗ ରହିଛି ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ପଣ୍ଡା କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ ।

# ଦେବଲା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାରିପଦା, (ସବ୍ୟୁ) : କପ୍ତିପଦା ବ୍ଲକ ସ୍ଥିତ ଦେବଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଛି। ଏଥିରେ ପୌରହିତ୍ୟ କରିଥିବା କପ୍ତିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପିପୁଷ୍ପା ଦାସ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ସଂସ୍କାରୀ ଜୀବନ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପାଠାନୁରାଗୀ, ପରିଶ୍ରମୀ ତଥା ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ ଦେବା ସହିତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା କର୍ମଚାରୀ ମାନଙ୍କୁ ଅଧିକ ଦାୟିତ୍ୱବାନ ଓ କର୍ମଯୋଗୀ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜୋନ୍‌ର ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧିଶ ଚନ୍ଦ୍ରଭାନୁ ମହାପାତ୍ର ଯୋଗଦାନ କରି ତାଙ୍କର ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁଜନଙ୍କୁ ଭକ୍ତି କରିବା ସହିତ ଆତ୍ମବିଶ୍ୱାସୀ, କର୍ମଠ ଓ ଜାତୀୟତାବାଦୀ ହେବାକୁ ପ୍ରୋତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ ।

ଏଥିରେ ଦେବଳା ଗ୍ରାମପଞ୍ଚାୟତର ସରପଞ୍ଚ ଭୀମଚରଣ ସିଂ, ସମିତି ସଭ୍ୟ ଶିବପ୍ରସାଦ ସିଂ, ପୂର୍ବତନ ସିଆରସିସି ତଥା ଶିକ୍ଷାବିତ୍ ଗୋପୀନାଥ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦ୍ଧଦେବ ସିଂ ଯୋଗଦେଇ ଭବିଷ୍ୟତ ସୁନ୍ଦର ଜୀବନ ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଓ ସଂସ୍କାର ପୂର୍ଣ୍ଣ କଠିନ ଅଧ୍ୟବସାୟ ହିଁ ଉତ୍ତମ ଛାତ୍ରର ଲକ୍ଷଣ ବୋଲି ମତପ୍ରକାଶ କରିଥିଲେ ।

ଶିକ୍ଷକ ଭାସ୍କର ଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ସହିତ ସମସ୍ତ ଅତିଥିଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ, ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବସନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଜ୍ଞାନରଞ୍ଜନ ମହାପାତ୍ର, ରାଜେଶ କୁମାର ନାଏକ, ସନାତନ ମୁର୍ମୁ, ଉଶ୍ୱେର ଚନ୍ଦ୍ର ମଲ୍ଲିକ, ବିଶିକେଶନ ପଢ଼ିଆଲ, ଶିକ୍ଷୟିତ୍ରୀ ଲୁଇସ୍ ସଂଘମିତ ସାହୁ, ସେହ୍ନଲତା ଦସ ତଥା ରୋଷେୟା ଓ ଅନୁଚର ଜୟହରି, ଇନ୍ଦ୍ରମଣି, ଅକ୍ଷୟ, ପୂର୍ଣ୍ଣଚନ୍ଦ୍ର, ବବ୍ଲୁବାଲ କିରଣ, ଟୁନା ଦାସ ଓ କ୍ରିଷ୍ଣାରାଣୀଙ୍କ ସକ୍ରୀୟ ସହଯୋଗ ଓ ଏସଏମସି ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଜାକଜମକରେ ପାଳିତ ହୋଇଯାଇଛି ।

# ମା' ବାଟମଙ୍ଗଳାଙ୍କ ବାର୍ଷିକ ଉତ୍ସବ

କଟକ, (ସବ୍ୟୁ) : ସ୍ଥାନୀୟ ମହାନଦୀ ବିହାରସ୍ଥିତ ମା' ବାଟମଙ୍ଗଳାଙ୍କର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅଞ୍ଚଳବାସୀଙ୍କ କଲ୍ୟାଣ ନିମନ୍ତେ ମା' ବାଟମଙ୍ଗଳା ପରିଷଦ ପକ୍ଷରୁ ଏକ ଦିନାତ୍ମକ ଯଜ୍ଞ ଉତ୍ସବ ଆୟୋଜନ ହୋଇଥିଲା । ସନ୍ଧ୍ୟା ୬ ଘଣ୍ଟିକା ସମୟରେ ଏହାର ସମାପ୍ତ ଘଟି ପୂର୍ଣ୍ଣାହୂତି ଦିଆଯାଇଥିଲା । ଏଥିରେ ପରିଷଦର ସଭପତି, ସମ୍ପାଦିକାଙ୍କ ସମେତ ସମସ୍ତ ସଭ୍ୟା ଭଉଣୀମାନଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗ ଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ ।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବେଶାଳିଆ ଗ୍ରାମରେ ଘଟିଛି ଏକ ଏଘଟଣା ସୂଚନା ଅନୁଯାୟୀ ବେଶାଳିଆ ଗ୍ରାମର ରବି ନାଏକ (୫୯) ଶୁକ୍ରବାର ପଣ୍ଡା ଚରାଇବାକୁ ଯାଇ ଥିବା ବେଳେ ଘରକୁ ଫେରି ନଥିଲେ। ପରିବାର ଲୋକମାନେ ବହୁ ଖୋଜାଖୋଜି କରିବାପରେ ବେଶାଳିଆ କୁମ୍ଭାର ଖାତା ପାଖ ବଡଜୋରା ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ରବି ନାଏକ ପଣ୍ଡା ଚରାଇ ସବୁଦିନ ପରି ଗାଧୋଇ ଘରକୁ ଆସେ। ଗତକାଲି ସେ ଗାଧଉଥିବା ବେଳେ ପାଣିରେ ବୁଡିଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣାପରେ ଗ୍ରାମବାସୀ ସଦର ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବିଜେଡି ନେତା ସ୍ୱର୍ଗତଃ ରଘୁନାଥ ମହାନ୍ତି (ଝିନ)ଙ୍କର ୧୦ମ ଶ୍ରାଦ୍ଧବାର୍ଷିକୀ ପାଳିତ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳର ପ୍ରତିଷ୍ଠାତା ତଥା ସଙ୍କଟ ସମୟରେ ଦଳକୁ ଉଚିତ ମାର୍ଗ ଦର୍ଶନ ଦେଇ ଦଳକୁ ମଜବୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ନେତା ସ୍ୱର୍ଗତଃ ରଘୁନାଥ ମହାନ୍ତି (ଝିନ)ଙ୍କର ୧୦ମ ଶ୍ରାଦ୍ଧ ବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାରିପଦା ବିଜୁ ଭବନ ଠାରେ ସ୍ୱର୍ଗତଃ ରଘୁନାଥ ମହାନ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ପୂର୍ବତନ ଜିଲ୍ଲା ବିଜେଡ଼ି ସଭାପତି ଦେବାଶିଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତଃ ରଘୁନାଥ ମହାନ୍ତିଙ୍କ ସାନଭାଇ ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି (ନଛି)ଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଉପନଗରପାଳ ସୀମା ଦାସ, ପ୍ରମୁଖ ସ୍ୱର୍ଗତଃ ଝିନ ଭାଇଙ୍କ ସ୍ମୃତି ଚାରଣ କରିଥିଲେ। ଝିନ ଭାଇଙ୍କ ତ୍ୟାଗ ଏବଂ ବଳିଦାନକୁ ସ୍ମରଣ କରିଥିଲେ ଝିନ ଭାଇଙ୍କ ଅକାଳ ବିୟୋଗରେ ବିଜେଡିରେ ଏକ ଶୂନ୍ୟସ୍ଥାନ ପୂରଣ ହୋଇଥିବା କଥା ବକ୍ତାମାନେ ଉଲ୍ଲେଖ କରିବା ସହ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପାର୍ଥନା କରିଥିଲେ। ବିଜୁ ଭବନ ବାରିପଦାରେ ଥିବା ସ୍ୱର୍ଗତଃ ଝିନ ଭାଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ସିସି ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ବରିଷ୍ଠ ନେତା ସରୋଜ ମହାପାତ୍ର ଓ କୃଷ୍ଣଚନ୍ଦ୍ର ଦାସ, ଏବଂ ଦୀପ୍ତିଲତା ମିଶ୍ର, ବୀଣାପାଣି ସାହୁ, ସବିତା ବେହେରା, ସହରର ସଭାପତି ପ୍ରଭାତ ମହାନ୍ତି, ଦେବୀଦତ୍ତ ଦାସ, ସୁନୀଲ ନାୟକ, ରାଜୀବ ଜେନା, ଶିବ ଶଙ୍କର ପାତ୍ର, ଜିତ୍ ପଟ୍ଟନାୟକ, ସେକ ହାକିମ, କାଉନ୍‌ସିଲର ଅନନ୍ତ ଦାସ, ରାଜ ଗୁପ୍ତା, ସୁଧୀର ବାରିକ, ପ୍ରଭାତୀ ପୃଷ୍ଟି, ଦିଗବିଜୟ ହାଁସଦାଃ, ସମାଜସେବୀ ଅମର ସେଠୀ, ଆଦିତ୍ୟ ପଣ୍ଡା, ପାର୍ଥ ପ୍ରଧାନ, ଲଲାଟେନ୍ଦୁ ବେହେରା, ପୁର୍ଣ୍ଣେନ୍ଦୁ ପରିଡା, ମୁନା ପରିଛା, ଶୈଳେନ୍ଦ୍ର ପାତ୍ର, କିଶୋର ପାତ୍ର, ଛତିଶ ମହାକୁଡ଼, ବିନୋଦ ବେହେରା, ବିରଞ୍ଚି ମହାପାତ୍ର, ଅସିତ୍ ପଟ୍ଟନାୟକ, ନାନୁ ମହାକୁଡ଼, ଅଭୟ ସିଂ, ନନ୍ଦନ ଭଞ୍ଜ, ଦୀପକ ମଢ଼ୁଆଲ, ଲିଟନ ମହାପାତ୍ର, କପିଲ ଖଣ୍ଡେଲୱାଲ, ଅମିତ୍ ବୈଠା, ପ୍ରସନ୍‌ଜିତ ମହାନ୍ତି, ସେକ ଆସଲାମ, ଶ୍ରବଣ ଗୋପ, ଶିବୁ ରଣା, ଅଭିଜିତ କଳିଆ, ଦେବବ୍ରତ ସେନାପତି, ସେକ ଦାନିସ ହବିବ, ବିଜୟ ଦାସ, ଦିଲ୍ଲୀପ ପାତ୍ର, ଦିଲ୍ଲୀପ ଘୋଷ, ଅମ୍ବିକା ଘୋଷ, ଅମ୍ବିକା ରାଉତ, ଭୀଷ୍ମ ନାୟକ, ରତ୍ନାକର ବେହେରା, ଋଷି ପରିଛା ଓ ଜୟନ୍ତୀ ଦାଶଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ଖଦିବୋର୍ଡ ସଦସ୍ୟ ସରୋଜ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରା ବାଲି ବୋଝେଇ ହାଇୱା ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

# କ୍ଷତିପୂରଣ ଓ ଗଳିପୋଲ ନିର୍ମାଣ ଦାବିରେ ୬ଘଣ୍ଟା ରାସ୍ତାରୋକ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ-ଦ୍ୱୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଆରୁହା ନାନପୁର ଛକରେ ଏକ ଚୋରାବାଲି ବୋଝେଇ ହାଇୱା ଟ୍ରକ ଜଣେ ସାଇକେଲ ଆରୋହୀଙ୍କ ଉପରେ ମାଡିଯିବାରୁ ଘଟଣା ସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ନାନପୁର ଛକରେ ଏକ ଗଳିପୋଲ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଜାତୀୟ ରାଜପଥ ଉପରେ ମୃତଦେହ ରଖି ଦୀର୍ଘ ୬ଘଣ୍ଟାଧରି ରାସ୍ତାରୋକ କରିଥିଲେ।

ଶନିବାର ସକାଳ ପ୍ରାୟ ସାଢେ ୧୦ ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ନାନପୁର ଗ୍ରାମର ଗଜେନ୍ଦ୍ର ଦେହୁରୀ ସାଇକେଲରେ ରାସ୍ତାପାର ହେଉଥିବା ବେଳେ ଓଆର୦୪ଏ ୩୨୭୫ନମ୍ବର ଚୋରା ବାଲି ବୋଝେଇ ଆଇଉଆ ଟ୍ରକ ତାଙ୍କ ଉପରେ ମାଡିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଗଜେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାର ହେବାପରେ ଶହଶହ ଲୋକ ରାସ୍ତା ଉପରକୁ ଆସି ମୃତଦେହ ରଖି ସକାଳ ସାଢେ ୧୦ଟା ଠାରୁ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଧର୍ମଶାଳା ଓ ବଡଚଣା ଥାନା ପୋଲିସ ସହ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନବିହାରୀ ଦାଶ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ୍ୟଙ୍କ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନାନପୁର ଛକରେ ଗଳିପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ ମୃତକଙ୍କ ପରିବାରକୁ ଏକଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାପରେ ଦିନ ପ୍ରାୟ ସାଢେ ୪ଟା ବେଳେ ରାସ୍ତାରୋକ ହଟିଥିଲା। ରାସ୍ତାରୋକ ଯୋଗୁଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡିମଟର ଅଟକି ରହିବା ସହ ସାଧାରଣ ପଥଚାରୀ ନାହିଁ ନଥିବା ହିନସ୍ତା ଭୋଗୁଥିବା ଦେଖାଯାଇଥିଲା।

## ଏମ୍‌ସିସି ବ୍ୟାଙ୍କର ପ୍ରତିଷ୍ଠା ଦିବସ

# ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିଦାୟ ଓ ନୂତନ ସିଇଓଙ୍କୁ ସ୍ୱାଗତ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହେନ୍ଦ୍ର ନାଥ ସାମଲଙ୍କ ଅବସର ଗ୍ରହଣ ପୂର୍ବକ ଏକ ଭାବାବେଗ ବିଦାୟକାଳୀନ କାର୍ଯ୍ୟକ୍ରମ ବ୍ୟାଙ୍କ ପରିସରରେ ଆୟୋଜିତ ହୋଇଥିଲା । ଏହି ଅବସରରେ ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ବଡ଼ଜେନାଙ୍କୁ ତାଙ୍କର କାର୍ଯ୍ୟଭାର ଗ୍ରହଣ ଅବସରରେ ସୁସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ସଭାପତିତ୍ୱ କରିଥିଲେ । ନିର୍ଦ୍ଦେଶକ ମଣ୍ଡଳୀର ମଳୟ କୁମାର ଜେନା, ଅଭିନ୍ନ ସୁନ୍ଦର ପାତ୍ର, ବିରେନ୍ଦ୍ର ନାଥ ବସା, ଦ୍ରୌପଦୀ ସାହୁ, ମୋହନ ଚରଣ ବେହେରା, ତପନ କୁମାର ପତି, ସୁନାରାମ ମାରାଣ୍ଡି, ପୂର୍ଣ୍ଣ ହେମ୍ବ୍ରମ ଓ ଅନ୍ୟାନ୍ୟ ନିର୍ଦ୍ଦେଶକ ବୃନ୍ଦ ଉପସ୍ଥିତ ଥିଲେ । ବ୍ୟାଙ୍କର ଡିଜିଏମ୍ ତଥା ବ୍ୟାଙ୍କୟୁନିଅନର ସଭାପତି ପ୍ରକାଶ ଚନ୍ଦ୍ର ବାରିକ ସଭା ପରିଚାଳନା କରିଥିଲେ । ବ୍ୟାଙ୍କ ସମ୍ବନ୍ଧରେ ଆଲୋଚନା କାଳେ ସଭାପତି ଶ୍ରୀ ମହାନ୍ତିଙ୍କ ସହ ପୂର୍ବତନ କର୍ମଚାରୀ ପ୍ରହ୍ଲାଦ ଦାସ, ବାଟକୃଷ୍ଣ ପାଢ଼ୀ ଓ ସୁରେଶ ଚନ୍ଦ୍ର ଘୋଷ ବ୍ୟାଙ୍କର ଉନ୍ନତି, ସଫଳତା ଓ ଇତିହାସ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ । ବକ୍ତାମାନେ ମହେନ୍ଦ୍ର ନାଥ ସାମଲଙ୍କ ଦୀର୍ଘ ବର୍ଷର ସତନିଷ୍ଠାପୂର୍ଣ୍ଣ ସେବା ଓ ସୁଦୃଢ଼ ନେତୃତ୍ୱକୁ ସ୍ମରଣ କରି ତାଙ୍କ ନେତୃତ୍ୱରେ ବ୍ୟାଙ୍କ ଉଲ୍ଲେଖନୀୟ ଅଗ୍ରଗତି କରିଥିବା କଥା ଉଲ୍ଲେଖ କରିଥିଲେ ।

ଏହି ଅବସରରେ ବ୍ୟାଙ୍କୟୁନିଅନ ତରଫରୁ ସଭାପତି ପ୍ରକାଶ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ରବି କୁମାର ଅଗ୍ରୱାଲ, ଉପସଭାପତି ହୀରା ହାଁସଦାଃ, ସମ୍ପାଦକ ସ୍ୱସ୍ତିକ୍ ଜେନାଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ଶ୍ରୀ ସାମଲଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ନୂତନ ସିଇଓ ସିଦ୍ଧାର୍ଥ ବଡ଼ଜେନାଙ୍କୁ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମହେନ୍ଦ୍ର ନାଥ ସାମଲଙ୍କୁ ସମ୍ମାନ ପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା । ନିଜ ଅଭିଭାଷଣରେ ଶ୍ରୀ ସାମଲ ସମସ୍ତ ସହକର୍ମୀ ଓ କର୍ମଚାରୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିବାବେଳେ ନୂତନ ସିଇଓ ଶ୍ରୀ ବଡ଼ଜେନା ବ୍ୟାଙ୍କର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆଶା କରିଥିଲେ । କାର୍ଯ୍ୟକ୍ରମଟି ଆତ୍ମୀୟତା ଓ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ସଫଳତାର ସହିତ ସାଙ୍ଗ ହୋଇଥିଲା ।

## ଶାଳଜଙ୍ଗା ମଠରେ ପାଦ ଥାପିବେନି ବାବା ଗଦାଧର ତହସିଲରେ ଦେଲେ ୨୦ ହଜାର ଟଙ୍କା ସିକ୍ୟୁରିଟି ବଣ୍ଡ

ପାରାଦ୍ୱୀପ,(ଜିଜ୍ଞ): ଶାଳଜଙ୍ଗା ମଠରେ ପବିତ୍ର ମାଘ ମେଳା ଚାଲୁଥିବା ବେଳେ ମହିମା ଅଲେଖ ଶବ୍ଦରେ ପ୍ରକମ୍ପିତ ହେଉଛି ମଠର ପରିବେଶ । ଲାଗିଛି ଅଖଣ୍ଡ ଝାଡ଼ ବତୀ ଚାଲିଛି ଭଜନ କୀର୍ତ୍ତନ, ମଠ ରେ ଶ୍ରଦ୍ଧାଳୁଙ୍କ ପ୍ରତିବର୍ଷ ଭଳି ଚଳିତ ବର୍ଷ ଖଡାଖଡ ଭିଡ଼ । କିନ୍ତୁ ଅନ୍ୟପଟେ ସିଦ୍ଧ ପୁରୁଷ ବାବା କୁଳମଣି ଦାସଙ୍କ ଦେହତ୍ୟାଗ ପରେ ମଠାଧୀଶ ହୋଇଥିବା ବାବା ଗଦାଧର ଦାସ ନାଉଗାଁ ଥାନାରେ ରାତି କଟାଇ ଛଟପଟ ହେଉଛନ୍ତି । ଗତ କିଛି ଦିନ ଧରି ମଠରେ ଲାଗି ରହିଥିବା ଆର୍ଥିକ ଅନିୟମିତତା ଓ ଜମିବାଡ଼ି ତୋଷରପାତ ଗ୍ରାମବାସୀ ଓ ଅନ୍ତେବାସୀଙ୍କ ଦୃଷ୍ଟିକୁ ଆସିଲା ପରେ ଏହାକୁ ନେଇ ଆରମ୍ଭ ହୋଇଥିଲା ମଠରେ ବିବାଦ । ବାବା ଗଦାଧର ଦାସ ଓ ରୀନା ମାତା ପ୍ରଶାସନ ଏବଂ ଲୋକଙ୍କ ପ୍ରଶ୍ନର ଉତ୍ତର ନଦେଇ ପାରି ମଠରୁ ରାତି ଅଧିଆ ପଳାୟନ କରିଥିଲେ । ଏହା ପରେ ଗ୍ରାମବାସୀ ଓ ଅନ୍ତେବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ମଠରେ ବାବା ଗଦାଧର ଦାସଙ୍କୁ ମୁକୁଳେଇ ଦେବାକୁ ଲିଖିତ ନିବେଦନ ମଧ କରିଥିଲେ । କିନ୍ତୁ ମଠର ମାଘ ବୁଦ୍ଧର କିଛି ଘଣ୍ଟା ପୂର୍ବରୁ ବାବା ଗଦାଧର ଦାସ ମଠକୁ ପ୍ରବେଶ କରିବା ପାଇଁ ଆସୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଅଧା ରାସ୍ତାରୁ ବାବାଙ୍କୁ ଉଠେଇ ନେଇଥିଲା ନାଉଗାଁ ପୋଲିସ । ଗତକାଲି ସାରା ରାତି ବାବା ନାଉଗାଁ ଥାନାରେ କାଟିଥିଲା ବେଳେ ଆଜି ଏକ ୧୦୭ ମାମଲାରେ ତାଙ୍କୁ ନାଉଗାଁ ତହସିଲଦାରଙ୍କ ନିକଟରେ ହାଜର କରାଯାଇଥିଲା । ବାବା ସେଠାରୁ ଏକ କୋଡ଼ିଏ ହଜାର ଟଙ୍କା ବୁକ୍ତି ବଣ୍ଡରେ ଅନାଦେଶ ପର୍ଯ୍ୟନ୍ତ ଶାଳଜଙ୍ଗା ମଠ ପରିସରରେ ପାଦ ଥାପିବେ ନାହିଁ ଓ କୌଣସି ଗଣ୍ଡଗୋଳ କିମ୍ବା କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଭିଆଇବେ ନାହିଁ ବୋଲି ଲିଖିତ ଭାବେ ଦେବା ପରେ ତହସିଲରୁ ମୁକ୍ତ ପାଇଛନ୍ତି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ନାଉଗାଁ ଥାନାରେ ବାବା ଥିବା ବେଳେ ତାଙ୍କ ସମର୍ଥକ ଆସିଲେ ତାଙ୍କୁ ତାଙ୍କ ସହିତ ଛଡା ଯିବ ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ପ୍ରକାଶ କରିଛନ୍ତି । ସବୁଠାରୁ ବଡ କଥା ହେଉଛି ମଠର ମାଘ ମେଳାରେ ବାବାଙ୍କୁ ଦର୍ଶନ କରିବା ସହ ବାବାଙ୍କ ଠାରୁ ଅଖଣ୍ଡ ଝାଡ଼ ବିଭୁତି ଟିକେ ପାଇବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ, ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସୁଥିବା ବେଳେ ବାବା ନାଉଗାଁ ଥାନାରେ ଦିନ ଓ ରାତି କାଟୁଛନ୍ତି । ମଠ ଏବେ ବାବା ଶୂନ୍ୟ ଥିଲା ବେଳେ ଆଗକୁ ଏ ମଠର ପରିସ୍ଥିତି କଣ ହେବ ଓ ଏହି ମଠରେ ଘଟିଥିବା ଆର୍ଥିକ ଅନିୟମିତତା ଓ ଜମିବାଡ଼ି ତୋଷରପାତ ଘଟଣାର ତଦନ୍ତ ପ୍ରକ୍ରିୟାରେ କେବେ ପୂର୍ଣ୍ଣଛେଦ ପଡିବ ତାହା ସମୟ କହିବ ।

## ପବିତ୍ର ମାଘ ସପ୍ତମୀରେ ବିରୂପା ନଦୀରେ ଆଳତୀ

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ପୁଣ୍ୟତୋୟା ବିରୂପା ନଦୀ ମଧୁସୂଦନ ସେତୁ ନିକଟରେ ପବିତ୍ର ମାଘ ସପ୍ତମୀ ଅବସରରେ ବିରୂପା ନଦୀ ଆଳତୀ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମସ୍ତ ଅତିଥିମାନଙ୍କୁ ସଂକୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରାରେ ନଦୀଘାଟ ପର୍ଯ୍ୟନ୍ତ ନିଆଯାଇଥିଲା । ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରାଣଦାୟିନୀ ମା' ବିରୂପା ନଦୀରେ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଦମନ୍ତ୍ରର ଉଚ୍ଚାରଣ ସହିତ ଉପସ୍ଥିତ ଭକ୍ତମାନଙ୍କର ହରିବୋଲ ହୁଳହୁଳି ଓ ସଂକୀର୍ତ୍ତନରେ ଗଗନ ପବନ ମୁଖରିତ ହୋଇଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାଳିକା ପ୍ରସିଦ୍ଧ ସିଦ୍ଧଗିରି ମଠର ମହନ୍ତ ବିଶ୍ୱନାଥ ଦାସ ମହାରାଜ ଯୋଗଦେଇ ଆଳତୀ କାର୍ଯ୍ୟକ୍ରମ ସମାପନ କରିବା ସହ ନଦୀ ହେଉଛି ମାନବ ସଭ୍ୟତାର ଜନନୀ ସେଣୁ ତାକୁ ପରିଷ୍କାର ଏବଂ ପ୍ରଦୂଷଣ ମୁକ୍ତ ରଖିବା ଆମର କର୍ତ୍ତବ୍ୟ ବୋଲି ପ୍ରକାଶ କରିବା ସହ ଉକ୍ତ ଆଳତୀ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ଜାଗ୍ରତ କରିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ସଂଯୋଜକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସୁରେନ୍ଦ୍ର ନାଥ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଳତୀ କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଗାଙ୍ଗେୟ କୁମାର ଷଡ଼ଙ୍ଗୀ ଯୋଗଦେଇ ବିରୂପା ନଦୀର ଐତିହାସିକ ବର୍ଣ୍ଣନା କରିଥିଲେ । ପୁରାତ୍ତ୍ୱ ଆସିଥିବା ଦର୍ଶନ ବିଦ୍ୟାର୍ଥୀ ବାବାଜୀ ଗଙ୍ଗାରାମ ଦାସ, ସାହିତ୍ୟିକ ମଙ୍ଗଳା ପ୍ରସାଦ ପ୍ରଧାନ, ସମାଜସେବୀ ବିଦ୍ୟୁତ ଦାଶ ଓ ଅବସରପ୍ରାପ୍ତ ପୋଲିସ ପ୍ରଶାସକ ଶଶିଭୂଷଣ ପଣ୍ଡା ଯୋଗଦେଇ ଆଳତୀ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଶ୍ରୀଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜିତ ଆଳତୀ କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ସୁଧୀର ପ୍ରସାଦ ନନ୍ଦ ପରିଚାଳନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଭକ୍ତ ସମାଜ, ଗୋପୀନାଥପୁର କୋଷାଧକ୍ଷ ମହେନ୍ଦ୍ର କୁମାର ପତି, ସୁରେନ୍ଦ୍ର ମହାରଣା, ମାଧବାନନ୍ଦ ବାରିକ, ପ୍ରଦୀପ ରାଉତ, ଦୁଶାସନ ରାଉତ, ହୃଷିକେଶ ମହାରଣା, ଦେବେନ୍ଦ୍ର ରାଉତ, ବଳରାମ ଘଡେଇ, ପ୍ରକାଶ ରାଉତ, ରୀତିକ ରାଉତ, ସୁନିତା ସାମଲ ଓ ମୋନାଲିସା ସ୍ୱାଇଁଙ୍କ ସମେତ ଗୋପୀନାଥପୁରର ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

## ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ: କ୍ଷତିପୂରଣ ଦାବିରେ ରାସ୍ତାରୋକ



ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର କାନପୁର ଠାରେ ଆଜି ଜଣେ ସାଇକେଲ ଆରୋହୀଙ୍କ ଉପରେ ହାଇୱା ଗାଡି ମାଡିଯିବାରୁ ଘଟଣାସ୍ଥଳରେ ସାଇକଲ ଅରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ସ୍ଥାନୀୟ କାନପୁର ଗ୍ରାମର ଗଜେନ୍ଦ୍ର ଦେଉରୀ (୪୮) ବୋଲି ଜଣାପଡିଛି । ଗଜେନ୍ଦ୍ର ଔଷଧ ଆଣିବକୁ ଆଜି ନିଜ ସାଇକେଲରେ ଅରୁହା ଛକକୁ ଯାଉଥିବା ବେଳେ ଡୁବୁରୀ ପଟରୁ ଚଣ୍ଡିଖୋଲ ଆଡକୁ ଯାଉଥିବା ଓଡି–୦୪ ଏ– ୩୨୭୫ନଂ ମାଲବୋଝେଇ ହାଇୱା ଗାଡି ତାଙ୍କ ଉପରେ ଚଡିଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । କ୍ଷତିପୂରଣ ସହିତ ଉକ୍ତ ସ୍ଥାନରେ ଏକ ଗଳିପୋଲ ନିର୍ମାଣ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ତେବେ ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ସହ ସେଠାରେ ଗଳିପୋଲ ନିର୍ମାଣର ପ୍ରତିସୃତି ନମିଳିବା ଯାଏଁ ରାସ୍ତା ଅବରୋଧ ଜାରିରହିବ ବୋଲି ଉତ୍ୟକ୍ତ ଲୋକେ ଜିଦ ଧରି ବସିଥିଲେ । ଫଳରେ ଚଣ୍ଡିଖୋଲ ଡୁବୁରୀ ୫୩ ନଂ ଜତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା । ଘଟଣା ସ୍ଥଳରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ପହଁଚି ମୃତକର ପରିବାରକୁ କ୍ଷତି ପୂରଣ ଦେବାର ପ୍ରତିସୃତି ଦେଇଥିଲେ । ଏଥିସହିତ ଜାତୀୟ ରଜପଥ ପ୍ରାଧିକରଣର ଅଧିକାରୀମାନେ ସେଠାରେ ପହଁଚି ଗଳିପୋଲ ନିର୍ମାଣ ପାଇଁ ପ୍ରତିସୃତି ଦେବା ପରେ ୪ ଘଂଟା ପରେ ରାସ୍ତା ଅବରୋଧ ହଟିଥିଲା । ଦୁର୍ଘଟଣାକୁ ନେଇ ଧର୍ମଶାଳା ପୁଲିସ ୩୬ /୨୬ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସାଇକେଲ ଓ ହାଇୱା ଗାଡିକୁ ଜବତ କରି ଶବ ବ୍ୟବଛେଦ କରାଇ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଦୀର୍ଘ ବର୍ଷ ଧରି ଚଣ୍ଡିଖୋଲ ଡୁବୁରୀ ଜତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏହା କେବେ ସମାପ୍ତ ହେବ ତାକୁ ନେଇ ଲୋକମାନଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଦେଖାଦେଇଛି । ଏହି ସମ୍ପ୍ରସାରଣ କାର୍ଯ୍ୟ ଯେଉଁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେଉଛି । ଏଥିପ୍ରତି ବିଭଗୀୟ ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ସଡ଼କ ସୁରକ୍ଷା ନିୟମକୁ ମାନି ଜୀବନକୁ ସୁରକ୍ଷା ଦେବା ପାଇଁ ପରାମର୍ଶ

ଜଗତସିଂହପୁର,(ସବ୍ୟୁ) : ଜଗତସିଂହପୁର ନିମାଇଁ ଭବନ (ଟାଉନ ହଲ) ଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ର ଉଦଯାପିତ ହୋଇଛି । ଜାନୁଆରୀ ୧ ରୁ ୩୧ ତୟାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଏହି ଜାତୀୟ ସଡକ ସୁରକ୍ଷା ମାସର ଉଦଘାଟନୀ ଉତ୍ସବରେ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ସମସ୍ତ ଅଟୋ ମୋବାଇଲ ଡିଲର ମାନଙ୍କୁ ନେଇ ବାଇକ ରାଲି ଆରମ୍ଭ ହୋଇ ଜଗତସିଂହପୁର ସହର ପରିକ୍ରମା କରି ଗାନ୍ଧୀ ଛକ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତାଧର୍ମୀ ସଭା ସହିତ ପଥପ୍ରାନ୍ତ ନାଟକ ମାଧମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପରେ ସମଗ୍ର ଜିଲ୍ଲାର ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତର ପର୍ଯ୍ୟନ୍ତ, ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନଙ୍କ ସହିତ ଓ ବିଭିନ୍ନ ସ୍ଥାନରେ ଜନସାଧାରଣମାନଙ୍କୁ ନେଇ ସଡ଼କ ସୁରକ୍ଷା ମାସ ୨୦୨୬ ର ସଚେତନତା କାର୍ଯ୍ୟକ୍ରମ ହୋଇଥିବାର ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସୁଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଜେ ସୋନାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସଡକ ସୁରକ୍ଷା ନିୟମକୁ ମାନି ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଉଦଯାପନି ଉତ୍ସବରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଯୋଗଦେଇ ସମସ୍ତେ ଶୃଙ୍ଖଳାର ସହ ନିୟମ ମାନିଲେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିହେବ ବୋଲି ବକ୍ତବ୍ୟ ରଖିଥିଲେ। ତତସହିତ ଯେଉଁ ମାନେ ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ସହ ଯୋଗର ହାତ ବଢାଉଛନ୍ତି ସେମାନଙ୍କୁ ଦେବଦୂତ ଭାବରେ ଅଭିହିତ କରିବା ସହିତ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା , ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଜଗତସିଂହପୁର ସିମା ଜେନା ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦ୍ୱୀପ ଅଭିଷେକ ପଣ୍ଡା ସମ୍ମାନୀତ ଅତିଥି ଭାବରେ ଯୋଗଦାନ ଦେଇ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ଚଳିତ ମାସରେ ସଡ଼କ ସଚେତନତା କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଇଥିବା ପି ପି ଏଲ, ପାରାଦୀପ ,ଇଫକୋ ପାରାଦୀପ,ଆଇ ଓ ସି ଏଲ ପାରାଦୀପ, ଓ ଏସ ଏଲ , ପାରାଦୀପ,ପାରାଦୀପ ଟ୍ରକ ମାଲିକ , ଜଗତସିଂହପୁର ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ, ପାରାଦୀପ ବସ୍ ମାଲିକ ସଂଘ, ଜଗତସିଂହପୁର ବସ୍ ମାଲିକ ସଂଘ, ସୁଶ୍ରୀ ଅଟୋମୋଟିଭ, କାଞ୍ଚନ ମୁରଲି ହୋଣ୍ଡା, ଗୀତା ମୋଟରସ୍, ସୁନି ଅଟୋ ବାଇକ, ମୈତ୍ରୀ ଅଟୋ କେୟାର ଏବଂ ଗୁରୁ ଗୋରେଖ ଟ୍ରାଭେଲସର ସତ୍ୱାଧିକାରୀ ସୁର୍ଯ୍ୟ ନାରାୟଣ ମହାନ୍ତିଙ୍କୁ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ସହିତ ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ପିଡ଼ିତମାନଙ୍କୁ ସାହାଯ୍ୟ କରୁଥିବା ଦେବଦୁତ ଶ୍ରୀ ପଙ୍କଜ ତରାଇ ଏବଂ ତାଙ୍କର ୩୦ ଜଣ ସହଯୋଗୀ ,ବ୍ୟାସ ଫାଉଣ୍ଡେସନର ପରିଚାଳକ ସ୍ନେହାଶ୍ରୀ ଆଚାର୍ଯ୍ୟ,ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରୁଥିବା ଡଃ ସୁନାକର ବେହେରା, ବିଭିନ୍ନ କଲେଜରେ ସଚେତନତା କାର୍ଯ୍ୟକ୍ରମ କରିଥିବା ଡିଏସପି ଶ୍ରୀମତୀ ମାଝୀ,ଆଡଭୋକେଟ ସୁର ପ୍ରସାଦ ଦାସ ଇତ୍ୟାଦିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅଧାପକ ତଥା ରାଜ୍ୟ ରେଡକ୍ରସ ସୋସାଇଟି ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ସଂଯୋଜନା କରିଥିଲେ। ଶେଷରେ କନିଷ୍ଠ ମୋଟରଯାନ ନିରିକ୍ଷକ ମନୋରମା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କୁମାର ବେହେରା ଏବଂ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।




### ବିଦ୍ୟୁତ୍ ଟ୍ରାନ୍ସଫର୍ମା ଚୋରି

ଯାଜପୁରସଦର,(ସବ୍ୟୁ) : ଯାଜପୁରସଦର ଥାନା ଅର୍ନ୍ତଗତ ବରୁଆଁ ପଂଚାୟତର କଚେରୀଗାଁ ବିଲରୁ ଦୁର୍ବୁତ ମାନେ ବିଦ୍ୟୁତ୍ ଟ୍ରାନ୍ସଫର୍ମାକୁ ଖୋଲି ତାର ସହିତ ଚୋରି କରି ନେଉଥିବା ଯାଜପୁରସଦର ଥାନାରେ ଆଖଣ୍ଡଳମଣି ପାଣି ପଂଚାୟତର ସଭାପତି ଅଭିମନ୍ୟୁ ପରିଡାଙ୍କ ସହିତ ସମ୍ପାଦକ ଓ ପାଣି ପଂଚାୟତର ଅନ୍ୟ ସବୁ ସଭ୍ୟମାନେ ଏହି ଅଭିଯୋଗ ପତ୍ରରେ ଦସ୍ତଖତ କରି ସଦରଥାନାରେ ଦିଆଯାଇଥିଲେ ମଧ୍ୟ ପୋଲିସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି । ସଟୋରେ ଥିବା ଉଠାଜଳସେଚନ ପ୍ରକଳ୍ପର ଜେଇଙ୍କୁ ପାଣି ପଂଚାୟତର ପିଲାମାନେ ଅଭିଯୋଗ କରିଥିଲେ ମଧ୍ୟ ଜେଇ ଏହି ଘଟଣାରେ କର୍ଣ୍ଣପାତ କରିନଥିଲେ । ବିଦ୍ୟୁତ୍ ବିଭାଗର ଜେଇଙ୍କ ନାମରେ ଉକ୍ତ ଚୋରି ଘଟନାକୁ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । କିଛି ଦିନ ତଳେ ବିଦ୍ୟୁତ୍ ବିଭାଗ ଜେଇ ସହିତ ଉକ୍ତ ଗ୍ରାମର ଅଭିମନ୍ୟୁ ପରିଡାଙ୍କ ପୁଅ ଉପୋଭୋକ୍ତା ଘଟଣାକୁ ନେଇ ବିବାଦ ହୋଇଥିଲା । ଏଣୁ ସମ୍ପୃକ୍ତ ଜେଇ ଉକ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲା ।

## ଚାଷୀମାନଙ୍କ ପାଇଁ ନୂତନ ବୋରୱେଲର ଭିତ୍ତିପ୍ରସ୍ତର

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଶୁଶୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଗ୍ରାମରେ ପାଣି ପଞ୍ଚାୟତର ଓଡିଶା ଉଠା ଜଳସେଚନ ପ୍ରକଳ୍ପର ନୂତନ ବୋରୱେଲର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ସରକାରଙ୍କର ବହୁ ଲୋକାଭିମୁଖୀ ଯୋଜନା ଭିତରୁ ଚାଷୀଙ୍କ ପାଇଁ ଓଡିଶା ଉଠା ଜଳସେଚନ ପ୍ରକଳ୍ପ ହେଉଛି ଏକ ଅନ୍ୟତମ ଯୋଜନା । ପାଣି ପଞ୍ଚାୟତର ସଭାପତି ରମାକାନ୍ତ ସାମଲଙ୍କ ଦ୍ୱାରା ନୂତନ ବୋରୱେଲରଟିକୁ ନଡ଼ିଆ ପିଟି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାବେଳେ ସମସ୍ତ ଚାଷୀ ଏବଂ ପାଣି ପଞ୍ଚାୟତର ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହା ଏକ ମରୁଡି ଅଞ୍ଚଳ ହୋଇଥିବାରୁ ନୂତନ ପାଣି ପ୍ରକଳ୍ପ ଦ୍ୱାରା ଚାଷୀମାନେ ବହୁ ଉପକୃତ ହେବାସହ ଚାଷ କ୍ଷେତରେ ଭଲ ଫସଲ ହେବବୋଲି ଚାଷୀ ମାନେ ମତବ୍ୟକ୍ତ କରିବା ସହ ଖୁସି ହୋଇଥିଲେ ।

## ଟ୍ରାକ୍ଟର ଚୋର ୩ମାସ ପରେ ଗିରଫ

ଦାନଗଦି ,(ସବ୍ୟୁ) : କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରି ହାଟ ନିକଟରୁ ଏକ ଟ୍ରାକ୍ଟର ଚୋରି କରିଥିବା ଘଟଣାରେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅନ୍ତର୍ଗତ ଗୋଠତୁଲିଆ ଗ୍ରାମର ଟୁଡୁ କେରାଇଙ୍କ ପୁଅ ଭିମ (୨୫) ଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରାଯାଇଥିବା ପ୍ରକାଶ । ସୂଚନା ମୁତାବକ ୨୦୨୫ ମସିହା ଅକ୍ଟୋବର ୧୬ ତାରିଖ ରେ ଡୁବୁରି ହାଟ ନିକଟରୁ ଚତୁରତାର ସହିତ ଟ୍ରାକ୍ଟରଟି ଚୋରି କରି ନେଇଥିବା କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ମିଳିବା ପରେ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏକ ମାମଲା ରୁଜୁ କରି ତଦନ୍ତ ଭାର ଏଏସ୍ଇ ଦିବାକର ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ଘଟଣା ଘଟିବାର ୪ଦିନ ପରେ ଚୋରି ଟ୍ରାକ୍ଟରଟିକୁ ସୁନ୍ଦରଗଡ ଜିଲ୍ଲା ପାଲଲହଡା ଥାନା ଅନ୍ତର୍ଗତ ଜୟପୁର ନିକଟରୁ ଉଦ୍ଧାର କରାଯାଇଥିଲା । ଚୋର ଫେରାର ହୋଇ ବୁଲୁଥିଲା । ଗତ ଗୁରୁବାର ଦିନ ଡୁବୁରି ହାଟରୁ ପୁଣି ଚୋରି କରିବାକୁ ଆସିଥିବାର ଖବର ମିଳିବା ପରେ ତଦନ୍ତ ଅଧିକାରୀ ପିଛାକରି ବାଇସାହି ଛକ ନିକଟରେ ଗିରଫ କରିଥିଲା । ଗିରଫ ପରେ ଟ୍ରାକ୍ଟରର ଟ୍ରଲିକୁ ରାମେଠେଙ୍ଗା ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା ।

## ଦୁର୍ଗାଦେବୀ ଓ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ତୃତୀୟ ବାର୍ଷିକ ମନ୍ଦିର ପ୍ରତିଷ୍ଠା ମହୋତ୍ସବ





ଯାଜପୁର, (ସବ୍ୟୁ) : ଯାଜପୁର ସ୍ଥିତ ଦୁର୍ଗାପୁର ଠାରେ ଥିବା ଦୁର୍ଗାଦେବୀ ପୀଠରେ ଓଁ ଶ୍ରୀ ଶ୍ରୀ ଦୁର୍ଗାଦେବୀ ଓ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ତୃତୀୟ ବାର୍ଷିକ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ବେଶ ଆନନ୍ଦ ଉଲ୍ଲସର ସହିତ ଭକ୍ତି ଭାବମୟ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ଶୁକ୍ରବାର ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁପୂଜା, ଦୁର୍ଗାଦେବୀଙ୍କ ମହାସ୍ନାନ ପରେ ରୁଦ୍ରାଭିଷେଖ, ଦୁର୍ଗାଦେବୀଙ୍କ ଷୋଡଶ ଉପଚାର ପୂଜା, ସପ୍ତସତି ଚଣ୍ଡୀ ହବନ କର୍ମ ସହିତ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହୋଇଥିଲା । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଦୁର୍ଗାପୁର ଗ୍ରାମବାସୀ ଓ ମା' ଦୁର୍ଗା ଆଞ୍ଚଳିକ ଉନ୍ନୟନ କମିଟି, ଆନୁକୂଲ୍ୟରେ ପ୍ରତିବର୍ଷ ମା'ଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବେଶ ଆଡମ୍ବର ସହକାରେ କରାଯାଉଛି । ଦିନ ଥିଲା ମା' ଦୁର୍ଗା ଏକ ଛୋଟ ଗୃହରେ ପୂଜା ପାଉଥିଲେ । କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ ଆଗ୍ରହ ଏବଂ କିଛି ବଦାନ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଆଜି ଦୁର୍ଗାପୁର ଠାରେ ମା'ଙ୍କ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିବାରେ ସହାୟକ ହୋଇପାରିଛି । ଭକ୍ତଙ୍କ କହିବା ମୁତାବକ ମା' ବହୁତ ପ୍ରତ୍ୟକ୍ଷ୍ୟ ଅଟନ୍ତି । ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ମା'ଙ୍କ ଉପରେ ବେଶ ଆସ୍ଥା ରହିଛି।

## ପାଣିକୋଇଲି ଟ୍ରମା କେୟାରକୁ ପିପିପି ମୋଡର ପ୍ରତ୍ୟାହାର ଉପଖଣ୍ଡ ଚିକିତ୍ସାଳୟ ଖୋଲିବା ଦାବୀରେ ଯାଜପୁର ପଦଯାତ୍ରା

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଠାରେ ଦୁର୍ଘଟଣା ଜନିତ ଆଶୁ ଚିକିତ୍ସାଳୟ(ଟ୍ରମା କେୟାର) ପିପିପି ମୋଡରେ ଖୋଲିବା ନିଷ୍ପତିର ପ୍ରତ୍ୟାହାର ସହ ଏହି ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟ (ଏସଡିଏଚ) ଘୋଷଣା କରିବା ଦାବିରେ ଶୁକ୍ରବାର ଯାଜପୁର ୟୁଥ ଫୋରମ ପକ୍ଷରୁ ପାଣିକୋଇଲି ଠାରୁ ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟକୁ ପଦଯାତ୍ରା କରାଯାଇଛି । ଯାଜପୁର ୟୁଥ ଫୋରମର ସଭାପତି ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦ୍ୟେଶରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦିଆଯିବା ପାଇଁ ଏହି ପଦଯାତ୍ରା ଆହ୍ୱାନ କରାଯାଇଥିଲା । ଯାଜପୁର ଜିଲ୍ଲାର ପାଣିକୋଇଲି ଦୁଇଟି ରାଜପଥ (୧୬ ଓ ୨୦)ର ସଂଗମସ୍ଥଳୀ । ପାଣିକୋଇଲି ଠାରେ ଆନ୍ଦୋଳନରୁ ଜନ୍ମ ନେଇଥିବା ଦୁଇଶହ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ପ୍ରାୟ ୨ ବର୍ଷ ହେବ କାର୍ଯ୍ୟଶେଷ ହୋଇଛି । ମାତ୍ର ତାହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ଘଟିଛି । ହେଲେ ଏହାକୁ ବେସରକାରୀ ହାତରେ ଟେକି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ସ୍ଥନୀୟ ଅଂଚଳରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ସାଧାରର ଲୋକଙ୍କ ଅର୍ଥ ରେନିର୍ମିତ ଏହା ଟ୍ରମା କେୟାରକୁ ପିପିପି ମୋଡ ଖୋଲିବାକୁ ବିରୋଧ କରାଯାଇଛି । ଏହାକୁ ସରକାରୀ ଭାବେ ଖୋଲାଯାଉ ନଚେତ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ କରାଯିବାକୁ ଯାଜପୁର ୟୁଥ ଫୋରମ ଦାବି କରିଛି । ଯାଜପୁର, ଭଦ୍ରକ, କେଉଁଝର ଜିଲ୍ଲାର ଦୁର୍ଘଟଣା ଗ୍ରସ୍ଥ ବ୍ୟକ୍ତି ଚିକିତ୍ସା ପାଇବାର ସୁଯୋଗ ଓ ସମସ୍ତ ଭିତିଭୂମି ଥାଇ ବେସରକାରୀ ହାତରେ ଟେକିଦେବାକୁ ବିରୋଧ କରାଯାଇଛି ।

## ତୁଳସୀ ମହିଳା କଲେଜ ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,(ସବ୍ୟୁ) : ତୁଳସୀ ମହିଳା ମହା ବିଦ୍ୟାଳୟ ର ଅଧକ୍ଷ ଡ଼ଃ ମଥୁରୀ ଚରଣ ନାୟକ ଆଜି ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ କଲେଜର ଅଧାପକ, ଅଧାପିକା ମାନଙ୍କ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଂରାଜୀ ବିଭାଗର ବରିଷ୍ଠ ଅଧାପକ ତଥା ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ତପନ କୁମାର ଦାଶ ଅଧକ୍ଷତା କରିଥିବା ବେଳେ ବିଦାୟୀ ଅଧକ୍ଷ ଡ଼ଃ ନାୟକ ଓ ଗ୍ରାନ୍ଥାଗାରିକ ରଶ୍ମିତା ପଟ୍ଟନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରା ଯାଇଥିଲା । ଡ଼ଃ ନାୟକ କରିଲୋପାଟଣା ମହା ବିଦ୍ୟାଳୟ ରୁ ଅଧାପନା କାର୍ଯ୍ୟ ଆରମ୍ଭ କରି ଦୀର୍ଘ ବର୍ଷ ଧରି ନିଜର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସା ଭାଜନ ହୋଇଥିଲେ । ୨୦୧୬ ରେ ତୁଳସୀ ମହିଳା ମହା ବିଦ୍ୟାଳୟ ରେ ଯୋଗ ଦେବା ପରେ ଏଠାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ, ଶୈକ୍ଷିକ ଭୀତିଭୂମି ସୁଦୃଢ କରିବା ଓ ନୂତନ ଛାତ୍ରୀ ନିବାସ ନିର୍ମାଣ ଓ ଶ୍ରେଣୀଗୃହ ନିର୍ମାଣ ଆଦି ବହୁ ଉନ୍ନୟନ ମୂଳକ କର୍ଯ୍ୟକରି ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି । ଆଜିର ଏହି ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାର୍ଶାଘାଇ ମହା ବିଦ୍ୟାଳୟ ର ଅଧକ୍ଷ ଡ଼ଃ ଶଶିକାନ୍ତ ନାୟକ, ପୂର୍ବତନ ଅଧକ୍ଷ ଅଜୟ ସାମଲ, ରଂଜିତ ରଂଜନ ସାହୁ, ସବିତା ଦାସ, ଡ଼ଃ ପଦ୍ମଜାକବି ଶତପଥୀ, ଡ଼ଃ ମମତା ସାହୁ ପ୍ରମୁଖ ମହା ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସ୍କୁଲରେ ତାଲା ପକାଇଲେ ଉତ୍ୟକ୍ତ ଅଭିଭାବକ,ଶିକ୍ଷାଦାନ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : – ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଂଚାୟତ ଗୋପିନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଶାସନର ରାଜନୈତିକ ଖେଳ ପ୍ରଧାନ ଶିକ୍ଷକଙ୍କ ନିମନ୍ତେ ପାଲଟିଛି କାଳ। ଏହାର ପ୍ରତିବାଦରେ ଆଜି ଉତ୍ୟକ୍ତ ଛାତ୍ରାଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗୋପିନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଦାସ ବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ହୋଇଥିବା ବିଲରେ କାଳେ ଦସ୍ତଖତ କରି ନଥିଲେ। ଏହି ଘଟଣାକୁ କେନ୍ଦ୍ର କରି ତାଙ୍କୁ କଳେ ବଳେ କୌଶଳେ ଜାଲରେ ଫସାଇବା ନିମନ୍ତେ ପ୍ରଶାସନିକ ସ୍ତରରେ ରାଜନୈତିକ ଚାପରେ ଖେଳ ଆରମ୍ଭ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ଦାସ କାଳେ ବିଦ୍ୟାଳୟର ଜଣେ ପଂଚମ ଶ୍ରେଣୀ ଛାତ୍ରୀ ପ୍ରତି ଅସଦାଚରଣ କରିଥିବାର ଛାତ୍ରୀଙ୍କ ମାଆ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ନିଜ କ୍ଷମତାର ଅପବ୍ୟବହାର କରି ବିଦ୍ୟାଳୟ ପରିସରରୁ ବ୍ଲକ ଶିକ୍ଷାଧିକାରୀଙ୍କ ବିନା ଆଦେଶରେ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା। ଥାନା କେଶ ନଂ ୩୩/୨୦୨୬ରେ ଶ୍ରୀ ଦାସଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅପରପକ୍ଷରେ ଶ୍ରୀ ଦାସଙ୍କୁ ଯୋଜନାବଦ୍ଧଭାବେ ମିଥ୍ୟା ମାମଲାରେ ଫସାଯାଇଥିବାର ତାଙ୍କ ପତ୍ନୀ ଥାନାରେ ଏକ ପାଲଟା ଅଭିଯୋଗ କରିଥିଲେ। ତେବେ ଛାତ୍ରୀ ଓ ପ୍ରଧାନ ଶିକ୍ଷକଙ୍କର ଏକ ଆପତି ଜନକ ଘଟଣାକୁ ଯୋଜନାବଦ୍ଧଭାବେ ମୋବାଇଲ ଯୋଗେ ଭିଡିଓ ଉତୋଳନ କରାଯାଇଥିବାର ସାଧାରଣରେ କୁହାଯାଉଛି। ତେବେ ଏସମ୍ପର୍କରେ ଥାନାରେ ଏକ ପାଲଟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଜଣକୁ ଗିରଫ କରିଥିବାର ଜଣାଯାଇଛି। ଅପରପକ୍ଷରେ ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିବାର ପ୍ରତିବାଦରେ ଆଜି ଶତାଧିକ ଉତ୍ୟକ୍ତ ଛାତ୍ରାଭିଭାବକ ଛାତ୍ର ଛାତ୍ରୀଙ୍କୁ ଶ୍ରେଣୀରୁ ବାହାର କରିଦେବା ସହ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏପରିକି ଛାତ୍ରାଭିଭାବକମାନେ ବିଦ୍ୟାଳୟ ପରିସରରେ ବସି ରହି ନାରାବାଜି କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ ହୋଇଥିଲା।



ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଅନିତା ସାହୁ ଓ ବ୍ଲକ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ କ୍ଷମତା ଓ ଅର୍ଥକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଜେଲ ହାଜତରେ ଥିବା ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରିଣୀ କାର୍ଯ୍ୟରୁ ନିଲମ୍ବିତ କରିଥିବାର ଜଣାଯାଇଛି। ଏଠାରେ ସୂଚନା ଥାଉକି ଏହି ବିଦ୍ୟାଳୟରେ ବ୍ୟାପକ ଆର୍ଥୀକ ଅନିୟମିତତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ବଡ ଧରଣର ଘୋଟାଲା ହେଉଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଏହି ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅପ୍ରୀତିକର ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ତଥ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବିଧାୟକଙ୍କ ଦ୍ୱାରା ପ୍ରତିଭା ସମ୍ବର୍ଦ୍ଧନା ଓ ପ୍ରକଳ୍ପର ଶୁଭାରମ୍ଭ

ବରୀ, (ସବ୍ୟୁ ): ବରୀ ବ୍ଲକ୍ ଅର୍ନ୍ତଗତ ଧାରପୁର ପଞ୍ଚାୟତର ନାଥପୁରଠାରେ ବିଧାୟକ ବିଶ୍ୱରଂଜନ ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ବହୁ ପ୍ରତିଭାଧର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଡକ୍ଟର ଅଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅପରାହ୍ନରେ ମୁଖ୍ୟଅତିଥିଭାବେ ବିଧାୟକ ଶ୍ରୀ ମଲ୍ଲିକ ମମତା ଗୃହ, ମିଶନ ଶକ୍ତି ଗୃହ, ମହାପୁରୁଷ ମନ୍ଦିର ଓ ପାଲା ମଣ୍ଡପ ଉଦ୍ଘାଟନ କରିଛନ୍ତି । ପାଲାମଣ୍ଡପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ଶ୍ରୀ ମଲ୍ଲିକ ଯୋଗଦେଇ କହିଲେ ଯେ ବରୀର ବିକାଶ ପାଇଁ କୌଣସି ଶକ୍ତି ପ୍ରତିବନ୍ଧକ ହୋଇପାରିବ ନାହିଁ । ସମସ୍ତେ ଯେଉଁଭଳି ଭାବେ ସମର୍ଥନ ଦେଇଛନ୍ତି ତାର ପ୍ରତିଉତ୍ତରରେ ମୁଁ ବଞ୍ଚିଥିବା ଯାଏ ବରୀର ସେବା କରିବି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବରୀ ବ୍ଲକ୍ ଉପାଧକ୍ଷା ଅର୍ଚ୍ଚନା ମଲିକ, ଯୁବନେତା ବୁଲୁ ଯାଦବ, ପ୍ରସନ୍ନ ସାମଲ, ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ସମିତିସଭ୍ୟ ଚିନ୍ତାମଣି ଜେନା, ମିଶନ ଶକ୍ତି ମହାସଂଘର ସମ୍ପାଦିକା ରମାମଣୀ ଶ୍ୟାନ୍ତି, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସରପଞ୍ଚ କୁନା ମଲିକ ଅତିଥିପରିଚୟ ଓ ସମିତିସଭ୍ୟ ଶ୍ରୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରାଚୀନ କଳା ପାଲା ପାଇଁ ଉତ୍ସର୍ଗୀକୃତ ସେବା ନିମନ୍ତେ ବ୍ରଜ ମୋହନ ସାମଲ, ଧର୍ମପଦ ଜେନା, ବଳରାମ ପାତ୍ର, ଗୋଲଖ ଚନ୍ଦ୍ର ଦଳାଇ, ଗାୟକ ଗୁନଚରଣ ନାୟକ, ଚିତ୍ତରଂଜନ ଜେନା, ସୁଲୋଚନା ପଣ୍ଡା ପ୍ରମୁଖଙ୍କୁ ଧାରପୁର ପଞ୍ଚାୟତ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍‌ଡ଼ି ରାସ୍ତା ଆର୍‌ଆଣ୍ଡବିକୁ ହସ୍ତାନ୍ତର

ମହାକାଳପଡ଼ା,(ସବ୍ୟୁ) : ମହାକାଳପଡ଼ା ବିଧାନସଭା କ୍ଷେତ୍ର ଅଧୀନ ମହାକାଳପଡ଼ା ଓ ମାର୍ଶାଘାଇ ଉଭୟ ବ୍ଲକ ଅଂଚଳର ୪ଗୋଟି ଆରଡ଼ି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ନେଇ ଆରଆଣ୍ଡବି ବିଭାଗ କୁ ହସ୍ତାନ୍ତର ହୋଇଛି । ଆରଡ଼ି ବିଭାଗ ଅଧୀନ ମହାକାଳପଡ଼ା ବ୍ଲକର ବିଜୟନଗର ଠାରୁ କଣ୍ଟାବଣ ପର୍ଯ୍ୟନ୍ତ ୬. ୩୩କିଲୋମିଟର ଓ ଲୁଣାଘେରି ଠାରୁ ବଗଗହଣ ଭାୟା ମିଳନମୋଡ଼ ପଂକପାଳ ହାଟ ପର୍ଯ୍ୟନ୍ତ ୬. ୮୯କିଲୋମିଟର ରାସ୍ତାଅନ୍ତର୍ଭୁକ୍ତ । ସେହିପରି ମାର୍ଶାଘାଇ ବ୍ଲକ ର ମାର୍ଶାଘାଇ ଠାରୁ ତିଖୀରୀ ପର୍ଯ୍ୟନ୍ତ ୫. ୧୯, କିଲୋମିଟର ଓ ବେରୁହା ଠାରୁ ମଧୁସୂଦନ ପୁର ପର୍ଯ୍ୟନ୍ତ ୬. ୧୭କିଲୋମିଟର ରାସ୍ତା ରହିଛି । ମହାକାଳପଡ଼ା ବିଧାନସଭା,ନିର୍ବାଚନମଣ୍ଡଳୀସ୍ଥ ଜନସାଧାରଣଙ୍କ ଗମନା ଗମନ ସୁବିଧା ପାଇଁ ଉଭୟ ବ୍ଲକ ର ୨୪କିଲୋମିଟର ରୁ ଉର୍ଦ୍ଧ୍ୱ ରାସ୍ତାର ପ୍ରଶସ୍ତି କରଣ ନେଇ ସ୍ଥାନୀୟ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ(ଆରଆଣ୍ଡବି) କୁ ହସ୍ତାନ୍ତର ପାଇଁ ଗ୍ରାମାଞ୍ଚଳ ଉନ୍ନୟନ (ଆରଡ଼ି )କୁ ଅବଗତ କରାଇଥିଲେ । ତଦନୁଯାୟୀ ଉଭୟ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ କ୍ରମେ ସମ୍ପୃକ୍ତ ରାସ୍ତା ଗୁଡିକ ବିଭାଗୀୟ ସ୍ଥାନାନ୍ତରଣ ହୋଇପାରିଛି । ଆଗାମୀ ଦିନରେ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ଫଳରେ ଯାତାୟାତ ସୁଗମ ହୋଇପାରିବ ବୋଲି ଜଣାପଡିଛି।

## ବୋଲେରୋକୁ ପିଟିଲା ବାଇକ୍ : ଜଣେ ମୃତ

ଦଶପଲ୍ଲା, (ସବ୍ୟୁ) : ଶୁକ୍ରବାର ରାତିରେ ଦଶପଲ୍ଲା ଥାନା କୁଆଁରିଆ ଛକ ନିକଟରେ ଏକ ବୁଲେରୋକୁ ବାଇକ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛି। ମୃତକ ହେଉଛନ୍ତି ସ୍ଥାନୀୟ ନୂଆଗାଁ ଗ୍ରାମର ସମୀର ପ୍ରଧାନଙ୍କ ପୁଅ ରିତେଶ ପ୍ରଧାନ (୨୧) ଏବଂ ଆହତଙ୍କ ନାଁ ଧରମା ପ୍ରଧାନ (୨୦)ଓ ତାଙ୍କଘର ସ୍ଥାନୀୟ ରଥଗାଁ ଗ୍ରାମରେ। ଉଭୟ ବାଇକରେ ଘରକୁ ଫେରୁଥିବା ବେଳେ ଫୁଲବାଣୀ ଯିବା ପାଇଁ ଜାତୀୟ ରାଜପଥ ପାଶ୍ୱର୍ରେ ଠିଆ ହୋଇଥିବା ଏକ ବୁଲେରୋ ସହ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ରିତେଶ ର ମୃତ୍ୟୁ ହୋଇଥିବା ବେଳେ ଧରମା ର ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଥିଲା। ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ରିତେଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ଧରମାକୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି।

ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ବାଇକ ଓ ବୁଲେରୋକୁ ଜବତ କରିଥିବା ବେଳେ ମୃତ ରିତେଶର ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ଅସ୍ତରଙ୍ଗ ଉପକୂଳରେ କୁମ୍ଭୀରଙ୍କ ରାଜୁତି



ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ତଥା ଗଙ୍ଗାଦେବୀ ମୁହାଁଣ ଠାରୁ କେଳୁଣୀ ମୁହାଁଣ ପର୍ଯ୍ୟନ୍ତ ଦୀର୍ଘ ୨୫କିଲୋମିଟର ବ୍ୟାପି ସମୁଦ୍ର ତଟରେ ଏବେ କିଛିଦିନ ହେବ କୁମ୍ଭୀରଙ୍କ ଆତଙ୍କରାଜ ଦେଖିବାକୁ ମିଳୁଛି। ଏହି ମାସକ ଭିତରେ କୁମ୍ଭିର ପିର ଯାହାନିଆ ବେଳାଭୂମିରେ ଦେଖା ଯାଇଥିଲା ଓ ଲୋକ ଦେଖିବା ଲାଗି ରୁ,, ହେବାରୁ ସେଠୁ ଖସି ପଳାଇ ଯାଇଥିଲା । ହେଲେ ଏହାର କିଛି ଦିନ ପରେ ଦେବୀ ମାଉଥର ଅନତି ଦୂରରେ କୁମ୍ଭୀରଟି ସକାଳୁ ସକାଳୁ ଗୋଟେ ଲୁଣାଜଙ୍ଗଲ ଗଛ ମୂଳେ ଖରା ଖାଉଥିବାର ଦେଖିବାକୁ ମିଳିଥିଲା। କିନ୍ତୁ ଶନିବାର ଦିନ ସକାଳ ସମୟରେ କୁମ୍ଭୀରଟି ଛୁରିଅନା ଗ୍ରାମ ପଞ୍ଚାୟତ ଅଧୀନ ଦାଲୁଅକଣି ଓ ଅଣକଣା ଗ୍ରାମ ନିକଟ ସମୁଦ୍ର ତଟରେ ଦେଖା ଯାଇଥିଲା ଓ କିଛି ବାଟ କୂଳକୁ ଉଠି ଖରା ପୋଉଥିବା ବେଳେ ସମୁଦ୍ର ତଟରେ ଥିବା ତେଲୁଗୁ ସମ୍ପ୍ରଦାୟ ଧିବର ଓ ଉପସ୍ଥିତ ଥିବା ସ୍ଥାନୀୟ କିଛି ଲୋକ ମାନେ ଦେଖି ଡରି ଯାଇଥିଲେ। ସମୁଦ୍ର ତଟ ଗହଳି ହେବାରୁ କୁମ୍ଭୀରଟି କିଛି ବାଟ ସମୁଦ୍ର ଲହଡି କୁ ଯାଇ ପହଁରି ପହଁରି ପିର ଯାହାନୀଆ ବେଳାଭୂମି ଆଡ଼େ ଗତି କରିଥିଲା। କୁମ୍ଭୀର ମାନଙ୍କୁ ବର୍ଷସାରା ଖାରୀୟ ଜଳ ହେଉ କି ମଧୁର ଜଳ ତାଙ୍କୁ ସେହି ପାଣିରେ ଏକ ଆବଦ୍ଧ ଭାବେ ରଖାଯାଇ ଥାଏ ।

ବର୍ଷ ସାରା ରହିବା ପରେ ଶୀତ ଦିନେ ଜଦି କିଛି ରୋଗ ଦେଖାଗଲା ସେମାନଙ୍କୁ ଲୁଣି ପାଣିକୁ ଛାଡି ଦିଆ ଯାଇଥାଏ ରୋଗ ଭଲ ହେବା ପାଇଁ କିଛିଦିନ ଲୁଣି ପାଣିରେ ରହିବା ପରେ ସେମାନଙ୍କୁ ଯନ୍ତ୍ର ଚାଳିତ ଡ଼ଙ୍ଗା ଦ୍ୱାରା ଧାରା ଯାଇ ପୁନର୍ବାର ପୂର୍ବ ସ୍ଥାନକୁ ନିଆଯାଇ ଥାଏ। ସେହି ସମୟ ଭିତରେ ଜଦି କୌଣସି କୁମ୍ଭୀର ସମୁଦ୍ର କି ନଦୀକୁ ଖସି ଆସିଥାଏ ସେହି ମାନେହିଁ କୂଳକୁ ଆସି ଆତଙ୍ଗ ସୃଷ୍ଟି କରି ଥାନ୍ତି ବୋଲି ଜଣାପଡିଛି ।

## ଜବରଦଖଲ କରି ରହିଥିବା ବାଂଲାଦେଶୀଙ୍କୁ ଉଚ୍ଛେଦ



ବାଲିପାଟଣା, (ସବ୍ୟୁ) : ବାଲିପାଟଣା ବ୍ଲକ ଗରେଡ଼ିପାଞ୍ଚଣ ଛକ ନିକଟରେ ବହୁଦିନ ଧରି ସରକାରୀ ଜମିକୁ ଜବରଦଖଲ କରି ରହିଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆଦେଶରେ ଏହି ଗୋଚର ଜମିରୁ ଉଚ୍ଛେଦ କରାଯାଇଛି।

ବାଲିପାଟଣା ତହସିଲଦାର କଳ୍ପନା ଦାସ ପୋଲିସ ଫୋର୍ସ ସହିତ ଉପସ୍ଥିତ ରହି ଜେ ସି ପି ଲଗାଇ ଏଠାରେ ଥିବା ପ୍ରାୟ ଦଶ ବଖରା ଘର ମାଟିରେ ମିଶାଇ ଦେଇଛନ୍ତି। ପୂର୍ବରୁ ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀମାନଙ୍କୁ ଦାବିପତ୍ରମାନ ଦିଆଯାଇ ସରକାରୀ ଜମିରୁ ଉଚ୍ଛେଦ ପାଇଁ ଦାବି କରାଯାଇ ଆସୁଥିଲା। ୬ ଗୋଟି ପରିବାର ମଧ୍ୟରୁ ଆଜି କୋର୍ଟ ଆଦେଶ ଯୋଗୁଁ ଅସୀମ ମଜୁମଦାରଙ୍କର ଘର ଭଙ୍ଗାଯାଇ ନାହିଁ ତାଙ୍କୁ ଦୁଇସପ୍ତାହ ମହଲତ ଦିଆଯାଇଛି ।

ଘରଭଙ୍ଗା ଯାଇଥିବା ଅନ୍ୟ ବ୍ୟକ୍ତିମାନେ ହେଲେ ଅବିନାଶ ମଜୁମଦାର, ଲକ୍ଷ୍ମୀ ମଜୁମଦାର, ନରେନ୍ ମଜୁମଦାର, ଲାବଣ୍ୟ ମଜୁମଦାର। ଖାତା ନଂ ୧୦୫୧ ଓ ପ୍ଲଟ ନ ୧୨୦୬ ରେ ସେମାନେ ଘର ତିଆରି କରି ରହିଥିବାରୁ ସ୍ଥାନୀୟ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ। ତହସିଲଦାରଙ୍କ ସହିତ ଅତିରିକ୍ତ ତହସିଲଦାର ସୌରଭ କୁମାର ବଡୁ, ସୁପରଭାଇଜର ଜଗନ୍ନାଥ ମହାରଣା, ରାଜସ୍ୱ ନୀରିକ୍ଷକ ମିତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନିରାକାରପୁର କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସଡକ ସୁରକ୍ଷା ଶୋଭାଯାତ୍ରା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଦୟାନନ୍ଦ ଅଙ୍ଗଲୋବାଦୀ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଏକ ସଡକ ସୁରକ୍ଷା ଶୋଭାଯାତ୍ରା ଏନସିସି ଅଫିସର ଡ.ଲେଫଟନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସଭାରେ ନୂତନ ଭାବରେ ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ଧୀରେନ୍ଦ୍ର କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ସଡକ ସୁରକ୍ଷାର ନିୟମ, ଗାଡି ଚଳାଇବା ବେଳେ ସର୍ବଦା ହେଲମେଟ ବ୍ୟବହାର କରିବା,ଜଣେ ଭାରତୀୟ ନାଗରିକର ଦାୟିତ୍ୱ, ସଡକ ସୁରକ୍ଷା ସହିତ କିପରି ଆମ ଚତୃପାର୍ଶ୍ୱ ପରିଷ୍କାର ରଖିବା ଏହି ସବୁ ବିଷୟରେ ଉଦବୋଧନ ଦେବା ସହିତପତାକା ଦେଖାଇ ଶୋଭାଯାତ୍ରାଟିର ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀ ମାନଙ୍କ ସହିତ ଏନ ସି ସି, ସ୍କାଉଟ ଆଣ୍ଡ ଗାଇଡ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ମଧ ଯୋଗଦାନ କରିଥିଲେ ।

ଶୋଭାଯାତ୍ରାଟି ନିରାକାରପୁର କଲେଜର ମୁଖ୍ୟ ଫାଟକ ଠାରୁ ବାହାରି ନିରାକାରପୁର ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ରାଜନୀତି ବିଭାଗର ବରିଷ୍ଠ ଅଧାପକ ଡ଼. ପ୍ରଭାତ କୁମାର ଦାସ, ବାଣିଜ୍ୟ ବିଭାଗର ବରିଷ୍ଠ ଅଧାପକ ଅଶୋକ କୁମାର ପତ୍ର, ସଂସ୍କୃତ ବିଭାଗର ଅଧାପିକା ତଥା ଯୁବରେଡକ୍ରସର ପରାମର୍ଶଦାତା ସୋନାଲି ରଣସିଂ, ଇତିହାସ ବିଭାଗର ଅଧାପିକା ତଥା ସ୍କାଉଟ ଆଣ୍ଡ ଗାଇଡ ରଶ୍ମିତା ଜେନା, ରସାୟନ ବିଭାଗର ଅଧାପିକା ମୋନାଲିସା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ନିମନ୍ତେ ଶିଶୁମନ୍ଦିର ଭିତ୍ତିଭୂମିର ଉନ୍ନତି କରାଯିବ : ବିଧାୟକ

ସାକ୍ଷୀଗୋପାଳ ,(ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସାକ୍ଷୀଗୋପାଳର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଏକ ବର୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସଓ୍ୱାଗତ ଭାଷଣ ଦେଇଥିଲେ ।ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକଙ୍କ ସହିତ ଶିକ୍ଷା ବିକାଶ ସମିତିର ପ୍ରମୁଖ କର୍ମକର୍ତ୍ତା ଦେବେନ୍ଦ୍ର ପଟ୍ଟନାୟକ ଓ ଶିରିଷ କୁମାର ହାତୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ ।

ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏକ ଉତ୍ତମ ଶୈକ୍ଷିକ ଢାଞ୍ଚାରେ କିଭଳି ଶିକ୍ଷାଦାନ ଦିଆଯିବା ସେଥିପାଇଁ ବିଦ୍ୟାଳୟ ଭିତ୍ତି ଭୂମିର ଖୁବ ଶୀଘ୍ର ଉନ୍ନତି କରାଯିବା ନେଇ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟ ଅତିଥି ବିଧାୟକ ଶ୍ରୀଯୁକ୍ତ ମିଶ୍ର ପ୍ରତିଶୃତି ପ୍ରଦାନ କରିଥିଲେ ।ସେହିଭଳି ଛାତ୍ରଛାତ୍ରୀ ଙ୍କୁ ଖାଲି ପାଠ ନୁହେଁ ସେମାନଙ୍କ ରୁଚି ଅନୁଯାୟୀ ଶିକ୍ଷା ଯୋଗାଇ ଦେବାକୁ ସେମାନଙ୍କ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ ସମ୍ମାନିତ ଅତିଥି ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ।

ପରିଚାଳନା ସମିତି ସମ୍ପାଦକ ବାଉରୀବନ୍ଧୁ ସଓ୍ୱାଇଁ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ,ଆବଶ୍ୟକତା ଓ ସଫଳତାକୁ ଉପସ୍ଥିତ ଅତିଥିଙ୍କ ଧ୍ୟାନ ଆକର୍ଷଣ କରିଥିଲେ ।ଗତ ବର୍ଷ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମୂଳକ ପରୀକ୍ଷା, ବୃତ୍ତି ପରୀକ୍ଷା, ବିଜ୍ଞାନ ମେଳା, କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେବା ସହ ସେମାନଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଉପସ୍ଥିତ ଅତିଥିମାନେ ।

ଏହି ଅବସରରେ ବିଦ୍ୟାଳୟ ର ମୁଖପତ୍ର ପଞ୍ଚଶିଖା ପତ୍ରିକାକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ୧୨୦ ଗ୍ରାମ ବ୍ରାଉନସୁଗର ଜବତ : ଜଣେ ଗିରଫ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଆଜି ଖୋର୍ଦ୍ଧ ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡା ଛକ ନିକଟରେ ସଦଳବଳେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରିବା ସହିତ ୧୨୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଭ୍ରାମ୍ୟମାଣ ଅବକାରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବାବେଳେ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳ କଣ୍ଟାଛକର ହୃଷୀକେଶ ସାହୁ ( ୩୭) ବ୍ରାଉନସୁଗର ବିକ୍ରି କରିଥିବାର ସୁରାକ ପାଇ ତା ଠାରୁ ୧୨୦ ଗ୍ରାମ ବ୍ରାଉନସୁଗର୍ ଜବତ କରିଥିବା ସହିତ କେସ ନଂ ୪୩୪/୨୫-୨୬ ହୃଷୀକେଶକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣୟୁନିଟ୍ ଆଇଆଇସି ତପସ୍ୱନୀ ବରାଳ, ଏସ ଆଇ ମିତ୍ରବିନ୍ଦା ପରିଡ଼ା, ଏ ଏସ ଆଇ ସଞ୍ଜୟ କୁମାର ରାଉତ, ଏ ଏସ ଆଇ ଜିତେନ୍ଦ୍ର ହେମ୍ବ୍ରମ, କନେଷ୍ଟବଳ ସତ୍ୟବନ୍ତ ମାଝୀ , ବିକାଶ ଚନ୍ଦ୍ର ରାଉତ ଓ ସ୍ୱପାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

# ଦିବ୍ୟ ଜୀବନ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ନିମାପଡା, (ସବ୍ୟୁ) : ନିମାପଡା କଲେଜ ଛକ ନିକଟରେ ଥିବା ଦିବ୍ୟ ଜୀବନ ସଂଘ ନିମାପଡା ଶାଖାର ୫୦ ତମ ବାର୍ଷିକ ଉସିବ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ ସମାରୋହ ସପ୍ତାହ ବ୍ୟାପି ଚାଲିଥିବା ବେଳେ ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁ, ସନ୍ଥ ପଣ୍ଡିତ ମାନେ ଯୋଗ ଦେଇ ଭାଗବତ ପାରାୟଣ ଓ ଅମୃତ ବଚନ ପରିବେଷଣ କରିଥିଲେ। ପରମ ଆରାଧ ସଦ୍‌ଗୁରୁଦେବଙ୍କ ଅନିର୍ବଚନୀୟ ଦିବ୍ୟ ପ୍ରେରଣାରେ ଉଦବୁଦ୍ଧ ହୋଇ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଆଧାତ୍ମିକ ଜାଗରଣ ତଥା ସମଗ୍ର ବିଶ୍ୱରେ ବିଶ୍ୱ ଭାତୃତ୍ୱ ସୃଷ୍ଟି ଦିଗରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ନିର୍ଦ୍ଦେଶିତ ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଇଶ୍ୱର ସାକ୍ଷାତକାର ନିତୀକୁ ଆପଣାଇବା ପାଇଁ ଉପସ୍ଥିତ ଆଧାତ୍ମିକ ପ୍ରେମୀ ଭାଇ ଓ ଭଉଣୀ ମାନଙ୍କୁ ଆଶ୍ରୀବଚନ ପ୍ରଦାନ କରାଯାଇଥିଲା। ଇତି ଅବସରରେ ଦିବ୍ୟଜୀବନ ସଂଘର ମୁଖପତ୍ର ସ୍ୱାମୀ ଜଗନ୍ନାଥ ନନ୍ଦ ସରସ୍ୱତୀ ମହାରାଜଙ୍କ ଉନ୍ମୋଚିତ ହୋଇଥିଲା।

ସମାରୋହର ଉଦ୍‌ଯାପନୀ ଦିବସରେ ସ୍ୱାମୀ ବ୍ରହ୍ମ ସାକ୍ଷାତକାରୀ ନନ୍ଦ ସରସ୍ୱତୀ ମହାରାଜ,ସ୍ୱାମୀ ସଦାଶିବାନନ୍ଦ ସରସ୍ୱତୀ ମହାରାଜ, ବାବାଜୀ ବ୍ରଜବନ୍ଧୁ ଦାଶମହାରାଜ, ରିଚିକାନନ୍ଦା ସରସ୍ୱତୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇ ଅଧାତ୍ମିକ ଜ୍ଞାନ ପରଶି ଦେଇଥିଲେ। ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶାଖାର ସଭାପତି ରବୀନ୍ଦ୍ର ଖୁଣ୍ଟିଆ, ସଂପାଦକ ନିରଂଜନ ସ୍ୱାଇଁ, କୋଷାଧକ୍ଷ ପବିତ୍ର ବରାଳ, ଗଗନ ସେନାପତି, ସତ୍ୟ ପ୍ରକାଶ ସ୍ୱାଇଁ, ତପନ ମିଶ୍ର, ହୃଷିକେଶ ନାୟକ, ଦିବାକର ରାଉତ, ଧର୍ମପଦ ଦାସ ଓ ବିଜୟ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡ. ବନ ବିହାରୀ ମିଶ୍ରଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଥିଲା ।

## ଓଡିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରରେ ବାର୍ଷିକ ଉତ୍ସବ ଅରୋମା ୨୦୨୫-୨୬



ପିପିଲି, (ସବ୍ୟୁ) : ଶନିବାର ଦିନ ପିପିଲି ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ,ଗୋବିନ୍ଦପୁର ର ବାର୍ଷିକ ଉତ୍ସବ (ଅରୋମା ୨୦୨୫-୨୬) ଧୁମ ଧାମରେ ଅନୁଷ୍ଠିତ ହୋଇଅଛି।

ଏହି ଅବସରରେ ବିଦ୍ୟାଳୟ ର ଅଧକ୍ଷ ବିଭୁତି ଭୂଷଣ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସମୃଦ୍ଧ ଭାରତ ଏବଂ ଓଡିଶା ଗଠନ କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କର ସମୃଦ୍ଧି ନିମନ୍ତେ ଶିକ୍ଷକ ଏବଂ ଅଭିଭାବକ ମାନେ ଧ୍ୟାନଦେବା ଆବଶ୍ୟକ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ ସନ୍ତୋଷ କୁମାର ମହାନ୍ତି ମୁଖ୍ୟବକ୍ତା, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିଶ୍ୱନାଥ ପାଢ଼ୀ, ଗୋବିନ୍ଦପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ଜେନା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସଚ୍ଚିଦାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆଦର୍ଶ ବିଦ୍ୟାଳୟର ସଫଳ ପ୍ରୟାସ ଓ ଆଭିମୁଖ୍ୟ ମେଧାବୀ ଛାତ୍ର ଛାତ୍ରୀ ଗଠନ ରେ ସହାୟକ ହେବ ବୋଲି କହିଥିଲେ। ଅଧକ୍ଷ ଶ୍ରୀମଣ୍ଡଳ ବିବରଣୀ ପାଠ କରିଥିଲେ।

ସଭା ମଞ୍ଚରେ କ୍ରୀଡା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାକାର୍ଯ୍ୟ ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା ।

## ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ୨୫ ହଜାର ଟଙ୍କା ଲୁଟ୍

ନିମାପଡା,(ସବ୍ୟୁ): ଆଜି ଜନଗଳିପୂର୍ଣ୍ଣ ସ୍ଥାନ ନିମାପଡା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସାମ୍ନାରୁ ଜନୈକ ଶିକ୍ଷକଙ୍କ ବାଇକ ଡିକି ଭାଙ୍ଗି ୨ଜଣ ଦୁର୍ବୃତ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ପ୍ରକାଶ ଯେ, ଶିକ୍ଷକ ସନ୍ତୋଷ କୁମାର ମହାନ୍ତି ଆଜି ଦିନ ସାଢେ ୧୧ଟା ସମୟରେ ନିମାପଡାୟୁକୋ ବ୍ୟାଙ୍କରୁ ୧ଲକ୍ଷ ୨୫ ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ତାଙ୍କର ଜଣେ ବନ୍ଧୁଙ୍କୁ ଦେଖାକରିବାକୁ ବାଇକ ନେଇ ଆସିଥିଲେ। ବ୍ୟାଙ୍କ ଆଗରେ ଗାଡି ରଖି ରାସ୍ତାର ଅପରପାଶ୍ୱର୍କୁ ଯାଇ ପରିସ୍ରା କରି ଆସି ଦେଖନ୍ତି ବାଇକ ଡିକି ଭାଙ୍ଗି କେହି ଟଙ୍କା ସହ ବ୍ୟାଙ୍କ ପାସବୁକ,ଚେକବୁକ ଓ ଏଟିଏମ କାର୍ଡ ସବୁ ଲୁଟି ନେଇଛି। ଖବରପାଇ ଘଟଣା ସ୍ଥଳରେ ଡିଏସ୍‌ପି ଜନାର୍ଦ୍ଦନ ପାଢୀ,ଏସ୍‌ଆଇ ଦିଲ୍ଲୀପ କୁମାର ପଣ୍ଡା ପହଚିଂ ତଦନ୍ତ କରିଛନ୍ତି। ବ୍ୟାଙ୍କ ଏବଂ ପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରେ ୨ଜଣ ଦୁର୍ବୃତ ବାଇକରେ ତାଙ୍କ ପିଛା କରିବା ସହିତ ଜଣେ ହେଲମେଟ ପିନ୍ଧିଥିବା ବେଳେ ଅନ୍ୟ ଲୁଟେରା ଜଣକ ମଙ୍କିକ୍ୟାପ ପିନ୍ଧିଥିବା ଦେଖିବାକୁ ମିଳିଛି। ମୁହଁ ଦିଶୁନଥିବାରୁ ସିସିଟିଭିରୁ ସେମାନଙ୍କୁ ଚିହ୍ନିବା ସମ୍ଭବ ହେଉନଥିବା ଏବଂ ଲୁଟେରା ଦୁଇଜଣ ଗଞ୍ଜାମ ଜିଲ୍ଲାର ହୋଇଥିବା ପୁଲିସ ସନ୍ଦେହ କରୁଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ




କାକଟପୁର ,(ସବ୍ୟୁ) :କାକଟପୁର ପ୍ରାଚୀ ବିହାର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ର (୧୫) ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବ ରେ ହାଇସ୍କୁଲର ଅଧ୍ୟକ୍ଷ ଦୁର୍ଗା ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ରୂପେ ହିମାଂଶୁ ଭୁଷଣ ତ୍ରିପାଠୀ,ସମ୍ମାନୀୟ ଅତିଥି ଭାବେ ଇଫତେଖାର ଅଲ୍ଲୀ ଖାଁ, ଜ୍ୟୋର୍ତିମୟୀ ଦଳାଇ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶର୍ମିଷ୍ଠା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମଧ୍ୟରୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସିନ ଅତିଥି ମାନେ ପୁରସ୍କୃତ କରିଥିଲେ। ହାଇସ୍କୁଲ ଉପାଧକ୍ଷ ନିରଞ୍ଜନ ବିଶ୍ୱାଳ ଉତ୍ସବକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଶ୍ରୀ ପରିଡ଼ା, ସନ୍ତୋଷ ପଣ୍ଡା, ସରିତା ସାସମଲ, ଲତୀଫୁର ରହେମାନ ଖାଁ, ତୃପ୍ତି ବାଳା ବିଶ୍ୱାଳ, ସୋନାଲିକା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ରାଜେଶ କୁମାର ସାହୁ, ରତ୍ନପୂର୍ଣ୍ଣା ନାୟକ, ଲକ୍ଷ୍ମୀପ୍ରିୟା ଦାସ, ପିନାକ୍ଷୀ ପ୍ରିୟଦର୍ଶନୀ ପଣ୍ଡା, କ୍ରିଷ୍ଣା ସାହୁ, ଶାଶ୍ୱତୀ ପରିଡ଼ା, ରଶ୍ମିରଂଜନ ନାୟକ, କିଶୋର କୁମାର ମାଣ୍ଡୋଇ, ଗାୟତ୍ରୀ ଖୁଣ୍ଟିଆ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ। ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରାସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅଭିଭାବକ, ଅଭିଭାବିକା ଓ ସ୍ଥାନୀୟ ବୃଦ୍ଧିଜୀବୀମାନେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ହାଇସ୍କୁଲର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ।

## ଗୋପୀନାଥପୁର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଆଠଗଡ, (ସବୁ) : ଆଠଗଡ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସରସ୍ୱତୀ ଶିଶୁ ମନ୍ଦିରରେ ତିନି ଦିନ ବ୍ୟାପି ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା ହୋଇଯାଇଛି। ଏଥିରେ ୮ ବିଭାଗର ୧୦୮ ଖେଳ ହୋଇଯାଇଛି। ଉଦଯାପନୀ ଉତ୍ସବରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ଚନ୍ଦ୍ର ପରିଡାଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ବିଜେପି ନେତା ଅଭୟ ବାରିକ, ମୁଖ୍ୟବକ୍ତା ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ପ୍ରମୁଖ ସୁପ୍ରଭାତ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ପତିତପାବନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ସଡ଼କ ସୁରକ୍ଷା ମାସ ପାଳିତ : ଫୁଲନଖରା ଛକରେ ଟ୍ରାଫିକ ପୋଲିସଙ୍କ ସଚେତନତା



ଫୁଲନଖରା, (ସବ୍ୟୁ) : ସଡ଼କ ଦୁର୍ଘଟଣା ରୋକଥାମ ଓ ସାଧାରଣ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ଟ୍ରାଫିକ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଫୁଲନଖରା ଛକଠାରେ ଏକ ବିଶାଳ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟ୍ରାଫିକ ଏ.ସି.ପି ଜୟନ୍ତ କୁମାର ଦୋରାଙ୍କ ତ%୦ାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେଲମେଟ ପିନ୍ଧି ଓ ସିଟ୍ ବେଲଫ ବ୍ୟବହାର କରି ଯାତ୍ରା କରୁଥିବା ଯାନ ଚାଳକ ଓ ଆରୋହୀମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ଟ୍ରାଫିକ ପୋଲିସ ପକ୍ଷରସ୍ୱାଗତ ଓ ପ୍ରୋତ୍ସାହନ ଜଣାଯାଇଥିଲା। ଏହା ସହିତ ଯେଉଁ ଚାଳକମାନେ ବିନା ହେଲମେଟ କିମ୍ବା ସିଟ୍ ବେଲଫ ବ୍ୟବହାର ବିନା ଯାତ୍ରା କରୁଥିଲେ ସେମାନଙ୍କୁ ଟ୍ରାଫିକ ନିୟମର ଗୁରୁତ୍ୱ ବିଷୟରେ ବୁଝାଇ ସଚେତନ କରାଯାଇଥିଲା। ଶିକ୍ଷାରୁ ସୁରକ୍ଷା ଓ ପ୍ରଯୁକ୍ତିରୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଲୋଗାନ ସହିତ ଏକ ସଚେତନତା ରାଲି ମଧ ଆୟୋଜିତ ହୋଇଥିଲା ରାଲି ମାଧମରେ ସାଧାରଣ ଲୋକଙ୍କୁ ଟ୍ରାଫିକ ନିୟମ ପାଳନ, ଦୁର୍ଘଟଣାରୁ ରକ୍ଷା ପାଇବା ଓ ଜୀବନର ମୂଲ୍ୟ ବିଷୟରେ ସନ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ସି ଏନ୍. ଏଚ୍ ଟ୍ରାଫିକ ଦୁର୍ଗା ପ୍ରସାଦ ଜେନା, ଏ.ସି.ପି (ଇନଚାର୍ଜ) ଟାଉନ ଟ୍ରାଫିକ ସରୋଜ କୁମାର ମଲ୍ଲିକ, ଆଇ.ଆଇ.ସି କଟକ ସଦର ତୁଷାରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଜନସାଧାରଣଙ୍କୁ ଟ୍ରାଫିକ ସୁରକ୍ଷା, ନିୟମ ପାଳନ ଓ ଦାୟିତ୍ୱଶୀଳ ଯାନ ଚାଳନା ବିଷୟରେ ସଚେତନ କରିଥିଲେ। ଫୁଲନଖରା ଟ୍ରାଫିକ ଥାନାର ସମସ୍ତ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଭାବେ ସହଯୋଗ କରିଥିଲେ।

## ବନବିଭାଗ ପକ୍ଷରୁ ନୂତନ ନିର୍ମିତ ବନରକ୍ଷୀ ଗୃହ ଉଦ୍‌ଘାଟିତ

ଖଣ୍ଡପଡ଼ା,(ସବ୍ୟୁ):ଖଣ୍ଡପଡା ବନାଞ୍ଚଳ ଅଧୀନ କିଆଝର ଠାରେ ନୂତନ ଭାବେ ନିର୍ମିତ ବନରକ୍ଷୀ ଗୃହକୁ ବିଭାଗ ପକ୍ଷରୁ ଉଦଘାଟନ କରାଯାଇଥିବା ଜଣାଯାଇଛି। ବନବିଭାଗ ଦ୍ୱାରା ମୋଟ ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଗୃହ ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ ଅଙ୍କୁର ଅଭିଳାଷ,କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ସହକାରୀ ବନସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠି, ସମାଜସେବୀ ପ୍ରକାଶ ଚନ୍ଦ୍ର ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଖଣ୍ଡପଡ଼ା ବନାଞ୍ଚଳ ଅନ୍ତର୍ଗତ ସିଂଘାପଡା ବିଟ୍ ହାଉସ ଅଧୀନରେ ଥିବା ଏହି ନରକ୍ଷୀ ଗୃହ ସାପୁଆ ସଂରକ୍ଷିତ ଜଙ୍ଗଲ ସହ ନିକଟସ୍ଥ ନର୍ସରୀ ଓ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟକ ହୋଇପାରିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ଜଣାଯାଇଛି।

ସମୟ

## ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ

### (ରାଗ ତଲିଙ୍ଗ)

‘ବୈଷ୍ଣବ ଜନ ତୋ ତେନେ କହିଏଁ
ଯେ ପୀଡ଼ ପରାଏ ଜାଣେ ରେ,
ପରଦୁଃଖ ଉପକାର କରେ ତୋ ଯେ
ମନ ଅଭିମାନ ନ ଆଣେ ରେ ।
ବୈଷ୍ଣବ ଜନ ତୋ...
ସକଳ ଲୋକମାଂ ସହୁନେ ୱନ୍ଦେ
ନିନ୍ଦା ନ କରେ ଜୋନି ରେ,
ୱାଚ-ବାଛ-ମନ ନିଶ୍ଚଳ ରାଖେ
ଧନ ଧନ ଜନନୀ ତେନୀରେ ।
ବୈଷ୍ଣବ ଜନ ତୋ...
ସମଦୃଷ୍ଟି ନେ ତୃଷ୍ଣା ତ୍ୟାଗି
ପର ସ୍ତ୍ରୀ କେନ ମାତ ରେ,
ଜିହ୍ୱା ଥକୀ ଅସତ୍ୟ ନ ବୋଲେ
ପରଧନ ନୱ ଝାଲେ ହାଥରେ ।
ବୈଷ୍ଣବ ଜନ ତୋ...
ମୋହମାୟା, ୱାପେ ନହି ଜେନେ,
ଦୃଢ଼ ୱୈରାଗ୍ୟ ଜେପା ମନମାଂ ରେ ।
ରାମନାମ ଶୁଂ ତାଳୀରେ ଲାଗୀ,
ସକଳ ତୀରଥ ତେନା ତନମାଂ ରେ ।
ବୈଷ୍ଣବ ଜନ ତୋ...
ୱଣଲୋଭୀ ନେ କପଟ ରହିତ ଛେ,
କାମ କ୍ରୋଧ ନିୱାର୍ୟାଂ ରେ
ଭଣେ ନରସେୟୋ ତେନୁଂ ଦରଶନ କରତାଂ
କୁଳ ଏକୋତେର ତାୟା ରେ ।
ବୈଷ୍ଣବ ଜନ ତୋ...

(ପଞ୍ଚଦଶ ଶତାବ୍ଦୀର ପ୍ରସିଦ୍ଧ ଗୁଜରାଟୀ ସନ୍ଥ କବି ସ୍ୱର୍ଗୀୟ ନରସୈୟା ମେହେଟାଙ୍କ ଦ୍ୱାରା ରଚିତ ଗୁଜରାଟୀ ଭାଷାର ଏହି ଭଜନ ‘ବୈଷ୍ଣବ ଜନ ତୋ ତେନେ କହିଏଁ’ର ଅର୍ଥ ହେଉଛି, ଯେଉଁ ବ୍ୟକ୍ତି ପର ଦୁଃଖ ଜାଣିପାରେ ଓ ପର ଦୁଃଖରେ ଉପକାର କରି ମଧ୍ୟ ଅଭିମାନ କରେ ନାହିଁ, କାୟମନୋ ବାକ୍ୟ ନିଶ୍ଚଳ ରଖେ ତା’ର ମାତା ଧନ୍ୟ ଧନ୍ୟ, ତାକୁ ହିଁ ବୈଷ୍ଣବ ଜନ କୁହାଯାଏ ।

ଯିଏ ସକଳଙ୍କପ୍ରତି ସମାନ ଦୃଷ୍ଟି ରଖି ତୃଷ୍ଣାକୁ ମଧ୍ୟ ତ୍ୟାଗ କରିଥାଏ, ତାକୁ ହିଁ ବୈଷ୍ଣବ ଜନ କୁହାଯାଏ ।

ପର ସ୍ତ୍ରୀକୁ ଯିଏ ମାତୃବତ୍ ବଡ ଜ୍ଞାନ କରେ, କଦାପି ମିଥ୍ୟା କହେ ନାହିଁ, କି ପର ଧନ ସ୍ପର୍ଶ କରେ ନାହିଁ, ପ୍ରକୃତ ଅର୍ଥରେ ସେ ବୈଷ୍ଣବ ଜନ । ତାକୁ ମାୟାମୋହ ବଶ କରି ନ ପାରେ, ଯାହା ମନରେ ଦୃଢ଼ ବୈରାଗ୍ୟ ଥାଏ । ରାମ ନାମ ତାଳିର ତାଳରେ ଯା’ ଶରୀରରେ ସକଳତୀର୍ଥ ବିଦ୍ୟମାନ ସେ ହିଁ ବୈଷ୍ଣବ ଜନ । ଯିଏ ନିର୍ଲୋଭ, ନିଷ୍କପଟ ଓ କାମକ୍ରୋଧ ନିବାରକ, ସେପରି ବୈଷ୍ଣବ ଜନ ଦର୍ଶନ କଲେ, ଏକସ୍ତରୀ ପିଢ଼ି (ଯୁଗ ଯୁଗ) ତରି ଯାଆନ୍ତି କବି ନରସୈୟା ଏହା କହିଲେ ।

ଗାନ୍ଧିଜୀଙ୍କ ଏହି ପ୍ରିୟ ଆଶ୍ରମ ଭଜନଟିର ଓଡ଼ିଆ ଅନୁବାଦ କରିଥିଲେ ମିଳିତ ଭାବେ ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର ଓ କଟକର ସମାଜସେବୀ ସ୍ୱର୍ଗୀୟ ସୁଧୀର ଭାଇ ଦୋସୀ ।)

## କବିତା

### ଗୋଟେ ଅକ୍ଷର



**ଗଜାନନ ମିଶ୍ର**

ଅବଶ୍ୟ ମୁଁ ତୁମ ପ୍ରେମ,
ଗୋଟେ ଶବ୍ଦ ଗୋଟେ ଅକ୍ଷର
ଆଉ ଗୋଟେ କବିତା ।
ବହୁତ ସୁନ୍ଦର ଆଉ
ଆନନ୍ଦମୟ ଅର୍ଥମୟ
ଦେଖି ଜାଣିଲେ ବୁଝିଲେ ।
ନୁହଁ ମୁଁ କୌଣସି ପ୍ରକାରର
ଖଣ୍ଡିଆଖାବରା, ଗୋଟାମୋଟା
ପୂରା ବଢ଼ିଆ, କହି ଶୁଣି
ଜାଣିଲେ ନାଇଁ କିଛି ଅସୁବିଧା ।
କିଛି ନାଇଁ କୋଉଠି ସୀମା,
କିଛିକୁ ନାଇଁ କାହାରି ଶୋଚନା ।
ସମୟର ଇଚ୍ଛାନୁସାରେ
ଶକ୍ତ ମୁଁ ଆଉ ସ୍ଥିର ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**
**ମୋ-୯୪୩୭୩୬୬୬୪୪**

### ପ୍ରାଣପକ୍ଷୀ



**ଡ. ପଦ୍ମାଳୟା ପଣ୍ଡା**


ପ୍ରାଣପକ୍ଷୀ ଉଡି ଯାଏ, କାଳର ସ୍ରୋତେ,
ଝଡି ପଡେ ଡେଣା ତାର,
ଧରା ସ୍ତବ୍ଧ କରେ କ୍ଷଣେ ।
କ୍ଷଣିକ ଜୀବନ ତା’ର
ଅସୀମ ରହସ୍ୟ ଗୀତି,
ଆସି ଥାଏ ସ୍ୱଳ୍ପ ସମୟ ନେଇ
ରଖିଯାଏ ସ୍ମୃତି ।
ସବୁ କିଛି ଯେପରି ଓଲଟ
ପାଲଟ ଏହି ପ୍ରାଣେ,
ଶୂନ୍ୟ ଏ ପାଣି ଫୋଟକାର
ଆୟୁଷକୁ ନେଇରେ ।
ଏ ଶରୀରରେ ଛନ୍ଦା ସ୍ନାୟୁ ଶିରା
ନେଇରେ,
ପଞ୍ଜୁରୀରେ ବନ୍ଧା ହୋଇ,
ଜଞ୍ଜାଳ ନେଇରେ ।
କ୍ଷଣିକ ଜୀବନ ଏହି କ୍ଷଣେ ଅଛି,
କ୍ଷଣେ ନାହିଁରେ,
ଲିଭିଯିବ ଏ ଦେହର ସବ
ଚିହ୍ନ ନ ଥିବ କିଛିରେ ।
ଶୂନ୍ୟ ଏ ଜୀବନ ବେଣୁ ଶତ
ଛିଦ୍ରେ ଭରାରେ,
ଜୀବନ ଏଠି ବନ୍ଧା ଶିକୁଳିରେ,
ବେଳା ଆସେ
ବେଡା ଛିଣ୍ଡିଯାଏରେ ।
ଭଂଗୁର ଜୀବନରେ ଛିହ୍ନଏ
ପଞ୍ଜରା ହାଡ ଏଇରେ,
ପ୍ରାଣ ପକ୍ଷୀ ଉଡି ଯିବ
କେଉଁ ବାଟ ଦେଇରେ ।
ଏହି ପ୍ରାଣ ପକ୍ଷୀ ଭିଡି
ରଖିବା ପାଇଁରେ,
ପଞ୍ଜୁରି ମରାମତି କରି
ରଂଗେଇରେ,
ସେ ପକ୍ଷୀକୁ ଧରିରଖିବା
ପ୍ରୟାସ ବୃଥା ଏଠିରେ ।
ଜୀବନେ ଜିଇଁ ଥିଲି
ବଞ୍ଚିବାର ରାହା ନେଇରେ,
ଏ ପଥେ ଅଛି ପୁଣି କେତେ
ବାଧାବିଘ୍ନ ସହିରେ ।
ଝଡିଲା ପତ୍ର କାହିଁ
ଲାଗଇ ବୃକ୍ଷେରେ,
ଯେ ଗଲା ଆଉ ଫେରେ ନାହିଁରେ ।
କେଉଁଠି ଅଇଲି ମୁହିଁ ଯିବିପୁଣି କାହିଁରେ,
ପ୍ରାଣ ପକ୍ଷୀ ଉଡି
ଯାଏ କେଉଁ ଛିଦ୍ର ଦେଇରେ ।
ଘଟ ଛାଡି ଗଲେ ନ ରହିବେ କେହିରେ,
ସେଥି ପାଇଁ କିଆଁ ଏତେ ଛାନିଆଁ ହଉରେ ।
ରାତିଟିଏ ଆସିବ ଯେ ଆଉ ନ ଥିବରେ,
ତାରା ମାନେ ଥିବେ ଠିକ୍ ଆଜି ପରି
ସଭିରେ ।
ଏ ମଣିଷ ଶିଳା ପରି
କଠିନ ହୋଇ ଅଛିରେ,
ସେ ପାଲଟେ ପଥରରେ ।
ସାଇତା ସାନ୍ତ୍ୱନା ସୁଅ କେତେଆସେ,
ଯାଏରେ ।
ବାରତା ଦେଇ ପ୍ରାଣ ପକ୍ଷୀ ଶେଷେ
ରାମ ନାମ ନେଇଯାଏରେ ।

**ସହକାରୀ ପ୍ରଫେସର, ପ୍ରଗତି କଲେଜ ,**
**ହୀରାକୁଦ,ସମ୍ବଲପୁର**



*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ସ୍ୱାମୀ ପ୍ରଣବାନନ୍ଦଙ୍କ ସାଧନା ଓ ସିଦ୍ଧି



**ସ୍ୱାମୀ ଜଗନ୍ନାଥାନନ୍ଦ**

ଏହି ପବିତ୍ର ଦେବ ଭୂମି ଭାରତ ବର୍ଷରେ ଶ୍ରୀଭଗବାନ ତାଙ୍କର ପ୍ରତିଶୃତି ଅନୁଯାୟୀ- ‘ପରିତ୍ରାଣାୟ ସାଧୁନାଂ ବିନାଶୟ ଚ ଦୁଷ୍କୃତାମ୍ ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ’ ବୋଲି ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି । ବାରମ୍ବାର ଅବତାର ରୂପରେ ଆର୍ବିଭୂତ ହୋଇଛନ୍ତି- ଯୁଗ ଉପଯୋଗୀ ଭାବ ଓ ଆଦର୍ଶକୁ ନେଇ, ସମସ୍ୟାର ସମାଧାନ ପାଇଁ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ୧୮୯୬ ଖ୍ରୀଷ୍ଟାବ୍ଦରେ ମାଘ ପୂର୍ଣ୍ଣିମା ତିଥିରେ ଏହିପରି ଜଣେ ଦିବ୍ୟ ପୁରୁଷଙ୍କ ଅବତରଣ ହୋଇଥିଲା, ଅବିଭକ୍ତ ଭାରତରେ ପୂର୍ବ ବଙ୍ଗଳାରେ (ବର୍ତ୍ତମାନ ବଙ୍ଗଳାଦେଶ)। ଜଣେ ସତ୍ୟନିଷ୍ଠା ଆଦର୍ଶ ପରିବାର, ଗୃହସ୍ଥ ଓ ତାଙ୍କ ସହଧର୍ମିଣୀ ନିଜ ଗୃହର ଗୃହଦେବତା ନୀଳରୁଦ୍ରଦେବ ଶିବଙ୍କୁ ସବୁବେଳେ ନିଷ୍ଠାର ସହିତ ଆରାଧନା କରୁଥିଲେ । ଗୃହ ସ୍ୱାମୀଙ୍କ ନାମ ଶ୍ରୀ ବିଷ୍ଣୁଚରଣ ଭୂୟାଁ ଓ ତାଙ୍କର ସୁଯୋଗ୍ୟା ସହଧର୍ମିଣୀ ସାରଦା ଦେବୀ । ବର୍ଷେକାଳ ସାଧନା ପରେ ଚଳାକାଳୀନ ଦିନେ ସାରଦା ଦେବୀ ଏକ ଆଲୌକିକ ସ୍ୱପ୍ନ ଦର୍ଶନ କଲେ ଯେ ସ୍ୱୟଂ ମହାଦେବ କୈଳାସରୁ ଅବତରଣ କରି ଶିଶୁ ରୂପରେ ତାଙ୍କ ଗର୍ଭରେ ଅଧିଷ୍ଠିତ ହୋଇଛନ୍ତି ।

ପୁଣି ଧ୍ୟାନମଗ୍ନ ଅବସ୍ଥାରେ ବିଷ୍ଣୁଚରଣ ଅନୁଭବ କଲେ ଯେ ସ୍ୱୟଂଶିବ ତାଙ୍କର ପୁତ୍ର ରୂପରେ ଆସୁଛନ୍ତି । ଏହି ଦୈବବାଣୀ ଓ ଅଲୌକିକ ସ୍ୱପ୍ନ ଉଭୟ ପତି-ପତ୍ନୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ମହାଭାବ ସୃଷ୍ଟି କରିଥିଲା ଏବଂ ସେମାନେ ଦିବ୍ୟ ଭାବସାଗରେ ନିମଜ୍ଜିତ ହୋଇ ସ୍ୱର୍ଗୀୟ ରସାସ୍ୱାଦନ କରିବାକୁ ଲାଗିଲେ । ଅବଶେଷରେ ମାଘ ପୂର୍ଣ୍ଣିମା ତିଥିର ଗୋଧୂଳି ଲଗ୍ନରେ (୧୮୯୬ ଖ୍ରୀଷ୍ଟାବ୍ଦ ୨୯ ଜାନୁୟାରୀ ମାଘ ପୂର୍ଣ୍ଣିମା) ଏକ ଶୁଭ ମୁହୂର୍ତ୍ତରେ ଯେତେବେଳ ଗ୍ରାମବାସୀ ତୁଳସୀ ଚଉଁରା ତଳେ ପ୍ରଦୀପ ଜଳାଉଛନ୍ତି ଏବଂ ହରିନାମ ସଂକୀର୍ତ୍ତନ ଚାଲୁଛି- ମୁର୍ହୂ ମୁର୍ହୂ ହୁଳହୁଳି ଧ୍ୱନି ସହିତ ଶଙ୍ଖ ବାଜୁଛି । ଏହି ମୁହୂର୍ତ୍ତରେ ଭୂମିଷ୍ଠ ହେଲେ ଏକ ଦିବ୍ୟ ଶିଶୁ । ଶିଶୁଙ୍କ ଆଗମନରେ ଭୂୟାଁ ପରିବାରର ସମସ୍ତ ଦୁଃଖ ଦୁର୍ଦ୍ଦଶା, ପ୍ରତିବନ୍ଧକତା ଅପସାରିତ ହୋଇ ଶାନ୍ତି ଓ ଆନନ୍ଦ ବିରାଜିତ ହେବାକୁ ଲାଗିଲା ।

ପଡ଼ୋଶୀ ଗଣ ଆନନ୍ଦରେ ଉତ୍‌ଫୁଲିତ ହୋଇ ଭୂୟାଁ ଘରକୁ ଆସି ଆନନ୍ଦିତ ହୋଇ ଦିବ୍ୟ ଆକର୍ଷଣ ବୋଧ କରିବାକୁ ଲାଗିଲେ । ଗ୍ରାମ ଗ୍ରାମ ଚାରିଆଡ଼େ ପ୍ରଚାରିତ ହେଲା ଅଲୌକିତ ଶିଶୁର ସଂବାଦ । ବିଷ୍ଣୁଚରଣ ଅର୍ଥାତ୍ (ଅଲୌକିକ ଦିବ୍ୟ ଶିଶୁର) ପିତାଶ୍ରୀ ତାଙ୍କର କୋଡ଼ିଏ ବର୍ଷ ହେଲା ଚାଲିଥିବା ମାଲିମକୋଦ୍ଦମାରେ ସେ ବିଜୟୀ ହେଲା। ସେଥିପାଇଁ ଦେବ ଶିଶୁଙ୍କର ନାମ ଦିଆଗଲା ‘ଜୟନାଥ’। ପରବର୍ତ୍ତୀ କାଳରେ ବାଳକର ସଦ୍ ଆଚରଣ ଓ ବିନୟ ସ୍ୱଭାବର ଆକର୍ଷଣରେ ଗ୍ରାମବାସୀମାନେ ତାଙ୍କୁ ‘ବିନୋଦ ସାଧୁ’ ବୋଲି ଡାକୁଥିଲେ । ସେ ସମସ୍ତଙ୍କୁ ଖୁସି ଆନନ୍ଦ ପ୍ରଦାନ କରୁଥିବାରୁ ଅନ୍ନପ୍ରାଶନ ସମୟରେ ତାଙ୍କ ନାମ ‘ବିନୋଦ’ ରଖାହୋଇଥିଲା । ବୁଧବାରରେ ଜନ୍ମ ହେତୁ ତାଙ୍କୁ ସମସ୍ତେ ବୁଧ ବୋଲି ଡାକୁଥିଲେ ।



‘ତୁଳସୀ ଦୁଇ ପତ୍ରରୁ ବାସେ’ ବାଳକ ଅବସ୍ଥାରୁ ଆରମ୍ଭ ହେଲା କଠୋର ସାଧନା, ତପସ୍ୟା, ସଂକଳ୍ପ, ବୈରାଗ୍ୟ,ଶିକ୍ଷା, ଦେଶପ୍ରେମ, ଜୀବେଦୟା, ପରୋପକାରୀ ସମାଜସେବୀ, ଭାରତୀୟ ସଂସ୍କୃତିର ଦର୍ଶନ, ବ୍ରହ୍ମଚର୍ଯ୍ୟା ଏସବୁ ତାଙ୍କର ପ୍ରତିଭା ଦ୍ୱାରା ଦିବ୍ୟ ପ୍ରକାଶ ପାଇଲା । ଏହି ମହାପୁରୁଷଙ୍କ ସାଧନାର ମୂଳତତ୍ତ୍ୱ ଥିଲା ଭାରତୀୟ ଦର୍ଶନର ‘ବ୍ରହ୍ମଚର୍ଯ୍ୟମ୍’। ସେଥିପାଇଁ ସେ କହିଛନ୍ତି ‘ବ୍ରହ୍ମଚର୍ଯ୍ୟମ ତପୋଉମମ’। ତାଙ୍କ ସାଧନ ଜୀବନର ଯେଉଁ ଶକ୍ତି ସଂଞ୍ଚୟ ପାଇଁ ସେ ଉପଦେଶ ଦେଇଛନ୍ତି, ତାହା ବ୍ରହ୍ମଚର୍ଯ୍ୟମ୍ ପାଳନ କରିବାକୁ । କାୟମନୋବାକ୍ୟେ ବୀର୍ଯ୍ୟଧାରଣ କରିବାକୁ ଉପଦେଶ ଦେଇଛନ୍ତି । ଶାରୀରିକ ଓ ମାନସିକ ଜୀବନ ଗଠନ କିପରି ହୁଏ ସେଥିପାଇଁ ନିୟମ ଦ୍ୱାରା ସଂଯମ ଆଚରଣ ସବୁ ସମୟ କରିବାକୁ ହୁଏ । ‘ବୀର୍ଯ୍ୟ ଧାରଣଂ ବ୍ରହ୍ମଚର୍ଯ୍ୟମ’। ବ୍ରହ୍ମଚର୍ଯ୍ୟ ପ୍ରତିଷ୍ଠାୟାଂ ବୀର୍ଯ୍ୟଲାଭଃ ।

ବାଲ୍ୟକାଳରେ ସ୍ନାନ ପରେ ପୋଖରୀ ଘାଟରେ ବସି ସେ ଅନେକ ଶିବଲିଙ୍ଗ ତିଆରି କରି ଧ୍ୟାନସ୍ଥ ରହୁଥିଲେ । ନିଜ ଘରେ ସାଧନ କୋଠରୀରେ ଓଁକାରରେ ଧ୍ୟାନସ୍ଥ ରହୁଥିଲେ । ସାଧନ କୋଠରୀରେ ଥିଲା ଗୋଟିଏ ସପ, ଘଡ଼ି, ମଣିଷର ଖପୁରୀ, ଦୁଇଟି ମୁଗର କୌଣସି ବିଛଣା, ଖଟ ଇତ୍ୟାଦି ନଥିଲା । ଦିବ୍ୟ ବାଳକଙ୍କର ଖାଦ୍ୟ ଥିଲା ପଖାଳ ଭାତ ଓ ଆଳୁସିଝା, କୌଣସି ପୁଷ୍ଟିକର ଖାଦ୍ୟ, କ୍ଷୀର, ଛେନା, ଦହି, ମାଛ, ମାଂସ, ଘିଅ ଇତ୍ୟାଦି କେଉଁବି ଗ୍ରହଣ କରୁନଥିଲେ । ଗୃହ ନିକଟ ଶ୍ମଶାନରେ ନିର୍ଭୟରେ ବସି ରହି ମୃତ୍ୟୁ ଚିନ୍ତା କରୁଥିଲେ । ସେଥିପାଇଁ ସେ ନିଜ ଶିଷ୍ୟମାନଙ୍କୁ ମୃତ୍ୟୁଚିନ୍ତା କରିବାକୁ ଉପଦେଶ ଦେଉଥିଲେ ।

ଅପୂର୍ବ ସାହାସିକତା ବାଳକ ବିନୋଦଙ୍କର ଜୀବେଦୟା ପ୍ରେମରେ ଗୋଟିଏ ବିଷଧର ଦୁର୍ବଳ ସର୍ପକୁ ପ୍ରତ୍ୟେକ ଦିନ କ୍ଷୀର ସେବନ କରାଇ ବଞ୍ଚାଇ ଦେଇଥିଲେ । ମାତାଶ୍ରୀ ସାରଦା ଦେବୀଙ୍କ ପ୍ରତ୍ୟେକ ଦିନ ତୁଳସୀ ବେଦିରେ ପୂଜା, ଧୂପ, ଦୀପ, ନୈବଦ୍ୟ ଇତ୍ୟାଦି ଦର୍ଶନ କରି ସାଧକ ବିନୋଦ ଭାବିଲେ, ତୁଳସୀ ଗଛରେ କ’ଣ ଭଗବାନ ଅଛନ୍ତି । ଏହା ପରୀକ୍ଷା ଉଦ୍ଦେଶ୍ୟରେ ଛାତ ଉପରୁ ଛେପ ପକାଇବା ଦ୍ୱାରା ନିଜେ ଚିତ୍‌କାର କରି ଅଜ୍ଞାନ ହୋଇଯାଇଥିଲେ । ସ୍ୱୟଂ ନାରାୟଣ ଚର୍ତୁଦ୍ଧା-ମୂରତୀ ଦର୍ଶନ ଦେଇ ସ୍ପଷ୍ଟ କରିଦେଇଥିଲେ ସେ ସର୍ବଦା ତୁଳସୀ ବୃକ୍ଷରେ ସେ ବିରରାଜମାନ ଥାଆନ୍ତି । ଏହା ବିନୋଦଙ୍କର ନାରାୟଣ ଦର୍ଶନ ଦ୍ୱାରା ଈଶ୍ୱର ଭକ୍ତି ସୁଦୃଢ଼ ହୋଇଥିଲା । ନିଜଗ୍ରାମର ପଡ଼ୋଶୀ ହରବିଳାସ ବାବୁଙ୍କ ଘରେ ପ୍ରତିବର୍ଷ ଦୁର୍ଗାପୂଜା ଉପଲକ୍ଷ୍ୟେ ସାଧକ ବିନୋଦ ନିମନ୍ତ୍ରିତ ହୋଇ ଭାବିଲେ ଏହି ପ୍ରତିମାରେ କ’ଣ ଦେବୀଙ୍କର ଶକ୍ତି ଅଛି । ମହାଷ୍ଟମୀ ତିଥି ମଧ୍ୟେ ରାତ୍ରିରେ ଧ୍ୟାନସ୍ଥ ହୋଇ ଦେବୀଙ୍କ ଜ୍ୟୋତି ପ୍ରକାଶ ଦ୍ୱାରା ଜାଣିପାରିଲେ ଦେବୀଙ୍କ ଶକ୍ତି ସସର୍ବଦା ପ୍ରତିମାରେ ଅନୁଭବ କରିହୁଏ । ଅଷ୍ଟାଙ୍ଗ ଯୋଗ ସାଧନା ହଠଯୋଗରେ ସେ ନିପୁଣ ଯୋଗୀ ଥିଲେ । ପ୍ରତ୍ୟେକ ଦିନ ହଠଯୋଗ ସାଧନା ହେତୁ ଥରେ ବନୋଦଙ୍କ ନାକରୁ ରକ୍ତ ପଡ଼ିବା ଦେଖି ଡାକ୍ତର ଚିକିତ୍ସା ପାଇଁ ଘରେ ବ୍ୟସ୍ତ ହୋଇଥିଲେ । ସାଧକ ବାଳକ ବିନୋଦ କହିଲେ ମୋର ବିପରୀତ ଯୋଗ ଦ୍ୱାରା ରକ୍ତ ପଡ଼ିବା ବନ୍ଦ ହେବ ଡାକ୍ତର ଚିକିତ୍ସାର ଦରକାର ନାହିଁ । ସେ ଯେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟୟନ କରୁଥିଲେ ତାଙ୍କ ପ୍ରଧାନ ଶିକ୍ଷକ ଭାବିଲେ ବାଳକ ସାଧନାକୁ ଉଚ୍ଚକୋଟୀର କରିବା ପାଇଁ ଉପଯୁକ୍ତ ଯୋଗୀ ଗୁରୁ ଦରକାର ନହେଲେ କୌଣସି କାପାଳିକ ହାତରେ ପଡ଼ିଯାଇପାରେ । ଯେପରି ଭଗବାନ ବୁଦ୍ଧ, ଭଗବାନ ଶଙ୍କର, ଭଗବାନ ରାମକୃଷ୍ଣ ଇତ୍ୟାଦି ମହାପୁରୁଷ କାପାଳିକ କବଳରେ ପଡ଼ି ଯାଇଥିଲେ । ପ୍ରଧାନଶିକ୍ଷକ ବ୍ରହ୍ମଚାରୀ ବିନୋଦଙ୍କୁ ରାଜି କରାଇ ଗୋରଖପୁର ମଠାଧୀଶ ଯୋଗୀ ରାଜ ଗମ୍ଭୀରନାଥଙ୍କ ନିକଟରେ ଉପସ୍ଥିତ କରାଇ ତାଙ୍କୁ ଦୀକ୍ଷା ଦେବାକୁ ଅନୁରୋଧ କରିଥିଲେ । ଯୋଗୀରାଜ ଗମ୍ଭୀରନାଥ ଦେଖିବା ମାତ୍ରେ କହିଲେ, ଏହାର ସାଧନାର ଯାହା କିଛି ହେବା କଥା ସବୁ ହୋଇଯାଇଛି । ପରେ ବିନୋଦଙ୍କ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଦେଖି ଶକ୍ତି ସଂଚାର ଉଦ୍ଦେଶ୍ୟରେ ସେ ଦୀକ୍ଷା ଦାନ କଲେ । ଆବାଲ୍ୟ କଠୋର ତପସ୍ୟ, ତ୍ୟାଗ ଓ ସଂଯମପୂର୍ଣ୍ଣ ଜୀବନ ଯାପନ ଫଳରେ ଯେଉଁ ଦିବ୍ୟ ଶକ୍ତି ବ୍ରହ୍ମଚାରୀ ବିନୋଦଙ୍କ ଦେହରେ, ମନରେ ସଞ୍ଚିତ ହୋଇଥିଲ. ଯୋଗୀରାଜ ଗମ୍ଭୀର ନାଥଙ୍କର ଯୋଗ ଦୀକ୍ଷାର ଶକ୍ତି ପୂତମନ୍ତ୍ର ସଂସ୍ପର୍ଶରେ ଆସି ସେହିଶକ୍ତି ତୀବ୍ର ତେଜରେ ଉତ୍‌ଥିତ ହୋଇ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇଥିଲା ।


ପ୍ରବଳ ବେଗରେ ସେଇ ଶକ୍ତି ଯୋଗ ସାଧକ ବିନୋଦଙ୍କ ଦେହ-ମନରେ ପ୍ରବାହିତ ହେଲା- ସମାଧିର ଗଭୀର ସ୍ତରରେ ବୁଡ଼ି ରହିଲେ । ବିନୋଦଙ୍କର ମାତ୍ର ୧୬ ବର୍ଷ ବୟସରେ ଗୋରଖପୁର ମଠରେ ରହି ଯୋଗ ସାଧନା କରିଥିଲେ । ପରବର୍ତ୍ତୀ ସମୟରେ କାଶୀଧାମ ମଣିକର୍ଣ୍ଣିକା ପାଟରେ ରହି ଯୋଗ ସାଧନା ସମୟରେ ସଂକଳ୍ପ ଦ୍ୱାରା ଗୁରୁ ଗମ୍ଭୀରନାଥଙ୍କ ଦର୍ଶନ ଆଲୌକିକ ଭାବରେ ହୋଇଥିଲା। ଗୟା ଧାମ କପିଳଧାରାରେ କିଛି ଦିନ ଯୋଗ ସାଧନ କରିଥିଲେ ଓ ବାଜିତପୁର ନିଜ ଧାମରେ ଯୋଗ ସାଧନ ଦ୍ୱାରା ମାଘପୂର୍ଣ୍ଣିମା ତିଥିରେ ନିର୍ବିକଳ୍ପ ସମାଧି ମାଧ୍ୟମରେ ସିଦ୍ଧି ଲାଭ ହୋଇଥିଲା । ପରବର୍ତ୍ତୀ ବିନୋଦ ସନ୍ୟାସୀ ଗ୍ରହଣ ପରେ ଆଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦ ନାମରେ ପ୍ରସିଦ୍ଧ ଲାଭ କଲେ ।

ଏହି ମାଘ ପୂର୍ଣ୍ଣିମା ତାଙ୍କର ଜନ୍ମ ତିଥି ଓ ସିଦ୍ଧି ଲାଭ ପର୍ବ । ଏହି ତିଥିରେ ‘ଭାରତ ସେବାଶ୍ରମ ସଂଘ’ ୧୯୧୭ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା । ଭାରତ ସେବାଶ୍ରମ ସଂଘ ଭାରତ ତଥା ପୃଥିବୀରେ ବିଭିନ୍ନ ସ୍ଥାନରେ ଶାଖାମାନ ପ୍ରତିଷ୍ଠାତ କରି ଜନ କଲ୍ୟାଣରେ ସଦା ଜାଗ୍ରତ ଭାବେ ରହିଅଛି । ଗୁରୁ କୃପାହି କେବଳମ୍ ।

**ଭାରତ ସେବାଶ୍ରମ ସଂଘ,**
**ଭୁବନେଶ୍ୱର**

# ନୂଆ ବର୍ଷ ପାଇଁ ପ୍ରଶ୍ନଟିଏ

## ଗଳ୍ପ



**ପ୍ରଫୁଲ୍ଲ କୁମାର ପଣ୍ଡା**

ସାତ ଆଠ ବର୍ଷର ପିଲା ଚକରା ପାଖ ବସ୍ତିରେ ମାଆ ସାଙ୍ଗରେ ରହେ । ବାପା ରିକ୍ସା ଚଲାଉଥିଲା, ଯାହା ରୋଜଗାର କରୁଥିଲା ସେଥିରୁ ମୁଖ୍ୟ ଅଂଶ ମଦ ଗଞ୍ଜେଇରେ ଯାଉଥିଲା । ଦୁଇ ବର୍ଷ ତଳେ କି ରୋଗ ହେଲା ଯେ ସେ ଆଉ ପାରିକି ଚାଲିଗଲା । ଲୋକେ କହୁଥିଲେ ମଦ ପିଇ ପିଇ ଲିଭର ଖରାପ ହେଇଯାଇଥିଲା । ଡାକ୍ତର କଥା ମାନିଲାନି କି ମଦ ଛାଡିଲାନି । ଶେଷରେ ଭେଣ୍ଡା ବୟସରେ ଯମପୁରକୁ ଗଲା । ଚକରା ମା’ କାନ୍ଦ ବୋବାଳି ଛାଡିଲା, ଗେରସ୍ତ ମଦ ପିଇ ଆସି ଯେଉଁ ମାଡ଼ ଗାଳି ଦଉଥିଲା ସେଦିନ କେତେ ମନେ ପକେଇ ବାହୁନିଲା ଏବଂ ଆସ୍ତେ ଆସ୍ତେ ଆଉ ଦୁଇ ତିନଟି ଘର ଆବୋରି କାମଦାମରେ ମନ ଦେଲା । ଚକରାକୁ ମଣିଷ କରିବାକୁ ପଡିବ । ବାପା ମରିଗଲା, ବୋଉ କାନ୍ଦିଲା, ସେ ଲଣ୍ଡା ହେଲା ଏସବୁ ଘଟଣା ଚକରାର ଚପଳ ମନକୁ ବିଶେଷ କିଛି ପ୍ରଭାବିତ କଲାନି । କାରଣ ସେ ପ୍ରାୟତ ବାପା ପାଖକୁ ଡରିକି ବେଶି ଯାଏନି, କାରଣ ପ୍ରତି ଦିନ ଘରକୁ ଫେରିଲେ ବାପା ବୋଉ ସାଙ୍ଗେ କଜିଆ କରୁଥିଲା, ଅକଥା କହି ଗାଳି ଦେଉଥିଲା ଆଉ ମାରୁଥିଲା ବି । ବାପା ଡାକିବା ଛଡ଼ା ସିଏ ବାପାର ସ୍ନେହ, ଶ୍ରଦ୍ଧା, ଆଦର କଣ ଜାଣିନଥିଲା । ବାବୁ ଘରମାନଙ୍କରେ କାମ କରି ବୋଉ ଯାହା ଆଣୁଥିଲା ଖାଉଥିଲା । ପାଖ ସ୍କୁଲକୁ ଯାଉଥିଲା । ଦିନେ ଚିରା ଅସନା କପଡା ପିନ୍ଧି ଥିଲା ବୋଲି ହେଡ୍ ଦିଦି ବହୁତ ପିଟିଲେ, ପିଠିଯାକ ନୋଳା ଫାଟି ରକ୍ତ ବୋହୁଥିଲା । ବୋଉ ଏ ଅବସ୍ଥା ଦେଖି ବହୁତ କାନ୍ଦିଲା ତା’ପର ଦିନ ସକାଳେ ସ୍କୁଲ ଯାଇ ହେଡ୍‌ଦିଦିଙ୍କୁ ବହେଟେ ଭାଷା, ଅଭାଷା କହି ଗାଳି ଦେଲା । ସେହି ଦିନଠାରୁ ଚକରାର ପାଠ ପଢା ବନ୍ଦ । ମାଆ କାମକୁ ଯାଏ, ସେ ସାହି ପିଲାଙ୍କ ସହ ବାଟି ଓ ଗୁଟୀଦଣ୍ଡା ଖେଳି ସମୟ ବିତାଏ । ଚକରା ର କୁନି ନିରୀହ ଜୀବନ ଏମିତି ଚାଲୁଥିଲା । ହଠାତ୍ ଦିନେ ଚକରାର ସରଳ ହୃଦୟ ଆଉ ଛୋଟ ମୁଣ୍ଡ ଚହଲି ଗଲା । ଚାରିଆଡେ ଲାଇଟି ସଜା ହେଇଚି, ପାଖ ଫୁଲ ଦୋକାନରେ ଭିଡ଼ ଲାଗିଛି । ମେନ ରୋଡ଼ ଉପରେ ଥିବା ଗ୍ରିଲ ଲାଗିଥିବା ଦୋକାନଟା ଯେଉଁଠୁ ତା’ ବାପା ସବୁଦିନ ନିବ୍ ବୋଲି ଗୋଟେ ସିସି ଆଣୁଥିଲା ସେଠି ଖୁଣ୍ଟ ଲାଇନ ଲାଗିଛି, ବସ୍ତି କଣରେ ଥିବା ମିଠା ଦୋକାନରେ ବି ବହୁତ ଭିଡ଼, ପାଖ ମନ୍ଦିରରେ ଗୋଡ଼ ପକେଇବାକୁ ଜାଗା ନାହିଁ ସବୁ ଆଡେ କେମିତି ଗୋଟେ ଗହଳ ଚହଳ, ମୌଜମସ୍ତି ।

ପଡିଶାରେ ଥିବା ବାବୁ ଭାଇ ଯିଏ ଆଜି ଗୋଟେ ଜିନ୍ସସାଙ୍ଗରେ ନୂଆ ଜ୍ୟାକେଟ ପିନ୍ଧିଛି ଆଉ ସାମ୍ନାରେ ଥିବା ଦିଦି ସାଙ୍ଗେ ମୋବାଇଲିରେ ଫୋଟୋ ଉଠାଉଥିଲା । ଚକରା ପାଖକୁ ଆସି କଣ ଗୋଟେ ‘ହାପି ନିଉ ଇଅର’ କହିଲା ଆଉ ଟଙ୍କିକିଆ ଚକିଲଟଟେ ଦେଲା । ଗତକାଲି ରାତିରେ ବହୁତ ବାଣ ଫୁଟୁଥିଲା । ବଡ଼ ଭାଇମାନେ ବାଇକରେ ବୁଲୁଥିଲେ ଆଉ ହେପି ନିଅର ଚିଲା ଚିଲୀ କରୁଥିଲେ । ଏହି ସବୁ ଭିତରେ ଚକରାକୁ ଟିକେ ଅଡୁଆ ଅଡୁଆ ଲାଗୁଥିଲା । ଏତେ ସବୁ ଧାଁଆ ଦଉଡ, ସାଜ ସଜା, ମିଠା କିଣା, ଦିଅଁଦେଖା, ମୌଜ ମସ୍ତି କାହିଁକି ହେଉଛି ଚକରା ବୁଝିପାରୁନି । କାହାକୁ ପଚାରିବ ? ମନେ ମନେ ଚିନ୍ତା କଲା ବୋଉ ଆସିଲେ ତାକୁ ପଚାରିବି । କଣ ହେଉଛି କେଜାଣି ବୋଉ ବି ଆଜି ଏତେ ଡେରି କଲାଣି । ଭୋକରେ ପେଟରେ କରଡ଼ି ଜଳିଲାଣି । ସକାଳେ ବୋଉ ପଖାଳ ଓ ସୁକୁଆ ପୋଡା ଗୋଟେ ଦେଇଥିଲା । ଆଜି ବେଳାରେ ଭାତ କମ୍ ଆଉ ତୋରାଣି ବେଶି ଦେଇଥିଲା ବୋଉ । ସିଏ ବି ଡେରି ହେଲାଣି କହି ଖାଲି ତୋରାଣି ମନ୍ଦେ ପିଇ କାମକୁ ଯାଇଛି । ଆଜି ନୂଆ ବର୍ଷ କାମ ବେଶି ବୋଲି କହୁଥିଲା । ପ୍ରାୟ ଚାରିଟା ବେଳକୁ ବୋଉ ଆସିଲା । ଖୁବ୍ ଟିକେ ଖୁସି ଜଣାପଡୁଥିଲା । ଚକରା ଚକରା ବୋଲି ପାଟି କରି ଡାକିଲା ଓ କହିଲା ଜଲ୍ଦି ଆସେ ଖାଇବୁ । ଆଜି ବାବୁଆଣୀମାନେ କେତେ ଭଲ ଭଲ ଜିନିଷ ଦେଇଛନ୍ତି ଖାଇଦେ । ବୋଉ ଯୋଉ ସବୁ ଜିନିଷ ଆଣିଥିଲା, ସେ ସବୁ ଜିନିଷ ଦେଖି ଚକରାର ଆଖି ଖୋସି ହେଇଗଲା । କଣ ସବୁ ପଡ଼ିଥିବା ଭାତ, ଅଧା ଖିଆ ଚିକେନ, ମାଛ, କଣ ଗୋଟେ ଚକଟା ଚକଟି ଜିନିଷ ବୋଉ କହୁଥିଲା କେକ୍ ବୋଲି, ଖିରି । ଏତେ ପ୍ରକାରର ଖାଦ୍ୟ ଚକରା କେବେ ଦେଖିନଥିଲା । ସେ ସବୁ ଖାଉ ଖାଉ ଚକରା ବୋଉକୁ ପଚାରିଲା ଏତେ ପ୍ରକାର ସୁଆଦିଆ ଖାଇବା ଜିନିଷ ବାବୁଆଣୀ ମାଆମାନେ କାହିଁକି ଦେଲେ? ବୋଉ ଖାଉଥିବା ଅବସ୍ଥାରେ କହିଲା କାଲି ବାବୁ ଘର ମାନଙ୍କରେ ନିଉ ଇଅର ପାର୍ଟି ଥିଲା । କେତେ ଲୋକ ଖିଆ ପିଆ କରୁଥିଲେ, ଖାଇବା ଟେବୁଲ୍ ଓ ଅଇଁଠାବାସନରେ ଖାଇବା ଛାଡିଯାଇଥିଲେ । ସବୁ ସଫା କରି ନେଇ ଆସିଛି । ଦୁଇ ଓଳି ଚଳିଯିବ । ପୁଣି ଚକରାର ମୁଣ୍ଡ ହଲଚଲ ହୋଇଗଲା । ବାବୁ ଭାଇ ହେପି ନିଅର କହିଲା, ବୋଉ ନିଉ ୟର ପାଟି କହୁଛି, ତେବେ ଏହି ନିଉୟରଟା କଣ ବୁଝିବାକୁ ପଡିବ ।

ରାତିରେ ବଳକା ଖାଇବା ଖାଇସାରି ଚକରା ପ୍ରତି ଦିନ ଭଳି ବୋଉ ପାଖକୁ ଶୋଇବାକୁ ଗଲା । ବୋଉ ଦିନ ଯାକ ଖଟି ଖଟି ହାଲିଆ ହୋଇ ଘୁମେଇ ପଡିଛି । ଚକରାକୁ ନିଦ ହେଇନି । ଖାଲି ଏପଟ ସେପଟ ହେଇଛି । ବୋଉ କର ଲେଉଟି ପଚାରିଲା କିରେ ଶୋଉନୁ କାହିଁକି ? ନିଦ ମାଡୁନି ? ଚକରାକୁ ଗୋଟେ ମୌକା ମିଳିଗଲା । ପଚାରିଲା ବୋଉ ନିଉୟର କଣ ? ସବୁ ଆଡେ ଏତେ ଲାଇଟି, ଗୀତ, ବାଜା, ବାଣ, ଖାଇବା ପିଇବା କାହିଁକି ? ମୁଁ କିଛି ବୁଝି ପାରୁନି । ଏଇଟା କଣ ଆଉ ଗୋଟେ ପରବ ? ହଠାତ ଏମିତି ଗୋଟେ ପ୍ରଶ୍ନ ଶୁଣି ବୋଉ ମୁଣ୍ଡ ଘୁରି ଗଲା । ସିଏ ତ ମୂର୍ଖ ଲୋକ, କେମିତି ବୁଝେଇବ ଚକରାକୁ । କିଛି ତ ଗୋଟେ କହିବାକୁ ପଡିବ । ବୋଉ କହିବାକୁ ଆରମ୍ଭ କଲା ଆରେ ଚକରା । ଏଡୁଟିଏ ହେଲୁଣି, ପାଠ ସିନା ପଢ଼ିଲୁନି ଟିକେ ଚାଲାଖ୍ ଚତୁର ହଅ । ତୋ ଠୁ ସାତ ସାନ ପିଲା ହାପି ନିଉୟର ପାଟି କରି କରି ବୁଲୁଛନ୍ତି । ତୁ ପଚାରୁଛୁ ନିଉ ଇୟର କଣ ? ଆରେ ବୋକା ନିଉ ଇୟରମାନେ ନୂଆ ବର୍ଷ । ପୁରୁଣା ବର୍ଷ ପଳେଇଲା ଆଉ ନୂଆ ବର୍ଷ ଆସିଲା । ସେଥିପାଇଁ ଏସବୁ ଜାକଜକମ ବୁଝିଲୁ ତ ? ଏଥର ଚକରା ଚୁପ୍ ରହିଲା, କିଛି ସମୟ ପରେ ପୁଣି ପଚାରିଲା, ବୋଉ ନୂଆ ବର୍ଷରେ ସବୁ ନୂଆ ହେଇଯିବ? ମତେ ନୂଆ ଜାମା ପ୍ୟାଣ୍ଟ ମିଳିବ ? ମୁଁ ପୁଣି ସ୍କୁଲ ଯିବି ପାଠ ପଢ଼ିବାକୁ ? ବୋଉ ବୁଝେଇବାକୁ ଯାଇ କହିଲା ଆରେ ଚକରା ସେମିତି କିଛି ହେଇନି । ଏଇ ନୂଆ ବର୍ଷ ପର୍ବଟା କେବଳ ବାବୁଘରମାନେ କରନ୍ତି । ଦେଖିଲୁ ନା କେତେ ଭଲ ଭଲ ଖାଇବା ଜିନିଷ ହୋଇଥିଲା । ତୁ ସେଥିରେ ବେଶି ମୁଣ୍ଡ ପୁରାନା, ଭଲ ଖାଇବା ମିଳିଲା ସେଥିରେ ଖୁସି ରହ । ଚକରାର ମନ ମାନିଲାନି । ବର୍ଷଟା ନୂଆ ଆସିଲା. ନୂଆ କିଛି ହବନି, ଏକଥା କେମିତି ଅଡୁଆ ଅଡୁଆ ଲାଗିଲା । ନୂଆ ବର୍ଷରେ ସବୁ ନୂଆ ହେବା କଥା । ତା ବୋଉକୁ ବାବୁ ଘରମାନେ ନୂଆ ଲୁଗା ଦବା କଥା, ତା ପାଇଁ ବି ନୂଆ ଡ୍ରେସ ଦବା କଥା । ତା ବୋଉର ଗଲା ବର୍ଷ କଣ ଗୋଟେ ମଶା ଖିଆ ରୋଗ ହେଇଥିଲା ଯେ ଡାକ୍ତରଖାନା ବାରଣ୍ଡାରେ ପଡିଥିଲା, ଯେଉଁଠି ତା’ ପାଖରେ ଦୁଇ ତିନିଟା ରୋଗୀଣା କୁକୁର ଶୋଉ ଥିଲେ ଆଉ ତାଙ୍କ ପାଖରେ ସେ ଶୋଇଥିଲା । ନୂଆ ବର୍ଷରେ ଆଉ ବୋଧେ ଡାକ୍ତରଖାନାରେ ଅଖୋଜା ଆଲୋଡା ହୋଇ ରୋଗୀମାନେ ବାରଣ୍ଡାରେ ବୁଲା କୁକୁରଙ୍କ ସହିତ ପଡ଼ିନଥିବା କଥା । କାଲି ବୋଉ ଲାଇନ ଲଗେଇ ପିଇବା ପାଣି ପାଇଲାନି । ଗାଁ ମୁଣ୍ଡ ଖଣ୍ଡିଆ କୂଅରୁ ପିଇବା ପାଣି ଆଣିଲା । କେମିତି ପୋଚରା ଗନ୍ଧ ହଉଥିଲା ପାଣି । ନୂଆ ବର୍ଷରେ ଭଲ ପାଣି ମିଳିବା କଥା । ପଡିଶା ଘର ବଡ଼ ମାଆ କହୁଥିଲେ ଏବେ କୁଆଡେ ସରକାର କହିଛନ୍ତି ଯେଉଁ ପିଲାମାନେ ସ୍କୁଲ ଛାଡିଛନ୍ତି ତାଙ୍କୁ ଘରୁ ଡାକିକି ନେଉଛନ୍ତି ସ୍କୁଲରେ ପାଠ ପଢ଼ିବାକୁ । ସ୍କୁଲରେ ପିଲାଙ୍କୁ ଡ୍ରେସ, ଖାଇବା ଆଦି ଦିଆ ହେଉଛି । କାଇଁ ନୂଆ ବର୍ଷରେ ତାକୁ ତ କିଏ ସ୍କୁଲ ଯିବାକୁ ଡାକିଲେନି । ଏମିତି ଦିନେ ସ୍କୁଲରେ ପିଲାମାନେ ଖାଇବା ସମୟରେ ସେ ଗେଟ୍ ପାଖରେ ଠିଆ ହୋଇ ଦେଖୁଥଲା ଯେ ସ୍କୁଲ ପିଅନ ମଦନା ତାକୁ ମାରିବାକୁ ଦୌଡ଼ି ଆସିଥିଲା । ତେବେ ନୂଆ ବର୍ଷ କଣ ନୂଆ ହେଲା ଚକରା ବୁଝି ପାରୁନି । ସରକାର କୁଆଡେ ଗରିବ ଲୋକ ଉପାସ ନରହିବାକୁ ଚାଉଳ, ଗହମ ଆଦି ଦେଉଛନ୍ତି । ଆମ ବସ୍ତିର ଚେମି ଆଇ ଚାରି ଦିନ ଉପାସରେ ରହି ମରିଗଲା । ତା’ ଚାଉଳ କୁଆଡେ ଗଲା ? ତା’ ବୋଉ ବିଧବା ଭତ୍ତା ପାଇଁ ଜଣେ ବାବୁଙ୍କ ପାଖକୁ ଦଉଡୁଛି । ଆଜି କାଲି କହି ବାବୁ ଗଡ଼େଉଛନ୍ତି । ବୋଉ କହିଲା ବାବୁ କହୁଛନ୍ତି ଆଗ ପାଉଣା ଦିଅ, ତା’ ପରେ ହବ । ପାଉଣା କଣ ଚକରା ବୁଝିପାରୁନି । ଦିନେ ଭତ୍ତା କରେଇଦବ ବୋଲି ବାବୁ ବୋଉକୁ ରାତିରେ ଖବର ପଠେଇ ଥିଲା । ବୋଉ ଯାଇଥିଲା କଥା ହବା ପାଇଁ, କିଇ କଥା କହିଲା କେଜାଣି, ଆସିଲା ବେଳକୁ ବାୟାଣି ପରି ଦିଶୁଥିଲା, ଲୁଗା ଚରି ଯାଇଥିଲା, ଆଉ ଖାଲି କାନ୍ଦୁ ଥିଲା । ପଚାରିଲେ କିଛି କହିଲାନି, ତୁ ପିଲା ଲୋକ କିଛି ବୁଝିପାରିବୁନି ବୋଲି କହି ସେ ଦିନ ରାତିରେ ଉପାସ ଶୋଇଲା । ତା’ ପର ଦିନ କାମକୁ ଯାଇପାରିନି । ଚାଲି ପାରୁ ନଥିଲା । ପିଠି ପଟେ ଖଣ୍ଡିଆ ଖାବରା ଥିଲା । ନୂଆ ବର୍ଷରେ ବୋଉକୁ ଭତ୍ତା ମିଳିବ କି ? ବୋଉ ଆଣୁଥିବା ବଳା ଖାଇବା ଛାଡି ଘର ରନ୍ଧା ଭାତ ମିଳିବ କି ନୂଆ ବର୍ଷରେ ? ଏମିତି ଅନେକ ପ୍ରଶ୍ନ ଚକରାର ମୁଣ୍ଡରେ ଗୋଳେଇ ଘାଣ୍ଟି ହେଲା । ବୋଉ କେଉଁ ପ୍ରଶ୍ନର ଉତ୍ତର ଦେଇ ପାରିଲାନି । ଖାଲି ଏତିକି କହି ବୁଝେଇ ଦେଲା ଯେ ତୁ ବଡ଼ ହେଇ ରୋଜଗାର କରିବୁ, ଘର କରିବୁ, ଭଲ ପିନ୍ଧିବୁ, ତୋ ସ୍ତ୍ରୀ ପିଲାଙ୍କୁ ଭଲରେ ଖାଇବାକୁ ଦେବୁ । ସମସ୍ତେ ମିଶି ନୂଆ ବର୍ଷ ପାଳିବ । ଚକରାର ବୋଉକୁ ଶେଷ ପ୍ରଶ୍ନ ଥିଲା ଯେ ବୋଉ ମୁଁ ବଡ଼ ହେଇ ରୋଜଗାର କଲାଯାଏ ତେବେ ପୁରୁଣା ବର୍ଷ ଥିବ ? ବୋଉ ନିରୁତ୍ତର । ଏହି ପ୍ରଶ୍ନ କେବଳ ଚକରାର ନୁହେଁ । ସମାଜରେ ଥିବା ସବୁ ଗରିବ ଓ ସର୍ବହରାମାନଙ୍କ ପ୍ରଶ୍ନ । ଏହାର ଉତ୍ତର ସମସ୍ତ ବୁଦ୍ଧିଜୀବୀ ଖୋଜି ବାହାର କରିବାକୁ ଚେଷ୍ଟିତ ହେବା ଦରକାର । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଅନେକ ଯୋଜନା କରୁଛନ୍ତି । ଯୋଜନାଗୁଡିକର ବହୁଳ ପ୍ରଚାର ପ୍ରସାର ହେଉଛି । ଯୋଜନା ସବୁ କର୍ଯ୍ୟରେ ରୂପାନ୍ତରିତ ହେଇଛି ତ? ଏତେ ସବୁ ଯୋଜନା ସତ୍ୱେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ ବିତରଣ ଇତ୍ୟାଦି ସବୁ କ୍ଷେତ୍ରରେ ଅବ୍ୟବସ୍ଥା କାହିଁକି ? ମେଡିକାଲ ଅଛି ଡାକ୍ତର ନାହାନ୍ତି, ଡାକ୍ତର ଅଛନ୍ତି ପାରାମେଡିକାଲ ଷ୍ଟାଫ ନାହାନ୍ତି, ସମସ୍ତେ ଅଛନ୍ତି ତ ଆବଶ୍ୟକ ସର୍ବନିମ୍ନ ଔଷଧ ନାହିଁ । ସ୍କୁଲ ଅଛି ତ ଶିକ୍ଷକ ନାହାନ୍ତି, ଶିକ୍ଷକ ଅଛନ୍ତି ପିଲା ନାହାନ୍ତି, ପିଲା ଅଛନ୍ତି ତ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ, ଶିକ୍ଷକମାନଙ୍କର ପାଠ ପଢ଼େଇବାକୁ ସମୟ ନାହିଁ । ସରକାରଙ୍କ ବିଭିନ୍ନ ସ୍କିମ ତଦାରଖ, ମନ୍ତ୍ରୀ ଅଫିସରଙ୍କ କାର୍ଯ୍ୟକ୍ରମ ଓ ମିଟିଙ୍ଗରେ ଯୋଗ ଦେଇ ସବୁ ସମୟ ଯାଉଛି ।

**ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ଶ୍ରେଣୀ । କିନ୍ତୁ ଆବଶ୍ୟକ ଶିକ୍ଷକ ଅଭାବ ଏବଂ ଶିକ୍ଷକମାନଙ୍କ ଅଣଶିକ୍ଷା କାର୍ଯ୍ୟରେ ନିୟୋଜନ କରାଯିବା ଯୋଗୁଁ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ।** ତେଣୁ ମାଧ୍ୟମିକ ଶ୍ରେଣୀକୁ ପହଞ୍ଚିଲାବେଳକୁ ଛାତ୍ରଛାତ୍ରୀମାନେ ଉଚ୍ଚସ୍ତରର ପାଠ୍ୟକ୍ରମ ଗ୍ରହଣ କରିପାରୁ ନାହାନ୍ତି । ସରକାରଙ୍କ ଯୋଜନା ଭାଷଣ ସର୍ବସ୍ୱ ଏହା ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ । ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କଥା ନ କହିଲେ ଭଲ । କେଉଁଠି ନଳ ଅଛି ତ ଜଳ ନାହିଁ, ଆଉ କେଉଁଠି ଜଳ ଅଛି ତ ନଳ ନାହିଁ । ଏତେ ନିମ୍ନମାନର ପାଇପ ଓ ଆନୁସଙ୍ଗିକ କାର୍ଯ୍ୟ କରାଯାଉଛି ଯେ ମାସେ ଦୁଇ ମାସରେ ସବୁ ଖରାପ । ଠିକାଦାର, ସରକାରୀ ଯନ୍ତ୍ରୀ ଓ ଅଫିସର ଏବଂ ରାଜନେତାଙ୍କ ମଧୁଚନ୍ଦ୍ରିକାରେ ସାଧାରଣ ଜନତା ଜଳି ଯାଉଛନ୍ତି । ସମାଜର ଶେଷଧାଡିର ଶେଷ ଲୋକଟି ଚକରା ପରି ନୂଆ ବର୍ଷଟା କଣ ବୋଲି ପ୍ରଶ୍ନ କରିଥିବ । ଚକରାମାନେ କେବେ ନୂଆ ବର୍ଷ ପାଳନ କରିବେ ସେ ଦିନକୁ ଅପେକ୍ଷା । ବେଶି ଡେରି ହେଲେ ସେମାନେ ଶାସନ ଓ ବାବୁମାନଙ୍କ ବିରୋଧରେ ବିପ୍ଳବ କରିବେ । ସେତେବେଳକୁ ନେଡିଗୁଡ଼ କହୁଣୀକୁ ବୋହି ଯାଇଥିବ । ସମସ୍ତଙ୍କୁ ଅନୁରୋଧ ସମାଜର ଚକରାମାନଙ୍କୁ ଖୋଜନ୍ତୁ ଏବଂ ସେମାନଙ୍କୁ ସମାଜର ମୁଖ୍ୟଧାଡିରେ ସାମିଲ କରନ୍ତୁ । ଆଧୁନିକ ସମାଜରେ ଚକରାମାନଙ୍କ ସଂଖ୍ୟା ବୃଦ୍ଧି ନିଶ୍ଚିତଭାବେ ଚିନ୍ତାଜନକ । ଚକରା ପ୍ରଶ୍ନର ଉତ୍ତର ଦରକାର ।

**ମୋ-୯୯୩୭୦୮୦୭୧୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ ବାଇକ୍...

ଭିତରକୁ ପ୍ରବେଶ କରୁଥିଲା । ତେବେ ଟ୍ରକ ଚାଳକ ଜଣଙ୍କ ବେପରୁଆ ଭାବେ ଗାଡି ଚାଳନା କରି ଆଗ ପଛ ହୋଇ ଯାଉଥିବା ଉକ୍ତ ବାଇକ ଗୁଡିକ ଉପରେ ମାଡି ଯାଇଥିଲା । ଫଳରେ ବାଇକ ଚାଳକ ସମେତ ସେଥିରେ ବସିଥିବା ଯୁବକ ମାନଙ୍କର ମୃତ୍ୟୁ ଘଟିଥିଲା । ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ତାଙ୍କୁ କାବୁ କରିଛି । ତେବେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟ ହଳଦିଆ ପଦରରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ ଏକାଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ଲାଗି ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା କରିବା ସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁର୍ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନି ଓ ଅନେକ ଆହତ ହୋଇଥିବା ଖବର ଶୁଣି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି ଓ ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଆଜି...

ସେ ଚମଡା ସୁଟକେସ ମଧ୍ୟରେ ରହୁଥିବା ବଜେଟ୍ ତଥ୍ୟର ପରମ୍ପରାକୁ ଭାଙ୍ଗିଥିଲେ । ଏକ ଲାଲ୍ କପଡାରେ ବଜେଟ୍ ତଥ୍ୟ ଉପସ୍ଥାପନ କରିଥିଲେ । ଚଳିତ ବର୍ଷର ବଜେଟ୍ କାଗଜ ଶୂନ୍ୟ ପୂର୍ବ ଚାରିବର୍ଷ ଭଳି ରହିବ । ରାଜ୍ୟର ଆର୍ଥିକ ସ୍ଥିତିର ରୋଡମ୍ୟାପ୍‌କୁ ଉପସ୍ଥାପନ କରାଯିବ ।  ସରକାର ଏଥର କ୍ୟାପିଟାଲ ଏସପେଣ୍ଡିଚରକୁ ୧୧.୨ ଲକ୍ଷ କୋଟି କରୁଥିବାର ଯୋଜନା କରାଯାଉଛି । ଗତବର୍ଷ ତୁଳନାରେ ପୁଞ୍ଜି ବ୍ୟୟକୁ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି କରାଯାଇପାରେ । ସେହିଭଳି ଜିଡିପି ଅଭିବୃଦ୍ଧିର ଆକଳନ ସମ୍ପର୍କରେ ଏକ ଧାରଣା  ଦେବେ । ସରକାର ନୋମିନାଲ ଜିଡିପିକୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ୧୦.୫ ରୁ ୧୧ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଘୋଷଣା କରିପାରନ୍ତି । ବିଶେଷ କରି ଜୀ ରାମ ଜୀ ଯୋଜନା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି ହୁହାଯାଉଥିବା ବେଳେ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ରହିପାରେ । ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହନ ସହ ଭିତ୍ତିଭୂମି ଓ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିପାରେ  । ରିୟଲ ଇଷ୍ଟେଟ୍ କ୍ଷେତ୍ରକୁ କମ୍ ସୁଧ ହାର , ଟିକସ ରିହାତି ଓ ସୁଲଭ ଗୃହ ସମ୍ବନ୍ଧିୟ ଘୋଷଣାରୁ ଏହି କ୍ଷେତ୍ର ଲାଭ ବାନ ହୋଇପାରିବ । ବିଶେଷ କରି ସହର ଗୁଡିକ ସୁଲଭ ଗୃହ ପାଇଁ ମୂଲ୍ୟସୀମା ୮୦ ରୁ ୯୦ ଲକ୍ଷକୁ ବୃଦ୍ଧି କରାଯାଇପାରେ । ଜିଏସ୍‌ଟି ଷ୍ଟାମ୍ପ ଡ୍ୟୁଟିକୁ ସରଳ କରାଯାଇପାରେ । ମଧ୍ୟବିତ୍ତ ବର୍ଗ ଟିକସ ସ୍ଲାବ ଛାଡ ଓ ଷ୍ଟାଣ୍ଡାର୍ଡ ରିଡକ୍ସନ ବଢାଇବା ନେଇ ଆଶା ରଖିଛନ୍ତି । ଜାତୀୟ ପେନସନ ବ୍ୟବସ୍ଥାକୁ ଅଧିକ ନିର୍ଭରଯୋଗ୍ୟ କରିବାରେ ଧ୍ୟାନ ଦିଆଯିବ । ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରୋଜେନ୍ ଖାଦ୍ୟ କ୍ଷେତ୍ର ଗୁଡିକ ପାଇଁ କୋଲ୍ଡ -ଚେନ୍ ଭିତ୍ତିଭୂମି ଆଧୁନିକ ୟୁନିଟ୍ ଏବଂ ଉନ୍ନତଫ୍ରିଜିଂ ପ୍ରଯୁକ୍ତି ବିଦ୍ୟାରେ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି । ଏଆଇ ଏବଂ ଡିଜିଟାଲ ସେବାରେ ନିବେଶ ବୃଦ୍ଧି ପାଇବ ବୋଲି ଆଶା ରହିଛି ।

## ଓଡ଼ିଶା...

ସେହିଭଳି କ୍ୟାବିନେଟରେ ଅନ୍ୟ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳକୁ ବଜାୟ ରଖିବା ପାଇଁ ସରକାର ଆର୍ଥିକ ସହାୟତା ପ୍ରଦାନ କରିବେ । ଏଥିପାଇଁ ୨୬,୮୭ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବିତ ହୋଇଛି । ବ୍ୟାଙ୍କକଙ୍ଗ ଓ ଆବୁଧାବି ପାଇଁ ଏହି ସହାୟକକୁ ପ୍ରତ୍ୟାହାର କରିନିଆଯାଇଛି । ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ ଯୋଜନାକୁ ମଞ୍ଜୁରୀ ମିଳିଛି । ୨୦୨୫-୨୬ ରୁ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ । ୨୫୪.୮୫ କୋଟି ଟଙ୍କା ବ୍ୟୟ କରାଯିବ । ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂସେବା ନିୟମକୁ ଅନୁମୋଦନ ମିଳିଛି । ସେହିପରି ମିଳିତ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ ରେ ସଂଶୋଧନ କରାଯାଇ ୧୦ ଟି ନୂଆ ପଦବୀକୁ ସାମିଲ କରାଯାଇଛି । କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନ କ୍ରମେ ପଦବୀ ଓ ସିଲାବସ୍‌କୁ ଅନ୍ତର୍ଭୁକ୍ତ କରାଯିବ  । ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ଭଳି ୟୁନିଫର୍ମ ସେବା ଭଳି ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ନିମନ୍ତେ ନୂତନ ନିୟମକୁ ମଞ୍ଜୁରୀ ମିଳିଥିବା ବେଳେ ଦିବ୍ୟାଙ୍ଗ ପାର୍ଥୀ ମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀର ସଂଶୋଧନ କରାଯାଇଛି । କ୍ଷୁଦ୍ର ଜଳସେଚନର ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ପାଇଁ ଡାଇଭର୍ସନ ୱେୟାର ସୁଧାର ଯୋଜନାକୁ ଅନୁମୋଦନ କରାଯାଇଛି । ୨୦୨୫ -୨୬ ରୁ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିଭଳି ଡ୍ରିଲିଂ ଷ୍ଟୋର ସାମଗ୍ରୀଗୁଡିକ ବୋର ହୋଲ୍ଡ ଅଟକି ଯିବାରୁ ହୋଇଥିବା କ୍ଷତି ବାବଦରେ ୮ ଲକ୍ଷ ୩୮ ହଜାର ୭୮୯ ଟଙ୍କା ହେମନ୍ତ କୁମାର ନାୟକଙ୍କ ସମ୍ପର୍କରେ ରିଟଫ କରିବାରେ କ୍ୟାବିନେଟ ଅନୁମୋଦନ କରିଛନ୍ତି ।

## ଓଡ଼ିଶା...

ସେବା ବର୍ଗ ପୁନଃଗଠନ ସହ ସେମାନଙ୍କ ପଦୋନ୍ନତିର ସୁବିଧା ପ୍ରଦାନ ଆବଶ୍ୟକତା ରହିଛି । ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

## ମହାରାଷ୍ଟ୍ର...

କର୍ମୀ ସେଠାରେ ଉପସ୍ଥିତ ରହି ଅଜିତ୍ ଦାଦା ଅମର ରହେ ସ୍ଲୋଗାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନେତ୍ରାଙ୍କୁ ଅଭିନନ୍ଦନ ଜଣାଇବା ସହ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଭୂମିକା ବେଶ୍ ଭଲ ରହିବ ବୋଲି ଉଲ୍ଲେଖ କରିଛନ୍ତି । ସେହିଭଳି କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ସୁନେତ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମହାରାଷ୍ଟ୍ରରେ ଚାଲିଥିବା ମହାୟୁତି ମେଣ୍ଟ ସରକାରରେ ଏନସିପି ଏକ ସହଯୋଗୀ ରହିଛି । ଅଜିତ ପାୱାରଙ୍କ ଦେହାନ୍ତ ପରେ ଏନସିପିର ବିଧାୟକ ଦଳ ସର୍ବସମ୍ମତି କ୍ରମେ ସୁନେତ୍ରାଙ୍କୁ ନେତା ଭାବେ ନିର୍ବାଚିତ କରିଥିଲେ । ସୁନେତ୍ରାଙ୍କୁ ଅବକାରୀ, କ୍ରୀଡା ଓ ଯୁବ କଲ୍ୟାଣ ସଂଖ୍ୟାଲଘୁ ବିକାଶ ବିଭାଗ ଦିଆଯାଇଛି । ତେବେ ପୂର୍ବରୁ ଅଜିତଙ୍କ ପାଖରେ ଥିବା ଗୁରୁତ୍ୱପୂର୍ଣ୍ଣ ଅର୍ଥ ଓ ଯୋଜନା ବିଭାଗ ଏବେ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିବ ।

## କଲିକେଶଙ୍କ...

ସାଂଗଠାନିକ ସ୍ଥିତି ଓ ଚାଷୀ ସମସ୍ୟା ନେଇ ଆଲୋଚନା କରିଥିଲା । ରାଜ୍ୟରେ ଯେଉଁ ସ୍ଥିତି ରହିଛି ନବୀନ ପୁଣି ମୁଖ୍ୟମନ୍ତ୍ରୀ ହେଲେ ସୁଧୁରିଯିବ । ଦୀର୍ଘ ୨୪ ବର୍ଷ ଧରି ନବୀନ ରାଜ୍ୟକୁ ଏକ ସ୍ୱର୍ଣ୍ଣିମ ପିରିୟଡ ଦେଇଛନ୍ତି । ନବୀନ ଥିବା ଯାଏ ଅନ୍ୟ ନେତୃତ୍ୱର ପ୍ରଶ୍ନ ଉଠୁନି । ୨୦୨୯ ରେ ନବୀନ ପଟ୍ଟନାୟକ ନିର୍ବାଚନ ଲଢିବେ ବୋଲି କଲିକେଶ ସ୍ପଷ୍ଟ କରିଥିଲେ । କଲିକେଶଙ୍କ ଏହି ମନ୍ତବ୍ୟ ପରେ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି ।

# କର୍ମନିଯୁକ୍ତି ଓ ଆର୍ଥିକ ବିକାଶରେ ପ୍ରତିବନ୍ଧକ ସାଜିଛି ଅବ୍ୟବହୃତ ଖଣିଜ ସମ୍ପଦ

ଭୁବନେଶ୍ୱର (ସବ୍ୟୁ): ନିଯୁକ୍ତି, ଜୀବିକା ଓ ଆଞ୍ଚଳିକ ସମାନତା ଉପରେ କାର୍ଯ୍ୟ କରୁଥିବା ଏକ ନୀତି-କେନ୍ଦ୍ରିତ ବିକାଶମୂଳକ ସଂସ୍ଥା ପ୍ରହାର ପକ୍ଷରୁ ଭବାନୀପାଟଣାଠାରେ "ସାଉଥ-ଓ୍ୱେଷ୍ଟ ଓଡିଶା: ଇକୋନୋମିକ ଆଣ୍ଡ ଏମ୍ପ୍ଲୋୟମେଂଟ ଗ୍ରୋଥ, ଚ୍ୟାଲେଞ୍ଜ୍ସ ଆଣ୍ଡ ଅପର୍ଚ୍ୟୁନିଟିଜ୍' ଶୀର୍ଷକ ଏକ ସେମିନାରର ଆୟୋଜନ କରାଯାଇଛି । ଏହି ଆଲୋଚନା ଓଡିଶାରେ ବ୍ୟାପକ ରୂପେ ପ୍ରଚଳିତ ଆନ୍ତଃ-ରାଜ୍ୟ ବିକାଶମୂଳକ ଅସମାନତା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଅର୍ଥନୀତିଜ୍ଞ, ବିକାଶ ଅଭ୍ୟାସକାରୀ ଓ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଥିଲା । ଓଡିଶାରେ ବିଶେଷ କରି କଳାହାଣ୍ଡି ଓ ରାୟଗଡାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଣ୍ଡାରଗୁଡିକ ଉତ୍ପାଦନ-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ଏକ ଅଣଉପଯୋଗୀ ସୁଯୋଗର ପ୍ରତିନିଧିତ୍ୱ କରୁଛି ବୋଲି ଏହି ପ୍ୟାନେଲ ଆଲୋକପାତ କରିଛନ୍ତି । ଏହି ସେମିନାରରେ ଜିଏମୟୁନିଭର୍ସିଟି ଓ କଳାହାଣ୍ଡିୟୁନିଭର୍ସିଟିର ଜିଓଗ୍ରାଫି ବିଭାଗର ପୂର୍ବତନ ପ୍ରଫେସର, ଡା. ଅଜୟ ମିଶ୍ର କହିଛନ୍ତି, ଓଡିଶାରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶଗୁଡିକ ଦ୍ୱାରା ସମର୍ଥିତ ବିଶ୍ୱର ୨ୟ ସର୍ବବୃହତ ସମୃଦ୍ଧ ବକ୍ସାଇଟ ବେସ୍କୁ ଉପଯୋଗ କରିବା ପାଇଁ ଏକ ସ୍ପଷ୍ଟ ସୁଯୋଗ ରହିଛି ।ଯଦି ପଛୁଆ ଅଂଚଳଗୁଡିକ ପ୍ରକୃତରେ ଆଗକୁ ବଢିବା ଆବଶ୍ୟକ ତେବେ ନୀତିଗୁଡିକ ନିଶ୍ଚିତ ଭାବେ ଏହି ପରିବର୍ତ୍ତନକୁ ସ୍ୱୀକୃତି ଦେବା ଉଚିତ । ସେହିପରି ପ୍ରହାରର ଅଧ୍ୟକ୍ଷ ଅଭୟ ରାଜ ମିଶ୍ର କହିଛନ୍ତି, ଓଡିଶା ଅଂଚଳିକ ଅସମାନତାକୁ ଏକ ପାଶ୍ୱର୍ ସମସ୍ୟା ଭାବେ ଗ୍ରହଣ କରିବା ଉଚିତ ନୁହେଁ ବରଂ ଏହାକୁ ଏକ ମୂଳ ବିକାଶ ସମସ୍ୟା ଭାବେ ଦେଖିବା ଉଚିତ । କଳାହାଣ୍ଡି ଓ ରାୟଗଡା ଭଳି ଜିଲ୍ଲାଗୁଡିକ ଆୟ ଓ ନିଯୁକ୍ତି ସୂଚକ କ୍ଷେତ୍ରରେ ବହୁମାତ୍ରାରେ ପଛରେ ରହିବା ଜାରି ରଖିଛନ୍ତି ।

# ବିଷମକଟକରେ ଗଳାକାଟି ହତ୍ୟା

ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲା ବିଷମକଟକ ସଦର ବ୍ରାହ୍ମଣ ସାହି ନିବାସି କୈଳାସ ଚନ୍ଦ୍ର ସାହୁଙ୍କୁ ତାଙ୍କ ଘରେ କେହି ଦୁର୍ବୃତ୍ତ ଗଳା କାଟି ହତ୍ୟା କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଶନିବାର ସନ୍ଧ୍ୟା ସମୟରେ କୈଳାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଷମ କଟକ ଖ୍ରୀଷ୍ଟୀୟାନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୈଳାସ ସାହୁଙ୍କ ଗଳା ଓ ମୁଣ୍ଡରେ କ୍ଷତ ରହିଥିବା ଦେଖିବାକୁ ମିଳିଛି । କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କ ଗଳା କାଟିଛି ତାହା ସ୍ପଷ୍ଟ ଜଣାପଡିନାହିଁ । ତେବେ ଘଟଣା ସଂକ୍ରାନ୍ତରେ ଖବର ପାଇଁ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ ବ୍ରାହ୍ମଣ ସାହି ସ୍ଥିତ ବାସ ଭବନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏଥି ସହିତ ସାଇଂଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ଅସ୍ପଷ୍ଟ ହୋଇ ରହିଥିବା ପୁଲିସ କହିଛି । ତେବେ କୈଳାସ ଚନ୍ଦ୍ର ସାହୁଙ୍କ ହତ୍ୟା ଖବର ବିଷମକଟକ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖା ଯାଇଥିବାବେଳେ ହତ୍ୟାକାରୀକୁ ତୁରନ୍ତ ଗିରଫ ପାଇଁ ଦାବି ହୋଇଛି ।

# ଅନାଥ ଶିଶୁଙ୍କ ଯଶୋଦା ଯୋଜନା ପାଲଟିଛି ପ୍ରହସନ!

ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ଅନାଥ ଶିଶୁଙ୍କ ପାଇଁ କାମ କରୁଥିବା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟରେ ଥିବା ଅନାଥ ଶିଶୁଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଗୁଡିକ ଫେଲ୍ ମାରିଥିବର ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ, ଘରର ମୁଖ୍ୟ ଆୟ ଶ୍ରୋତାକାରୀଙ୍କ ଯେ କୌଣସି କାରଣରୁ ମୃତ୍ୟୁ ହୋଇଥିଲେ ମାଟ୍ରିକରୁ ଉର୍ଦ୍ଧ ପାଠ ଯଥା ବୈଷୟିକ ଶିକ୍ଷା,ଉଚ୍ଚ ଶିକ୍ଷା,ବୃତ୍ତିଗତ ଶିକ୍ଷାରେ ପିତୃଓ ମାତୃହିନ ଶିଶୁ ମାନଙ୍କୁ ୯୦୦୦ ରୁ ୫୨୦୦୦ ପର୍ଯ୍ୟନ୍ତ ପାଠ୍ୟକ୍ରମ ଅନୁସାରେ ପ୍ରଦାନ କରାଯାଇଥାଏ । ରାଜ୍ୟ ସରକାର ଏହି ଯୋଜନାକୁ ଲୋକାଭିମୁଖୀ କରିବାପାଇଁ ଯଶୋଦା ଯୋଜନା ନାମରେ ନାମିତ କରି ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ସମସ୍ତ ଜିଲ୍ଲା ପାଳ୍ ମାନଙ୍କୁ ପ୍ରଦାନ ଓ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ଆବେଦନ କରିଥିବା ପିତୃଓ ମାତୃହିନ ଶିଶୁ ମାନେ ବର୍ଷେରୁ ଅଧିକ ସମୟ ହେବ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ପଇସା ପାଇପାରୁନାହାନ୍ତି । ସୂଚନା ଅନୁସାରେ ମିଳନ ପଧାନ ନାମକ ଛାତ୍ର ଜାନୁଆରୀ ମାସରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଛନ୍ତ । ଆହୁରି ମଧ୍ୟ ସୁଭ୍ରଂଶିକା ପଣ୍ଡା ମଧ୍ୟ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି । ଆହୁରି ଜିତେନ୍ଦ୍ର କୁମାର୍ ବିଶିଙ୍କୁ ପାଠ ପଢ଼ାଉଥିବା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ କାର୍ଯ୍ୟାଳୟ ଓ ଅତିରିକ୍ତ ଜିଲ୍ଲା ପାଳ୍‌ଙ୍କୁ ମଧ୍ୟ ବାରମ୍ବାର ସାକ୍ଷାତ କଲେ କେବଳ ଅଶ୍ୱାସନା ମିଳୁଛି କିନ୍ତୁ ସହାୟତା ରାଶି ମିଳି ପାରୁନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ ସୂଚନା ଅଧିକାର କର୍ମୀ ନୀଳମଣି ଯୋଶୀ କହିଛନ୍ତି ଗୋଟିଏ ସପ୍ତାହରେ ଏ ଟଙ୍କା ନ ମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ଦୋଳ କରି ଆମରଣ ଅନଶନ କରିବୁ ବୋଲି ଜଣାଇଛନ୍ତି ।

# କନ୍ଧମାଳ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ସାମୁହିକ ଆଚାର୍ଯ୍ୟ ବିକାଶ ଦିବସ ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତୀକେଶ୍ୱର ବେହେରା ଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ମସିଣାଗୋରା ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ କରିଥିବା ବେଳେ କନ୍ଧମାଳ ସହକାରୀ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ମାହାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କନ୍ଧମାଳ ସଙ୍କୁଳ ଅନ୍ତର୍ଗତ ୭ ଟି ଶିଶୁ ମନ୍ଦିରର ମୋଟ ୮୬ ଜଣ ଗୁରୁଜୀ ଗୁରୁମା ,ସେବକ ସେିକାଙ୍କ ସହ ୧୦ ଜଣ ବାହନ ଚାଳକ ଉପସ୍ଥିତ ଥିଲେ । ପଲସଗୋରା ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ,ଘଣ୍ଟାପଡା ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠ୍,ମନମୁଣ୍ଡା ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଶା,,,ଦପଲା ପ୍ରଧାନ ଆଚାର୍ଯ୍ୟ ବନମାଳୀ ନାୟକ ,ବିଳାସପୁର ଆଚାର୍ଯ୍ୟ ଭାଗ୍ୟଶ୍ରୀ ହାତୀ ,ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ସାବିତ୍ରୀ ସାହୁ ସହଯୋଗ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ମାହାର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ଅବସରରେ ମେଗା ବାଇକ୍ ରାଲି

ନୂଆପଡ଼ା,(ସବ୍ୟୁ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ନୂଆପଡ଼ା ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ମେଗା ବାଇକ୍ ରାଲି ଆୟୋଜିତ ହୋଇଯାଇଛି । ଏହି ରାଲିର ମୁଖ୍ୟ ଥିମ୍ ଥିଲା - ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ ।

ସଡକ ସୁରକ୍ଷା ମାସ ଜାନୁୟାରୀ ୧ ତାରିଖରୁ ୩୧ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ସଡକ ସୁରକ୍ଷା ନିୟମ ପାଳନ କରିବା ଓ ସଡକ ଦୁର୍ଘଟଣାରୁ ଦୂରେଇ ରହିବା । ଏହି ବାଇକ୍ ରାଲିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ଯୋଗଦେଇ ରାଲିର ନେତୃତ୍ୱ ନେଇଥିଲେ । ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ , ଉପ ଜିଲ୍ଲାପାଳ ,ଆରଟିଓ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟଅଧିକାରୀଙ୍କ ସହ ଏହି ରାଲି କଲେକଫର କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇ ପୁନଃ ଜିଲ୍ଲାପାଳଙ୍କ ଅଫିସରେ ଶେଷ ହୋଇଥିଲା । ରାଲି ପରେ କଲେକଫରେଟ୍ ପରିସରରେ ଆୟୋଜିତ ସଭାରେ ଚାରିଜଣ ଗୁଡ୍ ସାମାରିଟାନ୍ - ସୁନୀଲ କୁମାର ସାହୁ, ଗୁଲସନ କୁମାର ସାହୁ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ନରେଶ ନାୟକଙ୍କୁ ଦୁଇ ହଜାର ଟଙ୍କା ଚେକ୍, ମାନପତ୍ର ଓ ହେଲମେଟ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀମତୀ ଶର୍ମିଳା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate Bhadrak. I Rabindra Sahoo @ Ramesh Sahoo S/o Late Kalandi Sahoo Village/PO-Biriadi,PS-Bansada , Dist- Bhadrak.I have a LIC Policy bearing policy.no.586236314 where my name is Rabindra Sahoo.But my Bank Pass book at Uco.Bank Ghanteswar Branch my name is Ramesh Sahoo as per my ID & Adhar Card.That Rabindra Sahoo and Ramesh Sahoo s/o Late Kalandi Sahoo is same & one person.

Sd/- Ramesh Sahoo @ Rabindra Sahoo

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**

10001/5/2526 No. 184 / CDMPHO,SNPR Dt. 30/01/2026

**NOTICE INVITING TENDER FOR HIRING OF VEHICLE**

Sealed tenders are invited from registered travel agencies/private individuals for hiring of vehicle on monthly basis & empanelment of vehicle for hiring on daily basis. Details regarding eligibility criteria, terms and conditions and the formats of subission of tender (Annexure-I-A & B) are mentioned in the tender document which may be downloaded from website of subarnapur, odisha.gov.in. Interested agencies and individuals may submit their tenders in a sealed envelope super-scribing on the top of the sealed envelops as "Tender for Hiring of Vehicle". The tender should reach at the office of the CDM&PHO, Subarnapur by 20.02.2026 (till 3.00 P.M.) through Speed Post/Regd. Post/Courier Only. The tenders will be opened on 20.02.2026 at 04.00 P.M. The undersigned reserves the right to reject any or all the tenders without assigning any reason thereof.

Sd/-CDM & PHO
Subarnapur

OIPR : 10001/10118/1/25-26/0005

**AFFIDAVIT**

By virtue of an affidavit I Smt.Pravati Panda,58 years, W/o.Dr.Narayan Chandra Panda, D/o.Late Kalipada Dash, At/Po-Toranga, PS-Bhadrak (R), Dist-Bhadrak, Pin-756112 declare that my maiden name was Pravati Dash. After my marriage with Dr.Narayan Chandra Panda, my surname has been changed from Dash to Panda as per my husband's family tradition. I, Pravati Dash and Pravati Panda is one and same person.After marriage I have been known, identified and called as Pravati Panda and shall also be known as 'Pravati Panda' for all other official purpose and for all time to come.

Pravati Panda
Deponent

# ମାଁ ଝାଡେଶ୍ୱରୀ କଲେଜର ବାର୍ଷିକ ଉତ୍ସବ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ସ୍ଥିତ ମାଁ ଝାଡେଶ୍ୱରୀ କଲେଜର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨କଲେଜ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ନାଟ୍ୟବିତ୍ ପ୍ରାଧ୍ୟାପକ ଚୂଡାମଣି ରଥ ମୁଖ୍ୟବକ୍ତା ଭାବେ ଯୋଗ କହିଥିଲେ ଯେ, ନିନ୍ଦୁକ ହେବା ଠାରୁ ମାନବୀୟ ଗୁଣ ନେଇ ସିନ୍ଦୁକ ତିଆରି କରିବା ଅଧିକ ଶ୍ରେୟସ୍କରା ପରମ୍ପରା ନାମରେ ମହା ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ଅନୁଚିତ୍। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ବିଶିଷ୍ଟ ଅତିଥି, ପରିଚାଳନା ପରିଷଦର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ମହାପାତ୍ର, ଏସ୍‌ବିଆଇ ଶାଖା ପରିଚାଳକ ରାଜେଶ ମାଝି, ପ୍ରିମିଅର ଗ୍ରୀନ ଇନୋଭେସନ୍ ପ୍ରାଇଭେଟ ଲିମିଟେଡର ଡାଇMର ଫାଇନାନ୍ସ ଦେବେନ୍ଦ୍ର କୁମାର ଗୁପ୍ତା ଏବଂ ଏଜିଓମ ଆଲୋକ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ସ୍ମରଣିକା ସ୍ୱର୍ଣ୍ଣଛତ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ସ୍ମାରକୀ ମାହାର ସ୍ୱାଗତ ଭାଷଣ, ଅଧ୍ୟାପକ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ, ଅଧ୍ୟାପକ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ସିଦ୍ଧାର୍ଥ ପଣ୍ଡା ଓ ଅଧ୍ୟାପିକା ସ୍ୱାତି ପତି ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଶେଷରେ ଯୁକ୍ତ ୩କଲେଜ ଅଧ୍ୟକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ପରିଷଦର ପୂର୍ବତନ ଉପସଭାପତି ପରମାନନ୍ଦ ସିଟ ଓ ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ଦ୍ୱାରା କଂସ ଦରବାର କ୍ଷୁଦ୍ର ନାଟିକା , ସୁଦୀପ୍ତା ଦାଶଙ୍କ ରଚିତ ଓ ମୌସୁମୀ ଷଡଙ୍ଗୀଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

**TENDER NOTICE**

**Kamat Hotels (India) Limited** (Asia's First certified Eco Friendly 5 Star Hotel) invites sealed tenders for the following items for the period **1st April 2026 to 31st March 2027 for Food, Non Food & Services**. The **Tender for IRA By Orchid Hotels Bhubaneswar, Mahodadhi Palace, Puri & Lotus Resorts, Konark consist of more than 200 Rooms, 6 Banquets & 7 Restaurants.**

| Food | Non - Food |
|---|---|
| Frozen foods/ American sweet corn / Green peas/ Baby corn | Laundry Bags - Non-woven carry Bag / Pest Control /Scrap sale |
| Chinese Items/Peeled Garlic/ Ice Cream/ Can btls, water & soft drinks | Disposable & packing items /Buffing / Guest Amenities |
| Dairy products / Fruits & Vegetables / English Vegetables | Cake Box & Board / Shoe shine / computer stationery |
| Poultry Chicken, egg / Mutton / Fish & Prawn (Sea fish and Local fish) | Office Stationery / Printing Stationery / Paper napkins |
| Grocery/ Dry Fruits/ Masalas /Rice / Imported Grocery / Juices | Laundry Services for Guest/ F& B / Room /Staff Linen / Cab |
| Imported grocery/ All syrups / Bakery products | Hardware/ Electrical / Mechanical / Chemical/Charcoal/Gel Fuel |
| | Floor Carpet Cleaning / Motor Winding / Paint & Polish etc. |

Tender Form is available with the Purchase Department, IRA By Orchid Hotels, Bhubaneswar on payment of **Non - refundable fee of Rs. 250/- (Rupees Two Hundred Fifty Only)** for each form on all days **between 10.00 AM to 5.00 PM** except on Sundays & Holidays. The last day for receipt of sealed tenders is **28th February 2026 before 5.00 PM.** The Management reserves right to accept or reject entire offer full or in part without assigning any reason whatsoever. Please drop sealed tenders in the sealed box kept in the Purchase Department at the following address.

**IRA BY ORCHID HOTELS - A Unit of Ilex Developers & Resorts Ltd.**
**CIN: U70102MH2008PLC 184194, A/19, Cuttack Road, Laxmisagar**
**Bhubaneswar-751006. Tel: 91-674-7145555, 91-9090977500**

**www.irahotels.com / E-mail: akshya.dash@irahotels.com**

8001/6/2526

**ଓଡ଼ିଶା ସରକାର**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ**

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୫-୨୬**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା **୫ ଜୁନ୍, ୨୦୨୬ ବିଶ୍ୱ ପରିବେଶ ଦିବସ**ରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES) ର Website www.cesodisha.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୦୨/୦୨/୨୦୨୬ରିଖରୁ ୨୭/୦୨/୨୦୨୬ରିଖ** ମଧ୍ୟରେ ମିଳିପାରିବ ।  ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୨୭/୦୨/୨୦୨୬ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

**ପ୍ରମୁଖ ଶାସନ ସଚିବ**
**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ**

OIPR: 8001/8010/1/25-26/0006

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବଜେଟ୍ ଭାରତକୁ ବୃହତ ଅର୍ଥନୀତିର ସ୍ଥାନ ବଜାୟ ରଖିବାରେ ସହାୟକ ହେବ : ଡ. ଚାନ୍ଦ

ଭୁବନେଶ୍ୱର (ସବ୍ୟୁ): ବିତ୍ତମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଥମ ମହିଳା ବିତ୍ତମନ୍ତ୍ରୀ ଭାବରେ ଲଗାତାର ୯ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ ଓ ମୋଦୀ ସରକାରଙ୍କର ପୂର୍ବ ୧୧ ଟି ବଜେଟ ଭଳି ଏହି ଦ୍ୱାଦଶ ବଜେଟ ପ୍ରଗତୀ ,ସମୃଦ୍ଧି ଓ ଅଭିବୃଦ୍ଧିର ଇଞ୍ଜିନ ହେବ ଓ କେନ୍ଦ୍ର ବଜେଟ ୨୦୨୬ ଲୋକାଭିମୁଖୀ ହେବା ସହିତ ସାମଗ୍ରିକ ଓ ସନ୍ତୁଳିତ ହେବ । ସଂପ୍ରତି ଭୁରାଜନୀତି ଓ ଯୁଦ୍ଧର ବାତାବରଣ ପରିବେଶରେ ଏହି ବଜେଟ ଦେଶର ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବା ସଙ୍ଗେ ଭାରତକୁ ସ୍ୱାବଲମ୍ବୀ, ଆତ୍ମନିର୍ଭର ଓ ବିକଶିତ କରିବା ପାଇଁ ମାର୍ଗପ୍ରଦର୍ଶନ କରିବ ଓ ଏ ଆଇ (ଇଓ),ସେମିକଣ୍ଡକଟର,



ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଗ୍ରୀନ ଏନରଜି, ଗ୍ରୀନମୋବିଲିଟୀ, ବିରଳମୃତିକା ଓ ଗୁରୁତରଖଣିଜ, ସ୍ପେସରିସର୍ଚ୍ଚ, ପ୍ରଶିକ୍ଷଣ ଓ ନିଯୁକ୍ତି ,ଆୟକର ସରଳୀକରଣ , କୃଷିଉତ୍ପାଦକତା ଓ ବିଭିଧତା ତଥାମହିଳା ସଶକ୍ତିକରଣ ଉପରେ ବିଶେଷ ଫୋକସ ରହିବ ଓ ଭାରତକୁ ପ୍ରଖର ବୃହତ ଅର୍ଥନୀତି ଭାବରେ ଏହାର ସ୍ଥାନ ବଜାୟ ରଖିବା ପାଇଁ ବଜେଟ ୨୦୨୬ ସମସ୍ତ ପାଥେୟ ଯୋଗାଇ ଦେଇ ବିକଶିତ ଭାରତ @୨୦୪୭ ଯାତ୍ରାରେ ଅଭୁତପୂର୍ବ ସଫଳତା ଆଣି ଦେବ ବୋଲି ପୂର୍ବତନ ଅଧ୍ୟକ୍ଷ ନାଲକୋ ତଥା ଭାରତୀୟ ଜନତା ପାର୍ଟି ମୁଖପାତ୍ର) ଡ଼ଃ ତପନ କୁମାର ଚାନ୍ଦ ମତବ୍ୟକ୍ତ କରିଛନ୍ତି ।

# ୩୦ ହଜାର ଲାଞ୍ଚ : ଭିଜିଲାନ୍ସ ଜାଲରେ ବଡ଼ଚଣା ପ୍ରାଣୀଧନ ଚିକିତ୍ସାଳୟ କର୍ମଚାରୀ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲା ବଡ଼ଚଣା ପ୍ରାଣୀଧନ ଚିକିତ୍ସାଳୟରେ କାର୍ଯ୍ୟରତ ପୋଗ୍ରାମ ଆସିଷ୍ଟାଣ୍ଟ ଓଡିଶା ଭିଜିଲାନ୍ସ ପକ୍ଷରୁ ଜଣେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁବାଶିଷ ସାମଲ ଜଣେ ହିତାଧିକାରୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ହାତରେ ଧରାପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟହୋଇଛି ।ବଡ଼ଚଣା ପ୍ରାଣୀ ଚିକିତ୍ସାଳୟରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ସୁବାଶିଷ ସାମଲ ବଡଚଣା ବ୍ଲକ ବାଳିପଡିଆ ଗ୍ରାମର କଳ୍ପନା ପ୍ରଧାନଙ୍କ ଠାରୁ ଗୋରୁଫାର୍ମ ଋଣ ବାବଦରେ ୨ଲକ୍ଷ ୧୬ହଜାର ହଜାର ଟଙ୍କାର ସବସିଡି କରାଇ ଦେବାକୁ ଏହି ୩୦ ହଜାର ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ଟିମ ହାତରେ ଧରାପଡିଥିବା ଜଣାପଡିଛି । ସୁବାଶିଷ ଏଥିପାଇଁ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ତେବେ ଏତେ ଟଙ୍କା ଲିଞ୍ଚ ଦେବାକୁ କଳ୍ପନା ରାଜି ନହେବାରୁ ସୁବାଶିଷ ତାଙ୍କ କାମ କରିନଥିଲେ । ଫଳରେ ନିରାଶ ହୋଇ କଳ୍ପନା ଓ ତାଙ୍କ ସ୍ୱାମୀ ଏ ସମ୍ପର୍କରେ କଟକ ଭିଜିଲାନ୍ସ ବିଭାଗ ପାଖରେ ପହଂଚି ସହାୟତା ଲୋଡିଥିଲେ । ଯୋଜନା ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥ ବଡଚଣା ଗଣ୍ଡି ଛକ ନିକଟରେ କଳ୍ପନା ଓ ତାଙ୍କ ସ୍ୱାମୀ ଲାଞ୍ଚ ଟଙ୍କା ଦେବାକୁ ସୁବାଶିଷକୁ ଡାକିଥିଲେ । କିଛି ସମୟ ପରେ ସୁବାଶିଷ ଏକ ସ୍କୁଟିରେ ଆସି ସେଠାରେ ପହଞ୍ଚି ସେମାନଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ । ସେହି ସମୟରେ ପୂର୍ବରୁ ସେଠାରେ ଲୁଚିରହିଥିବା ଭିଜିଲାନ୍ସ ଟିମ ସୁବାଶିଷକୁ କାବୁକରି ନେଇଥିଲେ ।

# ସୂଚନା ଓ ଲୋକସଂପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସଂପର୍କ ବିଭାଗର ଅପରେସନ୍ ସୁପରଭାଇଜର୍ ପଞ୍ଚାନନ ସାହୁଙ୍କୁ ଆଜି ବିଭାଗର କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଲୋକସଂପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ ଶ୍ରୀ ସାହୁଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ନିମନ୍ତେ ପ୍ରଶଂସା କରିବା ସହ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ । ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ ଅବସର ନେଉଥିବା ଶ୍ରୀ ସାହୁଙ୍କ କର୍ତ୍ତବ୍ୟ ପରାୟଣତା ପାଇଁ ପ୍ରଶଂସା କରିଥିଲେ । ଅପରେସନ୍ ସୁପରଭାଇଜର୍ ଶ୍ରୀ ସାହୁ ନିଜର ଚାକିରି ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ଚାକିରି କାଳ ମଧ୍ୟରେ ପାଇଥିବା ବିଭିନ୍ନ ସାହାଯ୍ୟ ସହଯୋଗ ନିମନ୍ତେ ବିଭାଗର ସମସ୍ତ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସହକର୍ମୀମାନେ ଅବସର ନେଉଥିବା ଶ୍ରୀ ସାହୁଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ । ଅବସରକାଳୀନ ଜୀବନ ନିମନ୍ତେ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଅମାୟିକ ବ୍ୟବହାର, ସହଯୋଗୀ ମନୋଭାବ ଓ ବନ୍ଧୁତାପୂର୍ଣ୍ଣ ବ୍ୟବହାର ନିମନ୍ତେ ପ୍ରଶଂସା କରିଥିଲେ । ଶେଷରେ



ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ସାହୁଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ । ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ, ବିତ୍ତ ପରାମର୍ଶଦାତା ଶ୍ରୀ ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ବିଦାୟକାଳୀନ ସଭାରେ ଉପସ୍ଥିତ ଥିଲେ ।

## ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ୩୯ ବର୍ଷ ଧରି ପ୍ରସ୍ତାବରେ ଅଟକିଛି

# ପୁରୀ ଜିଲ୍ଲାପାଳଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନହେବ ଜଣାଅ:ହାଇକୋର୍ଟ

କଟକ,(ସବ୍ୟୁ) : ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଦୀର୍ଘ ୩୯ ବର୍ଷ ଧରି ପ୍ରସ୍ତାବରେ ଅଟକିଛି । ଗତ ୬ମାସ ତଳେ ପୁରୀ ଜିଲ୍ଲାପାଳ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବେ ବୋଲି ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ହାଇକୋର୍ଟ ଆଜି କ୍ଷୁବ୍ଧ ହୋଇଛନ୍ତି । ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିନଥିବାରୁ ପୁରୀ ଜିଲ୍ଲାପାଳଙ୍କୁ ଅଦାଲତ ଅବମାନନା ସଂକ୍ରାନ୍ତ ନୋଟିସ୍ ଜାରି କରାଯାଇଛି । କ'ଣ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେନେଇ ଜବାବ ରଖିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏକ ସଂସ୍ଥା ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ଫେବ୍ରୁଆରୀ ୧୨କୁ ଧାର୍ଯ୍ୟ ହୋଇଛି ।

୧୯୮୭ ମସିହାରେ ବାଲୁଖଣ୍ଡ ପ୍ରସ୍ତାବିତ ଅଭୟାରଣ୍ୟ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା । ନିୟମ ଅନୁଯାୟୀ ପ୍ରସ୍ତାବିତ ବିଜ୍ଞପ୍ତିର ଦୁଇ ବର୍ଷ ମଧ୍ୟରେ ଚୂଡ଼ାନ୍ତ ଅଭୟାରଣ୍ୟ ଘୋଷଣା କରାଯିବା କଥା । କିନ୍ତୁ ୩୯ ବର୍ଷ ପରେ ମଧ୍ୟ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଫଳରେ ଏହି ଅଞ୍ଚଳ ମଧ୍ୟରେ ଆସୁଥିବା ଅଧିବାସୀଙ୍କ ପାଇଁ ବଡ଼ ସମସ୍ୟା ଦେଖାଦେଇଛି । ସେମାନଙ୍କର ଜମିକୁ ନା ରାଜ୍ୟ ସରକାର ଅଧିଗ୍ରହଣ କରୁଛନ୍ତି ନା ନିଜ ଜମିରେ ସେମାନେ କୌଣସି ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରିପାରୁଛନ୍ତି । ଏନେଇ ପୂର୍ବରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ୨୦୨୩ ମେ'ରେ ରାୟ ପ୍ରକାଶ କରି ୨୦୨୪ ଡିସେମ୍ବର ସୁଦ୍ଧା ଅଭୟାରଣ୍ୟ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କିନ୍ତୁ ଏହି ଧାର୍ଯ୍ୟ ସମୟ ପରେ ମଧ୍ୟ ପୁରୀ ଜିଲ୍ଲାପାଳ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଆବେଦନକାରୀ ସଂସ୍ଥା ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ହାଇକୋର୍ଟରେ ୨୦୨୫ ଅଗଷ୍ଟରେ ପୁରୀ ଜିଲ୍ଲାପାଳ ଜବାବ ରଖି ନିସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ଅଦାଲତଙ୍କ ଠାରୁ ତିନିମାସ ସମୟ ଲୋଡ଼ିଥିଲେ । ତିନିମାସ ମଧ୍ୟରେ ଅଭୟାରଣ୍ୟ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଇତି ମଧ୍ୟରେ ୬ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ଆବେଦନକାରୀ ସଂସ୍ଥା ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି ।

## ଏକାମ୍ର ବାଟିକାର ତୃତୀୟ ବାର୍ଷିକ ଉତ୍ସବ

# ଶିଶୁ, ବିକାଶ ଏବଂ ଉଦ୍ଦେଶ୍ୟମୂଳକ ଶିକ୍ଷାର ଏହା ଏକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ଏକ ଅଗ୍ରଣୀ ପ୍ରାରମ୍ଭିକ ଶୈଶବ ଶିକ୍ଷା ପ୍ରତିଷ୍ଠାନ, ଏକାମ୍ର ଭାଟିକା, "ପ୍ରଗତି" ଥିମ୍ ସହିତ ଏହାର ତୃତୀୟ ବାର୍ଷିକ ଦିବସ ପାଳନ କରିଛି କ୍ଷ ଏକ ଶବ୍ଦ ଯାହା ପିଲାମାନଙ୍କୁ ଆନନ୍ଦଦାୟକ, ପ୍ରତିପାଳିତ ଏବଂ ଶୈଶବ ପ୍ରତି ଗଭୀର ସମ୍ମାନଜନକ ପରିବେଶରେ ବୃଦ୍ଧି ପାଇବା, ପ୍ରସ୍ଫୁଟିତ ହେବା ଏବଂ ବଢ଼ିବାରେ ସାହାଯ୍ୟ କରିବାର ବିଦ୍ୟାଳୟର ଦର୍ଶନକୁ ଆକର୍ଷିତ କରେ । ମୁଖ୍ୟ ଅତିଥି ଭାବେ ସମ୍ବାଦ,କନକ ନ୍ୟୁଜର ସମ୍ପାଦିକା ଶ୍ରୀମତୀ ତନୟା ପଟ୍ଟନାୟକ ଯୋଗ ଦେଇଥିଲେ କ୍ଷ ଜଣେ ଯୁବ କର୍ମଜୀବୀ ମା ଭାବରେ ସେ ନିଜେ ପିତାମାତା ସହିତ ବୃତ୍ତିଗତ ଜୀବନକୁ ସନ୍ତୁଳିତ କରିବା ବିଷୟରେ କହିଥିଲେ, ଏବଂ ପିଲାର ଭାବପ୍ରବଣ, ସାମାଜିକ ଏବଂ ଜ୍ଞାନାତ୍ମକ ବିକାଶକୁ ସମର୍ଥନ କରୁଥିବା ଏକ ଶିକ୍ଷାଗତ ପରିବେଶ ବାଛିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ଏଆଇ ଲର୍ଣ୍ଣିଂ ସେଣ୍ଟର ଉଦ୍‌ଘାଟନ

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜ ପରିସରରେ ରେଡ଼ିଂଟନ ଗ୍ରୁପ୍ ଦ୍ୱାରା ଏକ କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପ, ରେଡ଼ିଂଟନ ଫାଉଣ୍ଡେସନ ଦ୍ୱାରା ଏକ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତା ଶିକ୍ଷା କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ରେଡ଼ିଂଟନ ଫାଉଣ୍ଡେସନର ବରିଷ୍ଠ ନେତୃତ୍ୱ ଗ୍ଲୋବାଲ ଚିଫ୍ ସଷ୍ଟେନେବିଲିଟି




ଅଫିସର ଭେଙ୍କଟେଶ ରାଜେଶ୍ୱରନ, ସିଏସ୍ଆର୍ ମୁଖ୍ୟ ମୟୁର ପଟନାଲା, ପ୍ରକଳ୍ପ ମୁଖ୍ୟ ହେମନ୍ତ ଲୋହିଆ, ଗିଫଟର ଅଧ୍ୟକ୍ଷ ଡଃ. ତ୍ରିଲୋଚନ ସାହୁ ଏବଂ ମୁଖ୍ୟ ଅତିଥି ଭାବେ ଗିଫଟ୍‌ର ନିର୍ଦ୍ଦେଶକ ଡଃ. ପତିତପାବନ ପଣ୍ଡା ସମେତ ନିର୍ମାଣ ସଙ୍ଗଠନର ବରିଷ୍ଠ ନେତୃତ୍ୱ ଦଳ ଉପସ୍ଥିତ ଥିଲେ । ମାଇକ୍ରୋସଫଟ ଏବଂ ହାଇଦ୍ରାବାଦ ସ୍ଥିତ ନିର୍ମାଣ ସଙ୍ଗଠନର ସହଯୋଗରେ ଆରମ୍ଭ ହୋଇଥିବା ଏହି ଐତିହାସିକ ପ୍ରକଳ୍ପଟି ଟାୟାର ୨ ଏବଂ ଟାୟାର ୩ ସହର ଗୁଡ଼ିକରେ ଯୁବପିଢ଼ୀ ଏବଂ ଉଦ୍ୟୋଗୀମାନଙ୍କୁ ଉନ୍ନତ ପ୍ରଯୁକ୍ତି ବିଦ୍ୟାର ସୁବିଧା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଏ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଡଃ ସୌମେନ୍ଦ୍ର ପ୍ରସାଦ ରାଉତ ଦକ୍ଷତାର ସହ ପରିଚାଳନା କରିଥିଲେ ।

# ଯୁବ ସ୍ତମ୍ଭକାର ଇଂ.ଗିରିଜା ଶଙ୍କର ପତି ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ସାମାଜିକ ସଂଗଠନ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ(ଓଆରଏସ) କିଶନନଗର ଥାନା ଉପକଣ୍ଠ ସିର୍ଲୋ ଶାଖା ତରଫରୁ ସଂଘ ବରେଣ୍ୟ ସଭାପତି ବିଶିଷ୍ଟ ଗବେଷକ,ଯୁବ ସଙ୍ଗଠକ ତଥା ସ୍ତମ୍ଭକାର ଇଂ.ଗିରିଜା ଶଙ୍କର ପତିଙ୍କୁ ସମ୍ବର୍ଧନା ପ୍ରଦାନ କରାଯାଇଛି । ଏହି ସ୍ୱାଗତ ସମ୍ବର୍ଧନା ସଭାରେ ସଂଘ କାର୍ଯ୍ୟକର୍ତ୍ତା କୃଷକ ନେତା ଦେବୀ ପ୍ରସାଦ ପତି,ମନୋଜ ଦାସ,ତପନ ନାୟକ,ବୈଷ୍ଣମ ଗାୟା, ଦିବାକର ଭୋଇ,ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ୨ୟ ସମାବର୍ତ୍ତନ ଉତ୍ସବ

# ବିକଶିତ ଓଡିଶା ସ୍ୱପ୍ନ ସାକାର ଲାଗି ଛାତ୍ରଛାତ୍ରୀ ପ୍ରତିଭାର ବିନିଯୋଗ କରନ୍ତୁ : ରାଜ୍ୟପାଳ

କଟକ, (ସ୍ୱ.ପ୍ର): ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସ, ଦକ୍ଷତା, ଓ ଚରିତ୍ରବତ୍ତା ସହ ଆଗକୁ ବଢିବା ଏବଂ ବିକଶିତ ଓଡିଶା ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ନିଜର ପ୍ରତିଭାକୁ ବିନିଯୋଗ କରିବା ସହିତ ସତ୍ୟତା ଓ ସେବା ମାଧ୍ୟମରେ ରାଜ୍ୟ ତଥା ଦେଶକୁ ସଶକ୍ତ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଛନ୍ତି । ଶନିବାର କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ପୌରହିତ୍ୟ କରି ରାଜ୍ୟପାଳ କହିଲେ ଡିଗ୍ରୀ ହାସଲ ଶିକ୍ଷାର ପରିସମାପ୍ତି ନୁହେଁ, ଶିକ୍ଷା ହେଉଛି ଏକ ଅନ୍ତହୀନ ଯାତ୍ରା । ମୁଖ୍ୟଅତିଥି ଭାରତର ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ ଓଡିଶା : ଗତକାଲି, ଆଜି ଏବଂ ଆଗାମୀକାଲି ପ୍ରସଙ୍ଗରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ଏକ ଶତାବ୍ଦୀ ପୂର୍ବ ଓଡିଶାର ଦୁସ୍ଥିତିର ଚିତ୍ର ଉପସ୍ଥାପନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଡ୍ରିମ୍ସର ସଫଳତା




ସଂପର୍କରେ ବିବରଣୀ ପ୍ରଦାନ କରିଥିଲାବେଳେ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ସ୍ୱାଗତ ସୂଚନା ଓ ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଓ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା । ଏଥି ସହିତ ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ୧୮ଜଣ କୃତୀ ବିଦ୍ୟାର୍ଥୀ ସ୍ୱର୍ଣ୍ଣପଦକ ଓ ୬୯୮ ଜଣଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମାବର୍ତ୍ତନ ଉତ୍ସବକୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ଣ୍ଣର ସଦସ୍ୟ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଧ୍ୟାପିକା ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମାବର୍ତ୍ତନ ସମାରୋହର ଆବାହକ ଡ. ବିଶ୍ୱରଂଜନ ମହାନ୍ତି, ଡେପୁଟୀ ରେଜିଷ୍ଟ୍ରାର ଇଂ. ଶିଶିର କୁମାର ସାହୁ, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଅରିନ୍ଦମ ରାୟ, ବିସି ମହାନ୍ତି, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଏସପି ଭିନୀତ୍ ଅଗ୍ରୱାଲଙ୍କ ସମେତ ବରିଷ୍ଠ ସରକାରୀ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଉପସ୍ଥିତ ଥିଲେ ।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ବଣଭୋଜି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ବଣଭୋଜି ଚନ୍ଦକା ଗୋଡ଼ିବାରି ବନଦୁର୍ଗୀ ଠାକୁରାଣୀଙ୍କ ନିକଟରେ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅବସରପ୍ରାପ୍ତ ପୋଲିସ ସଂଘ କଟକର ସଭାପତି ଭକ୍ତବଲ୍ଲଭ ଗଟୁ ଦାସଙ୍କ ଧର୍ମପତ୍ନୀ ସ୍ୱର୍ଗତ ଚିନ୍ମୟୀ ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମମତା ରାୟ, ସ୍ୱର୍ଣ୍ଣଲତା ପ୍ରଧାନ, ମନୋରମା ପଣ୍ଡା, ପୁଷ୍ପା ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାସ, ଦେବୀଦତ୍ତ ବିଶ୍ୱ ଜୀବନ ମିଶ୍ର, ସୁଖେନ୍ଦୁ ଦାସ, ଦୋଳଗୋବିନ୍ଦ ପରିଡ଼ା, ବାମନ ଚରଣ ପଣ୍ଡା, ଆଜାଦ ହିନ୍ଦ ପ୍ରାଣିଗ୍ରାହୀ, ଧୀରେନ ବାରିକ, ପ୍ରଦୀପ କୁମାର ପଟ୍ଟନାୟକ,




ନୀଳ ମୋହନ ତ୍ରିପାଠୀ, ସୁବାସ ଚନ୍ଦ୍ର ମହାପାତ୍ର ସଙ୍ଗୀତ ଓ ବ୍ୟଙ୍ଗ ପରିବେଷଣ କରି ମନୋରଞ୍ଜନ କରିଥିଲେ। ୱାଲେଟ୍ ଫର୍ ୱେଲଥର ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ତାଙ୍କ ସହଧର୍ମିଣୀ ପ୍ରାଚୀ ଲେଙ୍କାଙ୍କ ସହ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ସ୍ୱାଗତ କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର ଓ ସୁଖେନ୍ଦୁ ଦାସ। ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ବିମଳ କୁମାର ମହାନ୍ତି, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ବୀଣାପାଣି ମିଶ୍ର, ଉର୍ବାସିନୀ ତ୍ରିପାଠୀ, କନକଲତା ବିଶୋଇ, ମାନସବାଳା ସାମଲ, ଜୟଶ୍ରୀ ମହାପାତ୍ର, ରଶ୍ମି ଜେନା, ପ୍ରମିଳା ପଣ୍ଡା, ଶାନ୍ତିଲତା ବେହେରା, ସତ୍ୟଭାମା ମହାନ୍ତି ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବାଇକ୍ ଲୁଟେରାକୁ ୧୦ ବର୍ଷ ଜେଲ

ଭୁବନେଶ୍ୱର, (ସବ୍ୟୁ) : ଜଣେ ବାଇକ ଲୁଟେରାକୁ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ରାୟରେ କୋର୍ଟ କହିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି । ୨୦୨୫ ମସିହା ମେ' ମାସରେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଓଲ୍ଡଟାଉନ ହାଟ ସାହି ବନଦୁର୍ଗା ଗଳିରେ ଘଟିଥିବା ଏକ ମୋଟରସାଇକେଲ ଚୋରି ମାମଲାର ବିଚାର କରି ଆସାମୀ ଦୀପକ କୁମାର ସାହୁ ଓରଫ ଦିପୁକୁ ଦୋଷୀ ସାବ୍ୟସ୍ତ କୋର୍ଟ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଅଦାଲତ ପ୍ରଥମ ଥର ପାଇଁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୧ ଅନୁଯାୟୀ ସଂଗଠିତ ଅପରାଧ ପାଇଁ ଆସାମୀକୁ ୧୦ବର୍ଷ ଜେଲ୍ ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ।

# ଟେଜିଲା ବିଡିଓଙ୍କ ବଦଳି ଦାବି

ଖୋର୍ଦ୍ଧା, (ସବ୍ୟୁ): ବୋଲଗଡ ବିଡିଓ ସୁମନ ସୁଧା କୁଣ୍ଡୁ ଙ୍କ ମନମୁଖୀ କାଯ୍ୟ, ଜନ ପ୍ରତିନିଧିଙ୍କୁ ଅଣଦେଖା, ସାଧାରଣ ତନ୍ତ୍ର ଦିବସ ଉତ୍ସବରେ ଅନୁପସ୍ଥିତି, ଅର୍ଥ ଆତ୍ମସାତ ଅଭିଯୋଗ ଆଣି ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ସରପଂଚ, ସମିତି ସଭ୍ୟ ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ୧୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ୭ଦିନ ମଧ୍ୟରେ ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଗଲେ, ଆସନ୍ତା ୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାରେ ଆନ୍ଦୋଳନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି ।


ଦାବିଗୁଡିକ ମଧ୍ୟରେ ଜାନୁଆରୀ ୨୬ ତାରିଖ ସାରା ଦେଶ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ବୋଲଗଡ ବିଡିଓ ବ୍ଲକସ୍ତରୀୟ ଉତ୍ସବ ପାଇଁ ଜନପ୍ରତିନିଧି, ବିଧାୟକଙ୍କୁ ନିମନ୍ତ୍ରଣ କରି ଅନୁପସ୍ଥିତ ରହିବା ସହ ଦୀର୍ଘ ଦିନ ଚାଲି ଆସୁଥିବା ପିଲାଙ୍କ ସମ୍ମିଳିତ ପରେଡକୁ ବନ୍ଦ କରିଦେଲେ । ଫଳରେ ଦୀର୍ଘ ଦିନର ପରମ୍ପରା ଭଙ୍ଗହେବା ଦେଶର ସମ୍ବିଧାନ ଦିବସକୁ ଅପମାନିତ, ଅସମ୍ମାନ କରିଛନ୍ତି । ବିଡିଓ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁନଥିବା ବେଳେ ଅନେକ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ହେଡକ୍ୱାଟରେ ରହିବା ପରିବର୍ତ୍ତେ ସେ ରାଜଧାନୀରେ ରହୁଛନ୍ତି । ପଂଚାୟତ ସମିତିର ବିନା ଅନୁମୋଦନରେ ଆରଡବ୍ଲ୍ୟୁଏସ୍ଏସ୍‌ର ଯନ୍ତ୍ରପାତି କୁ ୨ଥର କିଣି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ବିକ୍ରି କରି ମୋଟା ଅଙ୍କର ଅର୍ଥରାଶି କମାଇଛନ୍ତି, ଏହା ତଦନ୍ତ ସାପେକ୍ଷ । ଏ ସଂକ୍ରାନ୍ତିୟ ଡକ୍ୟୁମେଂଟ ଷ୍ଟୋର ଇସ୍ୟୁ ଏବଂ ରେଜିଷ୍ଟାର କରାନଯାଇ ଏକ ଠିକା କର୍ମଚାରୀଙ୍କ ମାଧ୍ୟମରେ କରାଯାଉଛି, ଏହା ଆଇନ ବିରୁଦ୍ଧ ବୋଲି ଦର୍ଶାଯାଇଛି । ବ୍ଲକ ର ବିଭିନ୍ନ ଆସବାବପତ୍ର, ଅନ୍ୟାନ୍ୟ ଓ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଗୁଡିକ ମରାମତି କରାନଯାଇ ମନଇଚ୍ଛା କ୍ରୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେଉଛି ।

# ଜୟନ୍ତ ଦାସଙ୍କୁ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ବାସେଳୀ ସାହି ଥାନାରେ ଧାରଣା

ପୁରୀ, (ସବ୍ୟୁ): ସହରର ଜଣେ ବରିଷ୍ଠ ସାମ୍ବାଦିକଙ୍କ ମୋବାଇଲ ଫୋନକୁ ସମ୍ମାନ ହାନି ସୂଚକ ମେସେଜ ପଠେଇବା ଏବଂ ଧର୍ମକୁ ଆଘାତ କରିବା ଅଭିଯୋଗରେ ଜୟନ୍ତ କୁମାର ଦାସଙ୍କ ବିରୋଧରେ ବାସେଳୀ ସାହି ଥାନାରେ ଏତଲା ଦାଏର ହୋଇଛି । ଏହି ଅଭିଯୋଗ କରିଛନ୍ତି ପୁରୀର ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ଥାନାରେ କରି ଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ଗତ କାଲି ଶୁକ୍ରବାର ଅପରାହ୍ନରେ ସେ ଘରେ ଥିବା ବେଳେ ସହରର ଜୟନ୍ତ ନାମରେ ଜଣା ଶୁଣା ସାଇବର ଅପରାଧି ତାଙ୍କ ମୋବାଇଲ ଫୋନକୁ କେତେକ ସମ୍ମାନ ହାନି ସୂଚକ ଓ ଧର୍ମକୁ ଆଘାତ ଦେଲା ଭଳି ମେସେଜ ପଠେଇ ଥିଲା । ଏନେଇ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ତତ୍‌କ୍ଷଣାତ୍ ବାସେଳୀ ସାହି ଥାନାରେ ଲିଖିତ ଅଭିଯୋଗ କରି ଥିଲେ । ହେଲେ ପୋଲିସ ମାମଲା ରୁଜୁ କରିବା ପରିବର୍ତ୍ତେ ନାମକୁ ମାତ୍ର ଏକ ଜେନେରାଲ ଡାଏରୀ ଏଣ୍ଟ୍ରି କରି ଥିଲା । ମାମଲା ରୁଜୁ କରିବାରେ ପୁଲିସ ନିଷ୍କ୍ରିୟତା ଜୟନ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରି ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଥାନାରେ ଧାରଣା ଦେଇ ଥିଲେ । ଖବର ପାଇ ସାମ୍ବାଦିକ ସୈଳେନ୍ଦ୍ର କୁମାର ଆଚାର୍ଯ୍ୟ, ଜଗନ୍ନାଥ ରାଓ, ପ୍ରଦୀପ କୁମାର ନାୟକ, ଧିରେନ ମିଶ୍ର, ସାମ୍ବାଦିକା ଲିନୁ ନାଏକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଥାନାରେ ପହଞ୍ଚି ଥିଲେ । ପରେ ଆଇଆଇସି ଅଭିନାଶ ରାଉତ ଧାରଣା ସ୍ଥଳକୁ ଆସି ଆଲୋଚନା କରି ଥିଲେ ଏବଂ ଅଭିଯୁକ୍ତ ଜୟନ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ । ଫଳରେ ଶ୍ରୀ ପଟ୍ଟନାୟକ ଧାରଣାରୁ ଓହରି ଥିଲେ ।

# ପ୍ୟାରିସ୍ କୋଟୁର ସପ୍ତାହରେ ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ଉତ୍କୃଷ୍ଟ ଡିଜାଇନ୍ ପ୍ରଦର୍ଶନ

ଭୁବନେଶ୍ୱର (ସବ୍ୟୁ): ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ ପ୍ରଥମ ଥର ପାଇଁ ପ୍ୟାରିସ୍ କୋଟୁର ସପ୍ତାହରେ ପ୍ରସିଦ୍ଧ ଡିଜାଇନର୍ ଗୌରବ ଗୁପ୍ତାଙ୍କ ସହ ଆନୁଷ୍ଠାନିକ ଅଳଙ୍କାର ଅଂଶୀଦାର ଭାବରେ ଏହାର କଲେକ୍ସନ ପ୍ରଦର୍ଶନ କରିଛି । ସୂକ୍ଷ୍ମ କାରିଗରୀ ଏବଂ ଡିଜାଇନ୍ ଶ୍ରେଷ୍ଠତା ଉପରେ ଧ୍ୟାନ ଦେବା ପାଇଁ ଜଣାଶୁଣା, ଇନ୍ଦ୍ରିୟା ଏହି ସହଭାଗୀତା ସହିତ ଭାରତୀୟ ଅଳଙ୍କାରର କଳାକୃତିକୁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ୍ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏକୁ ନେଇଯାଏ । ଏହି ସିଜନରେ, ଗୌରବ ଗୁପ୍ତାଙ୍କ କୋଟୁର ଦ୍ୱୈତତାର ଧାରଣାରୁ ପ୍ରେରଣା ଆଣିଛି, ଉପାଦାନଗୁଡ଼ିକ ଯାହା ସହଭାଗୀ ହୋଇ ପରସ୍ପରକୁ ପୂର୍ଣ୍ଣ କରେ, ଅର୍ଦ୍ଧନାରୀଶ୍ୱରରେ ମୂଳ, ପୁରୁଷ ଏବଂ ନାରୀର ଦିବ୍ୟ ମିଳନ । ସଂଗ୍ରହ ଏପରି ବିପରୀତତା ଗୁଡ଼ିକୁ ଅନୁସନ୍ଧାନ କରେ ଯାହା ସୃଷ୍ଟିକୁ ଆକାର ଦିଏ, ଯେପରିକି ଗଠନ ଏବଂ ତରଳତା, ରୂପ ଏବଂ ଆକାରହୀନତା, ଶକ୍ତି ଏବଂ ଅନୁଗ୍ରହ । ଭାରତର ସମୃଦ୍ଧ ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ଐତିହ୍ୟରେ ଆବଦ୍ଧ, ଇନ୍ଦ୍ରିୟାର ଡିଜାଇନ୍ ଗୌରବ ଗୁପ୍ତାଙ୍କ




ମୂର୍ତ୍ତିକଳା ପୋଷାକ ଶବ୍ଦାବଳୀ, ସଠିକ୍, ଆଲୋକମୟ ଏବଂ ମୂର୍ତ୍ତିକଳା ଜାରି ରଖିଛି ।

# ଆରବ ବୈଦେଶିକ ପ୍ରତିନିଧି ଦଳକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱିତୀୟ ଭାରତ-ଆରବ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପାଇଁ ଭାରତ ଆସିଥିବା ଆରବ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ, ଆରବ ରାଷ୍ଟ୍ରଗୁଡ଼ିକର ମହାସଂଘର ମହାସଚିବ ଏବଂ ଆରବ ପ୍ରତିନିଧିମଣ୍ଡଳର ମୁଖ୍ୟମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଭାରତ ଏବଂ ଆରବ ଲୋକମାନଙ୍କ ମଧ୍ୟରେ ଥିବା ଗଭୀର ଏବଂ ଐତିହାସିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ, ଯାହା ବିଗତ ବର୍ଷଗୁଡ଼ିକରେ ଆମ ସମ୍ପର୍କକୁ ପ୍ରେରଣା ଏବଂ ସୁଦୃଢ଼ କରିଚାଲିଛି। ପ୍ରଧାନମନ୍ତ୍ରୀ ଆଗାମୀ ବର୍ଷଗୁଡ଼ିକରେ ଭାରତ-ଆରବ ଭାଗିଦାରୀ ପାଇଁ ନିଜର ଦୃଷ୍ଟିକୋଣକୁ ରେଖାଙ୍କିତ କରିଥିଲେ ଏବଂ ଆମ ଲୋକମାନଙ୍କ ପାରସ୍ପରିକ ଲାଭ ପାଇଁ ବାଣିଜ୍ୟ ଓ ନିବେଶ, ଶକ୍ତି, ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ପାଲେଷ୍ଟାଇନ ଲୋକମାନଙ୍କ ପ୍ରତି ଭାରତର ନିରନ୍ତର ସମର୍ଥନକୁ ଦୋହରାଇ ଗାଜା ଶାନ୍ତି ଯୋଜନା ସମେତ ଚାଲିଥିବା ଶାନ୍ତି ପ୍ରୟାସକୁ ସ୍ୱାଗତ କରିଥିଲେ। ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ଦିଗରେ ପ୍ରୟାସକୁ ସମର୍ଥନ କରିବାରେ ଆରବ ଲିଗ୍ ଦ୍ୱାରା ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସେ ପ୍ରଶଂସା କରିଥିଲେ।

# ରୁଷ-ୟୁକ୍ରେନ ଯୁଦ୍ଧ ଦିନକ ପାଇଁ ବନ୍ଦ

**ମସ୍କୋ:** ୧୪୭୩ ଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ଲାଗିଛି ସାମରିକ ବ୍ରେକ। ଆସନ୍ତା ରବିବାର ଯାଏ ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିବେ ନାହିଁ ବୋଲି ଗୁରୁବାର ଠାରୁ ରାଜି ହୋଇଛନ୍ତି। ସେହିପରି ଦୁଇ ଦେଶ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧର ସ୍ଥାୟୀ ସାମଧାନ ଉପରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ଅବୁଧାବିରେ ଦୁଇ ଦେଶ ଆଲୋଚନା ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କ ରୁଷ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ ସପ୍ତାହେ ଧରି ୟୁକ୍ରେନର କୌଣସି ବଡ଼ ସହର ଉପରେ ଆକ୍ରମଣ ନ କରିବାକୁ ରାଜି ହୋଇଛନ୍ତି। ଏହା ମଧ୍ୟରେ ରାଜଧାନୀ କିଭ ମଧ୍ୟ ରହିଛି। କିଭ ବର୍ତ୍ତମାନ ତୁଷାର ପାତର ସମ୍ମୁଖୀନ ହେଉଥିବା ବେଳେ ଏପରି ଖବର ସମସ୍ତଙ୍କୁ ଆଶ୍ୱସ୍ତ କରିଛି। ଟ୍ରମ୍ପଙ୍କ ଏହି ଦାବିକୁ ରୁଷ ପକ୍ଷରୁ ଆଂଶିକ ଭାବେ ସ୍ୱୀକାର କରାଯାଇଛି।




କ୍ରେମଲିନ ମୁଖପାତ୍ର ଡିମିତ୍ରୀ ପେସ୍କୋଭ ଶୁକ୍ରବାର କହିଛନ୍ତି ଯେ ଟ୍ରମ୍ପଙ୍କ ଗୋଟିଏ ବ୍ୟକ୍ତିଗତ ଅନୁରୋଧକ୍ରମେ ରବିବାର ଯାଏ କିଭରେ ଆକ୍ରମଣ ବନ୍ଦ କରିବାକୁ ମସ୍କୋ ରାଜି ହୋଇଛି। ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧ ବୁଝାମଣା ପାଇଁ ଗୋଟିଏ ସକାରାତ୍ମକ ପରିବେଶ ସୃଷ୍ଟି କରିଥିବା ପେସ୍କୋଭ କହିଛନ୍ତି। ତେବେ ପୁଟିନଙ୍କ ସହ ଟ୍ରମ୍ପ କ'ଣ ସବୁ ଆଲୋଚନା କରିଛନ୍ତି, ସେକଥା ସାର୍ବଜନୀନ ହୋଇନି। ସେହିପରି ଶୁକ୍ରବାର ଠାରୁ କିଭରେ କୌଣସି ସହରରେ ଆକ୍ରମଣ ଦେଖିବାକୁ ମିଳିନି। ପେସ୍କୋଭ ଆକ୍ରମଣ ବନ୍ଦ ହୋଇଥିବା ସୂଚନା ଦେଇଥିଲେ ହେଁ ଏହା କେବଳ କିଭ ପାଇଁ ନା ୟୁକ୍ରେନର ସବୁ ସହର ପାଇଁ ଲାଗୁ ହୋଇଛି, ସେକଥା ସ୍ପଷ୍ଟ କରି ନାହାନ୍ତି। ସେହିପରି ସମସ୍ତ ପ୍ରକାରର ଷ୍ଟ୍ରାଇକ ନା କେବଳ ଶକ୍ତି ଭିତ୍ତିଭୂମି ଉପରେ ରୁଷ କରୁଥିବା ଷ୍ଟ୍ରାଇକକୁ ରବିବାର ଯାଏ ବନ୍ଦ କରିଛି, ସେକଥା ବି ପେସ୍କୋଭ କହି ନାହାନ୍ତି। ଗୁରୁବାର କ୍ୟାବିନେଟ ମିଟିଂ ବେଳେ ଟ୍ରମ୍ପ କହିଥିଲେ ଯେ ସେ ବ୍ୟକ୍ତିଗତ ଭାବେ ରାଷ୍ଟ୍ରପତି ପୁଟିନଙ୍କୁ ସପ୍ତାହେ ଧରି କିଭ କିମ୍ବା କୌଣସି ସହର ଉପରେ ଆକ୍ରମଣ ନ କରିବାକୁ ଅନୁରୋଧ କରିଥିଲେ। ୟୁକ୍ରେନ ପ୍ରବଳ ଥଣ୍ଡାର ସମ୍ମୁଖୀନ ହେଉଥିବାରୁ ପୁଟିନ ମଧ୍ୟ ଆକ୍ରମଣ ନ କରିବା କଥାରେ ରାଜି ହୋଇଥିଲେ ବୋଲି ଟ୍ରମ୍ପ ସୂଚନା ଦେଇଥିଲେ। ଯୁଦ୍ଧ ବିରତି ଖବର ସାମ୍ନାକୁ ଆସିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ତାଙ୍କ ଆମେରିକା ପ୍ରତିପକ୍ଷ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅତ୍ୟନ୍ତ ଥଣ୍ଡା ମଧ୍ୟରେ ଅସ୍ଥାୟୀ ଯୁଦ୍ଧ ବିରତି ନିଶ୍ଚିତ ଭାବେ ୟୁକ୍ରେନର ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମିର ସୁରକ୍ଷାରେ ସହାୟତା କରିବ ବୋଲି ମଧ୍ୟ ଜେଲେନସ୍କି କହିଛନ୍ତି।

# ସାଧାରଣ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର "ଜମି ବ୍ୟବହାର ବର୍ଗ' ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ସର୍ଭେ ୨୦୨୫-୨୬ରେ "ଗ୍ରାମ୍ୟ ସାଧାରଣ ସମ୍ପତ୍ତି' (ଯଥା ଗୋଚର ଏବଂ ଜଳାଶୟ) ରପୁନରୁଦ୍ଧାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗ୍ରାମାଞ୍ଚଳର ସ୍ଥାୟୀ ବିକାଶ ପାଇଁ ଏହାକୁ ଏକ ମୂଳଦୁଆ ଭାବରେ ଅଭିହିତ କରାଯାଇଛି । କେନ୍ଦ୍ର ବଜେଟ୍ ପୂର୍ବରୁ ପ୍ରକାଶିତ ଏହି ସର୍ଭେରେ, ସଠିକ ସମର୍ଥନ କରେ । ଏହି ସମ୍ପତ୍ତିଗୁଡିକ ଖାଦ୍ୟ, ଗୋଖାଦ୍ୟ, ଜାଳେଣି, ଜଳ, ଆୟ,ମୃତ୍ତିକା ସୁରକ୍ଷା, ଅଙ୍ଗାରକ ବାଷ୍ପ ଶୋଷଣ, ଜଳ ବିଶୋଧନ ଏବଂ ବନ୍ୟା ନିୟନ୍ତ୍ରଣ ଭଳି ୩୪ଟି ପରିବେଶ ସେବା ଯୋଗାଇଥାଏ ।ସର୍ଭେରେ ଏହାର ବାର୍ଷିକ ଆର୍ଥିକ ମୂଲ୍ୟ ୯.୦୫ କୋଟି ଡଲାର ବୋଲି ଆକଳନ କରାଯାଇଛି, ଯଦିଓ ଏହାର ପ୍ରକୃତ ଅବଦାନକୁ ଯଥେଷ୍ଟକମ

## ଅର୍ଥନୈତିକ ସର୍ଭେ ରିପୋର୍ଟ

ଆକଳନ ଏବଂ ସୁରକ୍ଷା ପାଇଁ "ଗ୍ରାମ୍ୟ ସାଧାରଣ ସମ୍ପତ୍ତି'କୁ ଏକସ୍ୱତନ୍ତ୍ର "ଜମି ବ୍ୟବହାର ବର୍ଗ' ଭାବରେ ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ ଦିଆଯାଇଛି । ସର୍ଭେ ଅନୁଯାୟୀ, ଭାରତର ପ୍ରାୟ ୧୫% ଭୌଗୋଳିକ କ୍ଷେତ୍ର ଗ୍ରାମ ସାଧାରଣ ଅଞ୍ଚଳକୁ ନେଇ ଗଠିତ । ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ୬.୬ କୋଟି ହେକଟର ସାଧାରଣ ଜମି ରହିଛି,ଯାହା ପ୍ରାୟ ୩୫ କୋଟି ଗ୍ରାମୀଣ ଲୋକଙ୍କ ଜୀବିକାକୁ ଆକଳନ କରାଯାଉଥିବା କୁହାଯାଇଛି ।ଏହାର ମୁକାବିଲା ପାଇଁ, ଜିଆଇଏସ୍ ଭିତିକ ଜ୍ଞାନକୌଶଳ ବ୍ୟବହାର ଏବଂ ସ୍ଥାନୀୟଅନୁଷ୍ଠାନଗୁଡିକୁ ସୁଦୃଢ଼ କରି ସରକାର ଓ ସମ୍ପ୍ରଦାୟ ମଧ୍ୟରେ ସହଭାଗିତା ବୃଦ୍ଧି କରିବାକୁ ସର୍ଭେରେ ପରାମର୍ଶ ଦିଆଯାଇଛି ।ଏହି ନୀତିଗତ ପରିବର୍ତ୍ତନ ସମ୍ପର୍କରେ ଅର୍ଥନୀତିଜ୍ଞ ତଥା ଏନଆରଏମ ବିଶେଷଜ୍ଞ ପ୍ରଭାସ ମିଶ୍ର କହିଛନ୍ତି, ଅର୍ଥନୈତିକ ସର୍ଭେରେ ଗ୍ରାମ୍ୟ ସାଧାରଣ ସମ୍ପତି ଉପରେ ଦିଆଯାଇଥିବା ଗୁରୁତ୍ୱ ଏକ ସମୟୋପଯୋଗୀ ପଦକ୍ଷେପ । ଏହା ସ୍ୱୀକାର କରୁଛି ଯେ ଭାରତର ଗ୍ରାମୀଣଅର୍ଥନୀତି ବ୍ୟକ୍ତିଗତ ଜମି ଭଳି ସାଧାରଣ ପ୍ରାକୃତିକ ସମ୍ପଦ ଉପରେ ମଧ୍ୟ ନିର୍ଭରଶୀଳ । ଗ୍ରାମ୍ୟ ସାଧାରଣ ସମ୍ପତି ଅଦରକାରୀ ଜମି




ନୁହେଁ ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ସମ୍ପଦ । ପଞ୍ଚାୟତଗୁଡିକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ବଜେଟ୍ ୨୦୨୬-୨୭ରେଏହି ସମ୍ପଦର ସୁବିନିଯୋଗ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ୍ । ଓ୍ୱାଟରଲୁ ବିଶ୍ୱବିଦ୍ୟାଳୟର ଡା. ଶିଶିର କେ ପ୍ରଧାନ କହିଛନ୍ତି,ଗ୍ରାମ୍ୟ ସାଧାରଣ ସମ୍ପତ୍ତିକୁ କେବଳ ସାମାଜିକ ଦୃଷ୍ଟିକୋଣରୁ ନୁହେଁ, ବରଂ ଅର୍ଥନୈତିକ ଓ ପରିବେଶ ଦୃଷ୍ଟିକୋଣରୁ ବିଚାର କରିବା ପାଇଁଏହା ଏକ ଉପଯୁକ୍ତ ସମୟ । ଏହି ସର୍ଭେ ଯୋଜନା ପ୍ରସ୍ତୁତିରେ ନୂତନ ଗୁରୁତ୍ୱ ଆଣିବ ଏବଂ ଗୋଷ୍ଠୀ ପରିଚାଳନାକୁଉତ୍ସାହିତ କରିବ । ଗବେଷକ ଏବଂ ଶିକ୍ଷାବିତ କାଞ୍ଚି କୋହଲି କହିଛନ୍ତିଯେ, ନୀତି ନିର୍ଦ୍ଧାରଣର ସର୍ବୋଚ୍ଚ ସ୍ତରରେ ଗ୍ରାମ୍ୟ ସାଧାରଣ ସମ୍ପତ୍ତିର ସ୍ୱୀକୃତି ଏକଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଫଳାଫଳ । ଯେହେତୁ ସରକାରୀ ରେକର୍ଡରେ ଏହାର ଅସ୍ତିତ୍ୱକୁ ଆନୁଷ୍ଠାନିକ ରୂପ ଦିଆଯାଉଛି, ସାଧାରଣ ସମ୍ପତି ସହଜଡିତ ସାମାଜିକ, ସାଂସ୍କୃତିକ ଏବଂ ପରିବେଶଗତ ଜଟିଳତାକୁ ଭବିଷ୍ୟତ ପାଇଁ ସୁରକ୍ଷିତ କରିବାର ଆବଶ୍ୟକତା ରହିଛି । ପୂର୍ବତନଆଇଏଏସ୍ ଅଧିକାରୀ ଅରବିନ୍ଦ ବେହେରା କହିଛନ୍ତିଯେ, ଜଙ୍ଗଲ ସାଧାରଣ ସମ୍ପତ୍ତିର ଉତ୍ତମ ସୁରକ୍ଷା ଏବଂ ପରିଚାଳନା ପାଇଁ ଗୋଷ୍ଠୀକୁ"ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାର' ପ୍ରଦାନ କରାଯିବା ଆବଶ୍ୟକ ।

## ପ୍ରଧାନମନ୍ତ୍ରୀ ଆଜି ପଞ୍ଜାବ ଯିବେ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଞ୍ଜାବ ଗସ୍ତ କରିବେ । ସନ୍ଥ ଗୁରୁ ରବିଦାସ ଜୀଙ୍କ ୬୪୯ ତମ ଜନ୍ମବାର୍ଷିକୀର ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।ପଞ୍ଜାବରେ ବିମାନ ଚଳାଚଳ ଭିତ୍ତିଭୂମିକୁ ଆହୁରି ଆଗକୁ ବଢାଇବା ସହିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହାଲଓ୍ୱାରା ବିମାନବନ୍ଦରରେ ଉଦଘାଟନ କରାଯାଇଥିବା ଟର୍ମିନାଲ ବିଲଡିଂ ରାଜ୍ୟ ପାଇଁ ଏକ ନୂତନ ପ୍ରବେଶପଥ ସ୍ଥାପନ କରିବ, ଯାହା ଲୁଧିଆନା ଏବଂ ଏହାର ଆଖପାଖ ଶିଳ୍ପ ଏବଂ କୃଷି ଭିତର ଅଞ୍ଚଳକୁ ସେବା ଯୋଗାଇବ ।ଲୁଧିଆନା ଜିଲ୍ଲାରେ ଅବସ୍ଥିତ, ହାଲଓ୍ୱାରା ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ବାୟୁସେନା ଷ୍ଟେସନ ମଧ୍ୟ ଅବସ୍ଥିତ ।

# ଇରାନର ବନ୍ଦର ଆବ୍ବାସରେ ଭୟଙ୍କର ବିସ୍ଫୋରଣ; ୪ ମୃତ

**ତେହେରାନ:** ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିବାବେଳେ ଆମେରିକାର ଯୁଦ୍ଧ ଜାହାଜ ତେହେରାନ ନିକଟରେ ପହଞ୍ଚି ଯାଇଛି। ଏପରି ସ୍ଥିତିରେ ଇରାନର ବନ୍ଦର ଆବ୍ବାସର ହୋର୍ମୋଜଗନ ପ୍ରଦେଶରେ ଶନିବାର ଘଟିଥିବା ବଡ଼ଧରଣର ବିସ୍ଫୋରଣକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ଦେଖାଯାଇଛି। ଏହି ବିସ୍ଫୋରଣରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବନ୍ଦର ଆବ୍ବାସର ଆଜାଦଗାନ ଜିଲ୍ଲାରେ ଏକ ୮ ମହଲା ବିଶିଷ୍ଟ ଆବାସିକ କୋଠାରେ ଗ୍ୟାସ ଲିକ୍ ଯୋଗୁଁ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଶବ୍ଦ ଏତେ ଭୟଙ୍କର ଥିଲା ଯେ ଲୋକଙ୍କ ଭିତରେ ଆତଙ୍କ ଖେଳିଯାଇଥିଲା। ସାମାଜିକ



ଗଣମାଧ୍ୟମରେ ଆମେରିକା ଆକ୍ରମଣ କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ସ୍ଥାନୀୟ ପ୍ରଶାସନ ଏହାକୁ ଏକ ଗ୍ୟାସ୍ ଲିକ୍ ଜନିତ ଦୁର୍ଘଟଣା କହିଛି। ଏଥିରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। କୋଠାର ଦୁଇ ମହଲା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ଧ୍ୱଂସାବଶେଷ ତଳେ ଅଧିକ ଲୋକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି।

# ଯୋଧପୁର ଏମ୍ସରେ ଭର୍ତ୍ତି ହେଲେ ୱାଙ୍ଗଚୁକ୍

**ଜୟପୁର:** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ କର୍ମୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍ଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଛି। ନ୍ୟାୟିକ ହେପାଜତରେ ଥିବା ସମୟରେ ୱାଙ୍ଗଚୁକ୍ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଶନିବାର ସକାଳ ପ୍ରାୟ ୬ଟା ୩୦ ମିନିଟରେ ୱାଙ୍ଗଚୁକ୍ଙ୍କୁ ପୁଲିସ ଯୋଧପୁର ସେଣ୍ଟ୍ରାଲ ଜେଲରୁ ଏମ୍ସର ଜରୁରୀକାଳୀନ ୱାର୍ଡ଼ରେ ଭର୍ତ୍ତି କରିଥିଲା। ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟାଧରି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନେ ନିରୀକ୍ଷଣରେ ରଖିଥିଲେ। ଏମ୍ସ ସୂଚନା ଅନୁଯାୟୀ ସୋନମ୍ଙ୍କର ପାକସ୍ଥଳୀ ଜନିତ ସମସ୍ୟା ରହିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେଉଥିବା ମଧ୍ୟ ସେ ଅଭିଯୋଗ କରୁଛନ୍ତି। ଦିନକ ପୂର୍ବରୁ ତାଙ୍କୁ ଏମ୍ସକୁ ପରୀକ୍ଷଣ ପାଇଁ ନିଆଯାଇଥିଲା। ପରେ କଡ଼ା ସୁରକ୍ଷା ମଧ୍ୟରେ ପୁଣି ଥରେ ଯୋଧପୁର ସେଣ୍ଟ୍ରାଲ ଜେଲ୍କୁ ପଠାଇ ଦିଆଯାଇଥିଲା। ସୋନମ୍ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ତାଙ୍କ ପତ୍ନୀ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଗୁରୁବାର ଜଷ୍ଟିସ ଅରବିନ୍ଦ କୁମାର ଓ ପିଭି ବରଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନ ଉପରେ ଶୁଣାଣି କରି ସରକାରୀ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ୱାଙ୍ଗଚୁକ୍ଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷା କରିଥିଲେ। ୱାଙ୍ଗଚୁକ୍ଙ୍କ ପକ୍ଷ ରଖି ବରିଷ୍ଠ ଓକିଲ କପିଲ ସିବଲ କୋର୍ଟଙ୍କୁ କହିଥିଲେ ଯେ, ୱାଙ୍ଗଚୁକ୍ଙ୍କୁ ଜେଲରେ ଦିଆଯାଉଥିବା ପାଣି ଯୋଗୁ ତାଙ୍କଠାରେ ପାକସ୍ଥଳୀ ସମସ୍ୟା ଦେଖାଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉନାହିଁ।ଆଚେର ଶାରିଆ ପୁଲିସ ମୁଖ୍ୟ ମହମ୍ମଦ ରିଜାଲ ଏହି ଦଣ୍ଡାଦେଶର ନିଶ୍ଚିତ କରିଛନ୍ତି।

# ପ୍ରେମୀଯୁଗଳଙ୍କୁ ଚାବୁକ୍ ମାଡ଼

**ଜାକର୍ତ୍ତା:** ଇଣ୍ଡୋନେସିଆର ଆଚେହ ପ୍ରଦେଶରେ ଜଣେ ଅବିବାହିତ ପୁରୁଷ ଓ ମହିଳାଙ୍କୁ ଶରିଆ ଆଇନ ଅନୁଯାୟୀ ୧୪୦ ଲେଖାଏଁ ଚାବୁକ୍ ମାଡ଼ ଦଣ୍ଡ ଦିଆଯାଇଛି। ସେମାନଙ୍କ ଉପରେ ବିବାହ ପୂର୍ବରୁ ଯୌନ ସମ୍ପର୍କ ରଖିବା ଓ ମଦ୍ୟପାନ କରିବାର ଅଭିଯୋଗ ଥିଲା। ଯାହାକୁ ଆଚେର ଇସଲାମିକ ଶରିଆ ଆଇନ ଅନୁଯାୟୀ ଗମ୍ଭୀର ଅପରାଧ ବୋଲି ବିବେଚନା କରାଯାଏ। ଅଧିକାରୀଙ୍କ ଅନୁଯାୟୀ, ଏହି ଦଣ୍ଡ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦିଆଯାଇଥିବା ସବୁଠାରୁ କଠୋର ଦଣ୍ଡାଦେଶ। ଇଣ୍ଡୋନେସିଆ ବିଶ୍ୱର ସବୁଠାରୁ ବଡ଼ ମୁସଲିମ ବହୁଳ ଦେଶ। ଜାତୀୟ ସ୍ତରରେ ଧର୍ମନିରପେକ୍ଷ ଆଇନ ଲାଗୁ ହୋଇଛି। ତଥାପି, ଆଚେହ ହେଉଛି ଏକମାତ୍ର ପ୍ରଦେଶ ଯେଉଁଠାରେ ଶରିଆ ଆଇନ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେଉଛି। ରିପୋର୍ଟ,ରାଜଧାନୀ ବାଣ୍ଡା ଆଚେହର ଏକ ସାର୍ବଜନୀନ ପାର୍କରେ କୋରଡା ମାଡ଼ ଦଣ୍ଡ ଦିଆଯାଇଥିଲା। ସେଠାରେ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଶାରିଆ ପୁଲିସ ଉଭୟ ଦୋଷୀଙ୍କ ପିଠିରେ ଚାବୁକ୍ ମାଡ଼ କରିଥିଲା। ଚାବୁକ୍ ମାଡ଼ ସମୟରେ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଲାଗି ହସ୍ପିଟାଲକୁ ନିଆଯାଇଥିଲା। ଏହା ସତ୍ତ୍ୱେ, ଶାରିଆ ପୁଲିସ ଅଧିକାରୀମାନେ କହିଛନ୍ତି ଯେ ଦଣ୍ଡକୁ ଆଇନଗତ ଭାବରେ ବିବେଚନା କରାଯାଇଥିଲା। ସେମାନେ କହିଛନ୍ତି, ଶାରିଆ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇଥିଲା ଓ ଡାକ୍ତରୀ ତଦାରଖ ଉପଲବ୍ଧ ଥିଲା।

# ଜାତି ସଂଘ ଦେୟ ଦେଇନାହାନ୍ତି ଟ୍ରମ୍ପ

**ନ୍ୟୁୟର୍କ:** ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚେତାବନୀ ଦେଇଛନ୍ତି ଯେ, ଯଦି ଆର୍ଥିକ ନିୟମ ପରିବର୍ତ୍ତନ ନ କରାଯାଏ କିମ୍ବା ସମସ୍ତ ୧୯୩ ସଦସ୍ୟ ରାଷ୍ଟ୍ର ସେମାନଙ୍କର ପ୍ରାପ୍ୟ ନ ଦିଅନ୍ତି, ତେବେ ସଂଗଠନ ଖୁବ୍ ଶୀଘ୍ର ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇପାରେ। ଗୁଟେରେସ୍ ବିଶେଷ ଭାବରେ ଆମେରିକାକୁ ଇଙ୍ଗିତ କରି ଏଭଳି କହିଥିବା ଅନୁମାନ କରାଯାଉଛି। ଜାତିସଂଘ ଉପରେ ଆମେରିକାର କୋଟି କୋଟି ଡଲାର ଦେୟ ବକେୟା ପଡ଼ିଛି। ଏସବୁ ପୈଠ କରିବାକୁ ଟ୍ରମ୍ପ ସରକାର ପଛଘୁଞ୍ଚା ଦେଉଛନ୍ତି। ସମସ୍ତ ସଦସ୍ୟ ରାଷ୍ଟ୍ରକୁ ଏକ ଚିଠି ଲେଖି ଗୁଟେରେସ୍ ଚେତାବନୀ ଦେଇଛନ୍ତି ଯେ ଜୁଲାଇ ସୁଦ୍ଧା ସଂଗଠନର ବଜେଟ୍ ଶେଷ ହୋଇପାରେ। ଯାହା ଜାତିସଂଘର କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବ। ସମସ୍ତ ସଦସ୍ୟ ରାଷ୍ଟ୍ର ସେମାନଙ୍କର ଆର୍ଥିକ ଦାୟିତ୍ୱକୁ ସମ୍ମାନ ପ୍ରଦାନ କରି ସମୟାନୁସାରେ ଦେୟ ଦେବା ଉଚିତ। ନହେଲେ ତୁରନ୍ତ ଆର୍ଥିକ ପତନକୁ ରୋକିବା ପାଇଁ ଆମର ଆର୍ଥିକ ନିୟମଗୁଡ଼ିକୁ ମୌଳିକ ଭାବରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ ଲେଖିଛନ୍ତି। ଚିଠିରେ କୌଣସି ଦେଶର ନାମ ଲେଖାଯାଇ ନାହିଁ। କିନ୍ତୁ ଆର୍ଥିକ ସଙ୍କଟ ଏପରି ସମୟରେ ଆସିଛି ଯେତେବେଳେ ସଂଗଠନର ସବୁଠାରୁ ବଡ଼ ଦାତା ଆମେରିକା ନିଜର ଦାୟିତ୍ୱ ପୂରଣ କରିବାରେ ବିଫଳ ହୋଇଛି। ଜାତିସଂଘର ଜଣେ ଅଧିକାରୀଙ୍କ ଅନୁଯାୟୀ, ସାଧାରଣ ବଜେଟରେ ଆମେରିକାର ୨.୧୯୬ ବିଲିୟନ ଡଲାରର ଋଣ ଅଛି। ଚଳିତ ବର୍ଷ ବର୍ଷ ଆଉ ୭୬୭ ନିୟୁତ ଡଲାରର ଋଣ ରହିବ। ଏହା ସହିତ, ପୃଥକ ଶାନ୍ତିରକ୍ଷା ବଜେଟରେ ଆମେରିକାର ୧.୮ ବିଲିୟନ ଡଲାର ଋଣ ରହିଛି। ଭେନେଜୁଏଲା ଉପରେ ୩୮ ନିୟୁତ ଆମେରିକୀୟ ଡଲାର ଋଣ ଅଛି। ଦେଶର ଅର୍ଥନୀତି ପୂର୍ବରୁ ସଙ୍କଟରେ ଥିଲା। ସମ୍ପ୍ରତି ଆମେରିକାର ସାମରିକ ହସ୍ତକ୍ଷେପ ଯୋଗୁ ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ଦୁଇ ବର୍ଷ ପାଇଁ ଦେୟ ପରିଶୋଧ ନକରିବା କାରଣରୁ ଭେନେଜୁଏଲା ସାଧାରଣ ସଭାରେ ଭୋଟ ଦେବାର ଅଧିକାର ମଧ୍ୟ ହରାଇଥିଲା। ଗୁଟେରେସ୍ କହିଛନ୍ତି, ୨୦୨୫ ଶେଷ ସୁଦ୍ଧା, ଜାତିସଂଘକୁ ଦେବାକୁ ଥିବା ବକେୟା ରାଶି ୧.୫୬୮ ବିଲିୟନ ଡଲାରରେ ପହଞ୍ଚିବ।

## ଟାଟା ପ୍ଲେର ନୂଆ ଚ୍ୟାନେଲ ଓଡିଆ ମନୋରଞ୍ଜନ

**ନୂଆଦିଲ୍ଲୀ:** ଟାଟା ପ୍ଲେ ପକ୍ଷରୁ 'ଟାଟା ପ୍ଲେ ଓଡ଼ିଆ ମନୋରଞ୍ଜନ' ନାମକ ଏକ ନୂଆ ଚ୍ୟାନେଲର ଶୁଭାରମ୍ଭ କରାଯାଇଛି । ଏହି ସେବା ବିଶେଷ କରି ଓଡ଼ିଆ ଭାଷାଭାଷୀ ଦର୍ଶକଙ୍କ ପାଇଁ ସଂଗୃହିତ ଚଳଚ୍ଚିତ୍ର, ଟିଭି ଶୋ, ଯାତ୍ରା, ଭକ୍ତି ବିଷୟବସ୍ତୁ ଏବଂ ସଙ୍ଗୀତର ଏକ ବିବିଧ ମିଶ୍ରଣ ଆଣିଛି । ଏହି ସେବାଟି ଲୋକପ୍ରିୟ ଚ୍ୟାନେଲ୍ 'ସିଦ୍ଧାର୍ଥ ଟିଭି' ଦ୍ୱାରା ପରିଚାଳିତ ହେବ । ଏହି ଶୁଭାରମ୍ଭ ସଂପର୍କରେ ମତବ୍ୟକ୍ତ କରି, ଟାଟା ପ୍ଲେଡ଼'ର ମୁଖ୍ୟ ବାଣିଜ୍ୟକ ଏବଂ ବିଷୟବସ୍ତୁ ଅଧିକାରୀ ପଲ୍ଲବୀ ପୁରୀ କହିଛନ୍ତି, ଓଡ଼ିଆ ଭାଷା ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ ଟାଟା ପ୍ଲେ ଏକ ନୂଆ ପ୍ରୟାସ କରିଛି ।'ଟାଟା ପ୍ଲେ ଓଡ଼ିଆ ମନୋରଞ୍ଜନ'ରେ ଆପଣ ସିନେମା, ଯାତ୍ରା, ଭଜନ ଏବଂ ସଙ୍ଗୀତ ସବୁକିଛି ଗୋଟିଏ ଜାଗାରେ ପାଇପାରିବେ ।

## ଜେଫ୍ରୀ ଏପଷ୍ଟିନ ଫାଇଲ୍ସ

# ରୁଷ ଯୁବତୀଙ୍କ ସହ ମିଶି ଏସଟିଡିରେ ଆକ୍ରାନ୍ତ ଥିଲେ ବିଲ ଗେଟ୍ସ

**ୱାଶିଂଟନ:** ଆମେରିକାର ଦିବଂଗତ ଯୌନ ଅପରାଧୀ ଜେଫ୍ରୀ ଏପଷ୍ଟିନ ଫାଇଲ୍ସରେ ସାଂଘାତିକ ତଥ୍ୟ। ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ ଗେଟ୍ସ ରୁଷର ଜଣେ ଯୁବତୀଙ୍କ ସହ ସେକ୍ସ କରିବା ପରେ ସେକ୍ସୁଆଲ ସଂକ୍ରମଣ ରୋଗ ବା ଏସଟିଡି ସମ୍ମୁଖୀନ ହୋଇଥିଲେ। ଏଥିଯୋଗୁ ସେ ପରବର୍ତ୍ତୀ ଅବସ୍ଥାରେ ତାଙ୍କ ପତ୍ନୀ ମେଲିନ୍ଦା ଗେଟ୍ସଙ୍କୁ ଗୁପ୍ତ ଭାବେ ଏସଟିଡିର ଆଣ୍ଟିବାୟୋଟିକ ଦେଇଥିଲେ। ୨୦୧୩ରେ ଏପଷ୍ଟିନ ନିଜକୁ ନିଜେ ପଠାଇଥିବା ଗୋଟିଏ ଇ-ମେଲରେ ଏପରି ତଥ୍ୟ ରହିଛି। ଶୁକ୍ରବାର ଆମେରିକାର ନ୍ୟାୟ ବିଭାଗ ଏପଷ୍ଟିନଙ୍କ ସହ ଜଡ଼ିତ ଅନେକ ଫାଇଲ ସାର୍ବଜନୀନ କରିଛି। ଏହାପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। ତେବେ ଏହି ଦାବିରେ କେତେ ସତ୍ୟତା ରହିଛି, ସେକଥା ଜଣାପଡ଼ିନି ।ତଥ୍ୟ ସାମ୍ନାକୁ ଆସିବା ପରେ ଗେଟ୍ସ ପକ୍ଷରୁ ଗୋଟିଏ ବିରଳ ଓ ବାଧ୍ୟତାମୂଳକ ବିବୃତି ଜାରି କରି ଏହାକୁ ଖଣ୍ଡନ କରାଯାଇଛି। ଗେଟ୍ସ ଫାଉଣ୍ଡେସନର ମୁଖପାତ୍ର କହିଛନ୍ତି "ଏହି ସବୁ ଦାବି ସଂପୂର୍ଣ୍ଣ ଭାବେ ଅମୂଳକ ଓ ମିଛ। ଗେଟ୍ସଙ୍କ ସହ ଏପଷ୍ଟିନ ସିଧା ସମ୍ପର୍କ ରଖିବାରେ ବିଫଳ ହେବାରୁ ନିରାଶ ହୋଇଥିଲା। ଏଥିପାଇଁ ତାଙ୍କୁ ବଦନାମ କରିବା ଓ ଫସାଇବା ପାଇଁ ସେ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ଥିଲା ବୋଲି ଏହି ସବୁ ଦସ୍ତାବିଜ ଜଣାପଡ଼ୁଛି।"ନ୍ୟାୟ ବିଭାଗର କହିବା କଥା ଯେ ସେମାନେ ଏପଷ୍ଟିନ ସହ ଜଡ଼ିତ ପ୍ରାୟ ୩ ନିୟୁତରୁ ଅଧିକ ପୃଷ୍ଠାର ତଦନ୍ତକାରୀ ତଥ୍ୟ ସାର୍ବଜନୀନ କରିଛନ୍ତି। ଏହା ମଧ୍ୟରେ ୨ ହଜାରରୁ ଅଧିକ ଭିଡିଓ ଓ ୧୮୦,୦୦୦ ଫଟୋ ରହିଛି। ଭଲ ଭାବେ ଯାଞ୍ଚ କରାଯିବା ପରେ ତଥ୍ୟକୁ



ସାର୍ବଜନୀନ କରାଯାଇଥିବା ଡେପୁଟି ଆଟର୍ଣ୍ଣି ଜେନେରାଲ ଟୋଡ ବ୍ଲାଞ୍ଚେ ସୂଚନା ଦେଇଛନ୍ତି। ବିବାଦର କେନ୍ଦ୍ରରେ ଥିବା ଇ-ମେଲଟି ୨୦୧୩ ଜୁଲାଇ ୧୮ ତାରିଖର। ଏହାକୁ ଏପଷ୍ଟିନ ନିଜେ ଲେଖିଥିଲେ। ଗେଟ୍ସଙ୍କ ତତ୍କାଳୀନ ପରାମର୍ଶଦାତା ବୋରିସ ନିକୋଲିକଙ୍କ ସ୍ୱର ମଧ୍ୟ କିଛି ମାତ୍ରାରେ ଏଥିରେ ରହିଛି। ଇ-ମେଲରେ ଏପଷ୍ଟିନ ଅଭିଯୋଗ କରିଛନ୍ତି ଯେ ଗେଟ୍ସ ଜଣେ ରୁଷ ଯୁବତୀଙ୍କ ସହ ଶୋଇଥିଲେ ।ଏଥିଯୋଗୁ ସେ ଯୌନ ସଂକ୍ରମଣ ରୋଗରେ ପଡ଼ିଥିଲେ। ଏହାପରେ ସେ ମେଲିନ୍ଦା ଗେଟ୍ସଙ୍କ ପାଇଁ ଗୁପ୍ତ ଭାବେ ଆଣ୍ଟିବାୟୋଟିକ ମଧ୍ୟ ନେଇଥିଲେ। ଏପରି କି ଘଟଣା ସହ ଜଡ଼ିତ ଇ-ମେଲକୁ ଡିଲିଟ କରିବାକୁ ମଧ୍ୟ ଗେଟ୍ସ ତାଙ୍କୁ ଅନୁରୋଧ କରିଥିଲେ ବୋଲି ଏପଷ୍ଟିନ ଦାବି କରିଛନ୍ତି। ସମାନ ସେଟର ଡ୍ରାଫ୍ଟ ଇମେଲରେ ସମ୍ପର୍କଚ୍ଛିନ୍ନ କରିଥିବା ଗେଟ୍ସଙ୍କୁ ସେ ତୀବ୍ର ସମାଲୋଚନା କରିଛନ୍ତି।

## ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ

# ପ୍ରଥମ ହେଭି ଡ୍ୟୁଟି ଇଲେକ୍ଟ୍ରିକ ଟ୍ରକର ଶୁଭାରମ୍ଭ

**ନୂଆଦିଲ୍ଲୀ:** ଭାରତ ସରକାରଙ୍କ ପିଏମ ଇ-ଡ୍ରାଇଭ ସ୍କିମ ଅଧିନରେ ମୋଂଟ୍ରା ଇଲେକଫ୍ରିକ (ଇ-ଏମ୍ଆଣ୍ଡଏଚସିଭି ବିଜନେସ ଭର୍ଟିକାଲ) ଦେଶର ପ୍ରଥମ ହେଭି-ଡ୍ୟୁଟି ଇଲେକଫ୍ରିକ ଟ୍ରକର ଶୁଭାରମ୍ଭ କରିଛି । କମ୍ପାନୀ ଦେଶର ପ୍ରଥମ ପିଏମ ଇ-ଡ୍ରାଇଭ-ସାର୍ଟିଫାଏଡ ଇଲେକଫ୍ରିକ ହେଭି ଟ୍ରକ, ରାଇନୋ ୫୫୩୮ ଇଭି ୬୪୪ ଟ୍ରାକଫର ଟ୍ରେଲରକୁ ଭାରତର ସର୍ବବୃହତ ସିମେଣ୍ଟ ଓ ରେଡି-ମିକ୍ସ କଙ୍କ୍ରିଟ କମ୍ପାନୀ ଅଲଫ୍ରାଟେକ ସିମେଣ୍ଟ ଲିମିଟେଡକୁ ପ୍ରଦାନ କରିଛି । ଏହି ସଫଳତା ମୋଂଟ୍ରା ଇଲେକଫ୍ରିକ (ଟିଆଇ



କ୍ଲିନ ମୋବିଲିଟି)ର ଅଧ୍ୟକ୍ଷ, ଅରୁଣ ମୁରୁଗªନ, ମୋଂଟ୍ରା ଇଲେକଫ୍ରିକ (ଟିଆଇ କ୍ଲିନ ମୋବିଲିଟି)ର ଏମ୍ଡି ଜଲାଜ ଗୁପ୍ତା, ଅଲଫ୍ରାଟେକ ସିମେଂଟ ଲିମିଟେଡର ମୁଖ, କ୍ରୟ ଅଧିକାରୀ ସଥିଆ ରାଜଙ୍କ ଉପସ୍ଥିତିରେ ପାଳନ କରାଯାଇଛି । ଏହି ପଦକ୍ଷେପ ବିଦ୍ୟୁତୀକରଣ ପାଇଁ ବ୍ୟବସାୟିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତିଆଣି ଭାରତର ଲଜିଷ୍ଟିକ୍ସ, ମାଇନିଂ, ଇନ®ାଷ୍ଟ୍ରକଚର ଓ ମାନୁଫ୍ୟାକଚରିଂ କ୍ଷେତ୍ରରେ ଇଲେକଫ୍ରିକ ହେଭି-ଡ୍ୟୁଟି ଟ୍ରକଗୁଡିକର ଗ୍ରହଣୀୟତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଏହି ଅବସରରେ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଶ୍ରୀ ଏଚ.ଡି. କୁମାର ସ୍ୱାମୀ କହିଛନ୍ତି, ପିଏମ ଇ-ଡ୍ରାଇଭ ସ୍କିମ ହେଉଛି ହେଭି-ଡ୍ୟୁଟି ଇଲେକଫ୍ରିକ ଯାନ ବର୍ଗରେ ଭାରତୀୟ ଉଦ୍ଭାବନର ବର୍ଦ୍ଧିତ ଦକ୍ଷତାର ଏକ ପ୍ରମାଣ ।

ସମୟ

# ଓଡ଼ିଶା ୨୨୧ ରନରେ ଅଗ୍ରଣୀ



ଜାମସେଦପୁର,୩୧।୧(ଏଜେନ୍ସି): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏ' ସପ୍ତମ ପର୍ଯ୍ୟାୟ ମ୍ୟାଚରେ ଓଡ଼ିଶା ଇନିଂସ ଅଗ୍ରଣୀ ହୋଇଛି। ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଦଳ ଜମାଣିଆ ପ୍ରଦର୍ଶନ ଦେଖାଇ ତୃତୀୟ ଦିବସ ଷ୍ଟମ୍ପଅପସାରଣ ସୁଧା ଦ୍ୱିତୀୟ ପାଳି ବ୍ୟାଟିଂ କରି ୨୦୨ ରନ କରିଛି। ଓଡ଼ିଶା ଦଳ ୨୨୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ପ୍ରଥମ ପାଳିରେ ଓଡ଼ିଶା ୨୮୨ ରନ୍ କରିଥିବା ବେଳେ ଝାଡ଼ଖଣ୍ଡ ୨୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଡେବ୍ୟୁ କରିଥିବା ଦ୍ରୁତ ବୋଲର ସୟଦ ତୌଫିଲ ଅହମ୍ମଦ ୪ ୱିକେଟ୍ ଦଖଲ କରି ପ୍ରଥମଶ୍ରେଣୀ କ୍ରିକେଟ୍ କ୍ୟାରିୟରକୁ ଆରମ୍ଭ କରିବାକୁ ସ୍ମରଣୀୟ କରିଛନ୍ତି।

## ରଣଜୀ ଟ୍ରଫି

ଦ୍ୱିତୀୟ ଦିନର ଅସମାପ୍ତ ଇନିଂସ ୨୪୪/୬ରୁ ପାଳି ଆରମ୍ଭ କରିଥିଲା ଝାଡ଼ଖଣ୍ଡ। ଦଳୀୟ ସ୍କୋରରେ ଆଉ ୧୯ ରନ ଯୋଡିବାକୁ ସକ୍ଷମ ହୋଇଥିଲେ ଝାଡ଼ଖଣ୍ଡ ବ୍ୟାଟର। ରବିନ ମିଞ୍ଜ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହାପରେ ଝାଡ଼ଖଣ୍ଡ ଇନିଂସର ଜବନିକା ପଡ଼ିଥିଲା। ଦଳ ୭୯.୧ ଓଭରରେ ୨୬୩ ରନ୍ କରିଥିଲା। ଓଡ଼ିଶାର ସୟଦ ତୌଫିଲ ଅହମ୍ମଦ ୪ଟି, ଗୋବିନ୍ଦ ପୋଦ୍ଦାର ୩ଟି ଓ ରାଜେଶ ମହାନ୍ତିଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ଓଡ଼ିଶା ଦଳ ୧୯ ରନର୍ ଅଗ୍ରଣୀ ସହ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ସ୍ୱସ୍ତିକ ସାମଲ ଓ ସନ୍ଦୀପ ପଟ୍ଟନାୟକ ପ୍ରଥମ ୱିକେଟ ପାଇଁ ୨୭ ରନ ଯୋଡି ଥିଲେ। ସ୍ୱସ୍ତିକ ୧୮, ସନ୍ଦୀପ ପଟ୍ଟନାୟକ ୨୦ ରନ କରି ଆଉଟ୍ ହୋଇଥିଲେ। କିନ୍ତୁ ଅଧିନାୟକ ଶୁଭ୍ରାଂଶୁ ସେନାପତି ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳୀୟ ସ୍ଥିତି ମଜଭୁତ କରିଥିଲେ। ଶୁଭ୍ରାଂଶୁ ୧୪୫ ବଲରୁ ୭୩ ରନ କରିଥିଲେ। ଅନିଲ ପରିଡା ୨୮, ବିପ୍ଲବ ସାମନ୍ତରାୟ ୧୩, ଗୋବିନ୍ଦ ପୋଦ୍ଦାର ଅପରାଜିତ ୨୨ ରନ, ସମ୍ବିତ ବରାଳ ୭, ସାୱନ ପହରିଆ ୬ ଏବଂ ରାଜେଶ ମହାନ୍ତି ବିନା ସ୍କୋରରେ ଆଉଟ୍ ହୋଇଥିଲେ। ତେଣୁ ଓଡ଼ିଶା ଷ୍ଟମ୍ପଅପସାରଣ ବେଳକୁ ୭୬.୫ ଓଭରରେ ୮ ୱିକେଟ୍ ହରାଇ ୨୦୨ ରନ୍ କରିଛି। ଝାଡ଼ଖଣ୍ଡର ଅନୁକୁଲ ରୟ ୪ଟି, ଆଦିତ୍ୟ ସିଂ ୩ଟି ଓ ରାଜୀବ ରାଏ ଗୋଟିଏ ୱିକେଟ୍ ସଫଳତା ହାସଲ କରିଛନ୍ତି।

# ଟିମ ଇଣ୍ଡିଆର ଶୃଙ୍ଖଳା ବିଜୟ



ଥିରୁଅନନ୍ତପୁରମ,୩୧।୧(ଏଜେନ୍ସି): ପଞ୍ଚମ ତଥା ଶେଷ ଟି-୨୦ ମ୍ୟାଚରେ ଭାରତୀୟ ଦଳ ୪୬ ରନ୍ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ଧରାଶାୟୀ କରିଛି। ଏହି ଜମାଣିଆ ବିଜୟ ସହ ଭାରତ ୪-୧ ବ୍ୟବଧାନରେ ଟି-୨୦ ଶୃଙ୍ଖଳା ତୋଳି ଧରିଛି। ଏହି ମ୍ୟାଚରେ ଭାରତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୭୧ ରନର ବିଶାଳ ସ୍କୋର କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୨୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଭିଶେଖଠୁ ଆରମ୍ଭ କରି ଇଶାନ କିଷାନ, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟ କୁମାର ଯାଦବ ସମସ୍ତେ ଧୂଆଁଧାର ବ୍ୟାଟିଂ କରିଥିଲେ। ଇଶାନ ଅନ୍ତର୍ଜାତୀୟ ଟି-୨୦ରେ ପ୍ରଥମ ଶତକ ହାସଲ କରି ବିଶ୍ୱକପ ପୂର୍ବରୁ ସମ୍ପୂର୍ଣ୍ଣ ଲୟକୁ ଫେରିଛନ୍ତି। ଦ୍ରୁତ ବୋଲର ଅର୍ଶଦୀପ ସିଂ ୫ ୱିକେଟ୍ ଦଖଲ କରିଥିବା ବେଳେ ଅକ୍ଷର ପଟେଲଙ୍କୁ ୩ଟି, ବରୁଣ ଚକ୍ରବର୍ତ୍ତୀ ଓ ରିଙ୍କୁ ସିଂ ଗୋଟିଏ କରି ୱିକେଟ୍ ସିଫଳତା ହାସଲ କରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷରେ ନିର୍ଦ୍ଧାରିତ ଓଭରରେ ଟିମ୍ ଇଣ୍ଡିଆ ୨୭୧ ରନ୍ କରି ଟି-୨୦ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିବାରେ ସଫଳ ହୋଇଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଏକ ଚମତ୍କାର ଇନିଂସ ଖେଳିଛନ୍ତି। ସେ ୩୦ ବଲରେ ୪ ଚୌକା ଏବଂ ୬ ଛକା ସହିତ ୬୩ ରନ୍ କରିଥିଲେ। ପଞ୍ଚମ ନମ୍ବରରେ ଖେଳି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଉତ୍କୃଷ୍ଟ ଫର୍ମରେ ଥିବା ଦର୍ଶାଇଛନ୍ତି। ସେ ୧୭ ବଲରେ ୪୨ ରନ୍ କରିଥିଲେ। ଯେଉଁଥିରେ ୧ ଚୌକା ଏବଂ ୪ ଛକା ସାମିଲ। ଆଜିର ମ୍ୟାଚରେ ଭାରତୀୟ ଟିମ୍ ପୂରା ଫର୍ମରେ ନଜର ଆସିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଟିମର ପ୍ରତିଟି ବ୍ୟାଟର ଦମଦାର ପ୍ରଦର୍ଶନ କରିଥିଲେ। ସଞ୍ଜୁ ସାମସନ ନିଜ ଘରୋଇ ଗ୍ରାଉଣ୍ଡରେ ପୁଣି ଥରେ ଫ୍ଲପ୍ ହୋଇଛନ୍ତି। ସେପଟେ ରିଙ୍କୁ ସିଂ ଏବଂ ଶିବମ ଦୁବେ ଅପରାଜିତ ରହି ଯଥାକ୍ରମେ ୮ ଏବଂ ୭ ରନ୍ କରିଥିଲେ।

ନ୍ୟୁଜିଲାଣ୍ଡ ପକ୍ଷରୁ ଲକି ଫର୍ଗୁସନ୍ ସର୍ବାଧିକ ୨ ୱିକେଟ୍ ନେଇଛନ୍ତି। ଜାକବ ଡୁଫି, କାଏଲ ଜାମିସନ ଓ ମିଚେଲ ସାଣ୍ଟନରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା।

୨୭୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଫିନ ଆଲିନ ଆକର୍ଷଣୀୟ ଇନିଂସ ଖେଳିଥିଲେ। ଫିନ ୩୮ ବଲରୁ ୮ ଚୌକା ଓ ୬ ଛକା ମାରି ୮୦ ରନ୍ କରିଥିଲେ। ରଚିନ ରବିନ୍ଦ୍ର ୩୦, ଡାର୍ଲି ମିଚେଲ ୨୬, ଇଶ ସୋଧି ୩୩ ରନ କରିଥିଲେ। ଏହାସତ୍ତ୍ୱେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୨୨୫ ରନ୍ କରି ଅଲଆଉଟ୍ ହୋଇଥିଲା। ଭାରତର ଅର୍ଶଦୀପ ସିଂ ୪ ଓଭରରେ ୫୧ ରନ ବ୍ୟୟ କରି ୫ ୱିକେଟ୍ ଅକ୍ତିଆର କରିଥିଲେ। ଅକ୍ଷର ପଟେଲଙ୍କୁ ୩ଟି, ବରୁଣ ଚକ୍ରବର୍ତ୍ତୀ ଓ ରିଙ୍କୁ ସିଂ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

## ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୁଷ ରନର୍ସଅପ

ଆଗରପଡ଼ା,୩୧।୧(ସବ୍ୟୁ): ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ଖେଳାଳୀ ଆୟୁଷ ରଂଜନ ମହାନ୍ତି ଓ ସାଥୀ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ରାଜ୍ୟ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସ୍ୱରଜଙ୍କ ଠାରୁ ରନର୍ସଅପ ଟ୍ରଫି ଗ୍ରହଣ କରିଛନ୍ତି। ଭଦ୍ରକ ବଙ୍କସାହୀଠାରେ ୩ଦିନ ବ୍ୟାପୀ ଚାଲିଥିବା ବିଜୟ ମେମୋରିଆଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଆୟୁଷ ଏହି ସଫଳତା ପାଇଥିବାରୁ ତାଙ୍କ କୋଚ ଯଶୋବନ୍ତ ସିଂହ ଓ ଗୋବିନ୍ଦ ସିଂହଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସ୍ଥାନୀୟ ଟିକିରା ଗ୍ରାମର ବ୍ରଜ ମହାନ୍ତିଙ୍କ ପୁଅ ଆୟୁଷ ପୂର୍ବରୁ ମଧ୍ୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଖେଳି ଅନେକ ସଫଳତା ହାସଲ କରିଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ: ଯାଜପୁର ବିଜୟୀ

ଦୋବଲ,ତା(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ବଜାର ସ୍ଥିତ କାଳୀ ପଡ଼ିଆରେ ମା'ଶ୍ୟାମାକାଳୀଯୁଥ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନ ସମାରୋହରେ ସ୍ଥାନୀୟ ସରପଂଚ ରଂଜିତ ଜେନା,ସମାଜସେବୀ ବିଚିତ୍ରାନନ୍ଦ ହାତୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ରକି କ୍ରିକେଟ କ୍ଲବ ବାଲେଶ୍ୱର ଓ ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ଯାଜପୁର ମଧ୍ୟରେ ୨୦ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବାଲେଶ୍ୱର ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଜପୁର ଦଳ ୨୦ଓଭରରେ ସମସ୍ତ ଓଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୨୦ଓଭର ଖେଳି ସମସ୍ତ ଓଇକେଟ ହରାଇ ୧୭୫ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ଚନ୍ଦନ ନୟକ ୨୮ ବଲରେ ୬୦ରନ୍ ଏବଂ ୪ଓଭର ବୋଲିଂ କରି ୩ଟି ଓଇକେଟ ନେଇ "ମ୍ୟାନ୍ ଅଫ୍ ଦ ମ୍ୟାଚ୍' ହୋଇଥିଲେ। ଅମ୍ପାୟାର୍ ଭାବେ ସନ୍ୟାସୀ ନାୟକ ଓ ରାଧେଶ୍ୟାମ ଜେନା,ମ୍ୟାଚ ସ୍କୋରର ଭୂମିକାରେ ସୂର୍ଯ୍ୟକାନ୍ତ ଘଡ଼ାଇ,ଭାଷ୍ୟକାର ବିଶ୍ୱଜିତ୍ ପାଢ଼ୀ ଓ ଶୁଶାନ୍ତ ଦାସ କରିଥିଲେ। ଅନନ୍ତ ମହାରଣା,ମାନସ ପୁହାଣ,ବଳବନ୍ତ ମହାରଣା,ପରିଚାଳନାରେ ସହଯୋଗ କରିଥିଲେ।

## ଅଷ୍ଟ୍ରେଲିଆନ ଓପନ

# ଏଲିନାଙ୍କୁ ଟାଇଟଲ



ନୂଆଦିଲ୍ଲୀ,୩୧।୧(ଏଜେନ୍ସି): ରୁଷରେ ଜନ୍ମିତ କାଜାଖସ୍ତାନର ମହିଳା ଟେନିସ୍ ଖେଳାଳି ଏଲିନା ରେବାକିନା ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେ ବିଶ୍ୱର ନଂ. ୧ ମହିଳା ଟେନିସ୍ ଖେଳାଳି ବେଲାରୁଷର ଆର୍ଯ୍ୟାନା ସାବାଲେଙ୍କାଠାରୁ ମଧୁର ପ୍ରତିଶୋଧ ନେଇଛନ୍ତି। ଏଲିନା ତାଙ୍କ ଟେନିସ୍ କ୍ୟାରିୟରରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଛନ୍ତି। ୩ ବର୍ଷ ତଳେ ମେଲବୋର୍ଣ୍ଣ ପାର୍କର ସମାନକୋଟରେ ରେବାକିନା ଟ୍ରଫି ହାତଛଡା କରିଥିଲେ। ଫାଇନାଲର ଗୋଟିଏ ସେଟ୍ ପଛରେ ଥାଇ ମଧ୍ୟ ସାବାଲେଙ୍କା ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ହୃଦୟ ଭାଙ୍ଗି ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଛଡାଇ ନେଇଥିଲେ। ଶନିବାର ମଧ୍ୟ ୩ ବର୍ଷ ସେହି ମୁହୂର୍ତ୍ତର ପୁନର୍ବାବୃତ୍ତି ଘଟିଥିଲା। କିନ୍ତୁ ଏଥର ରେବାକିନାଙ୍କ ସାଥ ଦେଇଛି ଭାଗ୍ୟ। ପ୍ରଥମ ସେଟକୁ ରେବାକିନା ୬-୪ରେ ଜିତି ନେଇଥିଲେ କିନ୍ତୁ ସାବାଲେଙ୍କା ଦ୍ୱିତୀୟ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଚୂଡାନ୍ତ ସେଟରେ ସାବାଲେଙ୍କା ଅଗ୍ରଣୀ ରହିଥିଲେ। କିନ୍ତୁ ରେବାକିନାଙ୍କ ଯୋଜନା ଅଲଗା ଥିଲା। ଦୀର୍ଘ ୨ ଘଣ୍ଟା ୧୮ ମିନିଟର ସଂଘର୍ଷ ପରେ ରେବାକିନା ୬-୪, ୪-୬, ୬-୪ ସେଟରେ ମ୍ୟାଚକୁ ଜିତି ଅଷ୍ଟ୍ରେଲିଆ ଓପନର ନୂଆ ବିଜେତା ବନିଛନ୍ତି। ରେବାକିନାର ଟେନିସ୍ କ୍ୟାରିୟର ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ। ପୂର୍ବରୁ ୨୦୨୨ରେ ସେ ୱିମ୍ବଲଡନ ଟ୍ରଫି ଜିତିଥିଲେ। ସାବାଲେଙ୍କା କ୍ରମାଗତ ଦ୍ୱିତୀୟଥର ଅଷ୍ଟ୍ରେଲିଆ ଓପନ ଫାଇନାଲରେ ପରାଜୟର ସ୍ୱାଦ ଚାକିଥିଲେ।

## ଆଜି ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟ୍



ଭୁବନେଶ୍ୱର,୩୧।୧(ସବ୍ୟୁ): ଆଜି ସାମ୍ବାଦିକ ଅରିନ୍ଦମ-ପ୍ରବୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପୋଲିସ୍ ପଡିଆ ଠାରେ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିବେ। ଦୁଇଟି ଦଳ କମିଶନରେଟର ପୋଲିସର ହୋଇଥିବା ବେଳେ ଆଉ ଦୁଇଟି ଦଳ କ୍ରାଇମ୍ ରିପୋର୍ଟରମାନଙ୍କର।

ରାଜ୍ୟର ଜଣାଶୁଣା କ୍ରାଇମ ରିପୋଟର ଅରିନ୍ଦମ ଦାସ ଓ ପ୍ରବୀର ପ୍ରଧାନଙ୍କ ଅକାଳ ବିୟୋଗରେ ସାମ୍ବାଦିକତା ଧାରାରେ ଅପୂରଣୀୟକ୍ଷତି ହୋଇଛି। ଉଭୟଙ୍କ ସ୍ମୃତିକୁ ଜୀବୀତ ରଖିବା ପାଇଁ ପ୍ରତି ବର୍ଷ କମିଶନରେଟ୍ ପୋଲିସ ପକ୍ଷରୁ ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟର ଆୟୋଜନ ହୋଇଆସୁଛି। ପ୍ରତିଯୋଗିତାର ଉଦଘାଟନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂ ଯୋଗଦେବେ।

## ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ଯାଜପୁର ଇଞ୍ଜିନପୁର

ଭଣ୍ଡାରିପୋଖରୀ, ତା।(ସବ୍ୟୁ): ମଞ୍ଜୁରୀ ରୋଡ ମହାବୀରଯୁଥ କ୍ଲବ ଆନୁକୂଲ୍ୟରେ ମେଡିକାଲ ପଡିଆରେ ୩୨ ତମ ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଯାଜପୁର ଇଞ୍ଜିନପୁର ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଭଦ୍ରକ ଜେ.ସି. ସି. ଏକାଦଶ ସହ ଯାଜପୁର ଇଞ୍ଜିନପୁର ଏକାଦଶ ମଧ୍ୟରେ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜେ.ସି.ସି. ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଏହି ଦଳ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ ସ୍କୋର କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଧିରଜ କୁମାର ବେହେରା ୧୬ ରନ ହାସଲ କରିଥିଲେ। ପ୍ରତିପକ୍ଷ ବୋଲର ଆକାଶ ତ୍ରିପାଠୀ ୪ ଉଇକେଟ ଓ ପ୍ରଶାନ୍ତ ଗଙ୍ଗୀ ୨ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଞ୍ଜିନପୁର ଦଳ ୧୩ ଓଭରରେ ୫ ୱିକେଟ ହରାଇ ଆବଶ୍ୟକୀୟ ୯୯ ହାସଲ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରତୁରାଜ ମହାନ୍ତି ୩୦ ରନ ହାସଲ କରିଥିଲେ। ବିପକ୍ଷ ବୋଲର ଶାଶ୍ୱତ ମହାନ୍ତି ୩ ଉଇକେଟ ଅକ୍ତିଆର କରିଥିଲେ। ଆକାଶ ତ୍ରିପାଠୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚିନ୍ମୟ ସେନାପତି ଓ ନରେନ୍ଦ୍ର ଜେନା ଅମ୍ପାୟାର, କାଳନ୍ଦୀ ପଣ୍ଡା ମ୍ୟାଚ ରେଫରୀ, ସ୍କୋରର ଦୁର୍ଗା ପ୍ରସାଦ ଜେନା ଓ ଅଜୟ ରାଉତ ଏବଂ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ।

# ଆମେରିକା ଦଳରେ ୯ ଭାରତୀୟ



ନୂଆଦିଲ୍ଲୀ,୩୧।୧(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରିବ ଆମେରିକା। ଏନେଇ ୧୫ ଜଣିଆ ଦଳ ଘୋଷଣା ହୋଇଛି। ଏହି ଦଳରେ ୯ ଜଣ ଭାରତୀୟ ଖେଳାଳି ଅଛନ୍ତି। ମୁମ୍ବାଇର ପୂର୍ବତନ ଖେଳାଳି ଶୁଭମ ରଞ୍ଜନେ ମଧ୍ୟ ଆମେରିକା ଟ୍ରଫି ଡେବ୍ୟୁ କରିବାକୁ ଯାଉଛନ୍ତି। ଶ୍ରୀଲଙ୍କାର ସେହାନ ଜୟସୁରିଆ ମଧ୍ୟ ଆମେରିକା ଟି-୨୦ ବିଶ୍ୱକପ ଦଳରେ ସାମିଲ କରାଯାଇଛି। ଟି-୨୦ ବିଶ୍ୱକପ ଦଳରେ ଆମେରିକା କେଉଁ ଦେଶର କେତେ କ୍ରିକେଟରଙ୍କୁ ସାମିଲ କରିଛି ତାହାର ଚିତ୍ର ସାମ୍ନାକୁ ଆସିଛି। ଟି-୨୦ ବିଶ୍ୱକପ ଗ୍ରୁପ ଏ'ରେ ଆମେରିକା ସ୍ଥାନ ପାଇଛି। ଏହି ଗ୍ରୁପରେ ପାକିସ୍ତାନ ନାମ୍ବିଆ, ନେଦରଲାଣ୍ଡ ଏବଂ ଭାରତ ସାମିଲ ଅଛନ୍ତି। ଟି-୨୦ ବିଶ୍ୱକପ ପ୍ରସ୍ତୁତି ପାଇଁ ଶ୍ରୀଲଙ୍କାରେ ଆମେରିକା ଦଳର ତାମିଲ ଶିବିର ଚାଲିଛି। ଆମେରିକା ଟି-୨୦ ବିଶ୍ୱକପରେ ମୁମ୍ବାଇରେ ଭାରତ ବିପକ୍ଷ ପ୍ରଥମ ମ୍ୟାଚ ଖେଳିବ। ଏହାପରେ ଫେବୃଆରୀ ୧୦ରେ ପାକିସ୍ତାନକୁ ଭେଟିବ ଆମେରିକା। ୧୩ରେ ନେଦରଲାଣ୍ଡସ ଏବଂ ୧୫ ତାରିଖରେ ନାମ୍ବିଆକୁ ଭେଟିବ। ଭାରତର ମୋନାଙ୍କ ପଟେଲଙ୍କୁ ଟି-୨୦ ବିଶ୍ୱକପ ପାଇଁ ଆମେରିକା ଦଳ ନିଯୁକ୍ତ କରାଯାଇଛି। ଶୁଭମ ରଞ୍ଜନେ ଆମେରିକା ପାଇଁ ୪ଟି ଦିନିକିଆ ଖେଳିବା ପରେ ଟି-୨୦ ଡେବ୍ୟୁ କରିବେ। ମହମ୍ମଦ ମୋହସିନ ଏବଂ ସେହାନ ଜୟଶୁରିଆ ମଧ୍ୟ ଆମେରିକା ପାଇଁ ଅନ୍ତର୍ଜାତୀୟ ଡେବ୍ୟୁ କରିବେ। ଆମେରିକା ଦ୍ୱିତୀୟଥର ପାଇଁ ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରିବାକୁ ଯାଉଛି। ଆମେରିକା ଦଳରେ ୯ ଜଣ ଭାରତୀୟ ଦଳ ଅଛନ୍ତି। ସେମାନଙ୍କ ମଧ୍ୟରେ ମୋନାଙ୍କ ପଟେଲ, ଜେସି ସିଂ, ମିଲିନ କୁମାର ସଞ୍ଜୟ କୃଷ୍ଣମୂର୍ତ୍ତି, ହରମିତ ସିଂ, ସୌରଭ ନେତ୍ର ଭାଲକର, ସାଇତେଜା ମୁସକାମାଲା, ନୋସ୍ତୁସ କେଞ୍ଜି ଏବଂ ଶୁଭମ ରଞ୍ଜନେ ଅଛନ୍ତି। ଅଲ୍ଲୀ ଖାନ, ମହମ୍ମଦ ମୋହସିନ ଏବଂ ସାୟନ ଜାହାଙ୍ଗୀର ପାକିସ୍ତାନୀ ବଂଶୋଭବ, ସେହାନ ଜୟସୁରିଆ ଶ୍ରୀଲଙ୍କା ପାଇଁ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏବେ ଏମାନେ ସମସ୍ତେ ଆମେରିକା ଜର୍ସିରେ ନଜର ଆସିବେ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ଅନୁଗୋଳ ଜିଲ୍ଲା ସି ଏମ ଟ୍ରଫି ପାଇଁ ଖେଳାଳି ଚୟନ

ଅନୁଗୋଳ,୩୧।୧(ସବ୍ୟୁ): ରାଜ୍ୟ କ୍ରୀଡା ବିଭାଗ ସହାୟତାରେ ବିଭିନ୍ନ ଜିଲ୍ଲା ସଂଘ ଦ୍ୱାରା ଆୟୋଜିତ ସି ଏମ ଟ୍ରଫି ପାଇଁ ବାଳକ ଓ ବାଳିକା ବିଭାଗରେ ଫୁଟବଲ,ଭଲିବଲ୍,କବାଡି, ଖୋଖୋ ଆଦି ପ୍ରତିଯୋଗିତା ମାନ ସମସ୍ତ ଜିଲ୍ଲା ମାନଙ୍କରେ ଆୟୋଜିତ ହେଉଛି। ଏଥି ନିମିତ୍ତ ଅନୁଗୁଳ ଜିଲ୍ଲାରେ ନିମ୍ନ ଲିଖିତ କାର୍ଯ୍ୟ ସୂଚୀ ଅନୁଯାଇ ଖେଳାଳି ଚୟନ ଶିବିର ଆୟୋଜିତ ହେଉଛି। ଏହି ଚୟନ ଶିବିରରୁ ପ୍ରତ୍ୟେକ ବିଭାଗରେ ୧୦ ଟି ବାଳକ ଓ ୬ ଟି ବାଳିକା ଦଳ ଅନୁଗୁଳ ଜିଲ୍ଲା ପାଇଁ ଚୟନ କରାଯିବ। ଫୁଟବଲ,ଗ୍ରୀନ ଗ୍ରାସ ଷ୍ଟାଡିୟମ୍,ତାଳଚେର, ଫେବୃଆରୀ ୨ ସକାଳ ୯ ଘଟିକା, କବାଡି,ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ,ଅନୁଗୋଳ, ଫେବୃଆରୀ ୬ ସକାଳ ୯ ଘଟିକା, ଖୋଖୋ, ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଫେବୃଆରୀ ୭ ସକାଳ ୯ ଘଟିକା ପୂର୍ବରୁ ଅନଲାଇନ୍ ଓ ଅଫ ଲାଇନ୍ ମାଧ୍ୟମରେ ପଞ୍ଜୀକୃତ କରିଥିବା ଖେଳାଳୀ ମାନେ ଉକ୍ତଦିନ ଗୁଡିକରେ ଉପସ୍ଥିତ ରହି ଜନ୍ମଗତ ପ୍ରମାଣ ପତ୍ର,ଆଧାର କାର୍ଡ ଓ ଦୁଇଟି ରଙ୍ଗୀନ ପାସପୋର୍ଟ ଫଟୋ ସହିତ ଚୟନ ପ୍ରକ୍ରିୟା ରେ ଭାଗ ନେବାକୁ ଅନୁରୋଧ।ସବିଶେଷ ବିବରଣୀ ପାଇଁ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଡ଼ା ଗୌରଗୋବିନ୍ଦ ସାମନ୍ତ ଙ୍କୁ ଫୋନ୍ ୯୪୩୭୩୮୨୨୯୬ ଯୋଗେ କିମ୍ବା ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ଙ୍କ ଫୋନ୍ ୯୮୬୧୬୧୦୬୭୭ ରେ ଯୋଗାଯୋଗ କରିପାରିବେ।

## ଲଣ୍ଡୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ:ନାଇଟ ରାଇଡ଼ର ଚାମ୍ପିଅନ



ଜଟଣୀ : ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମ କେସିସି ଖେଳ ପଡିଆ ଠାରେ ଲଣ୍ଡୁ ମେମୋରିଆଲ କୁଦିଆରି ପ୍ରିମିୟର ଲିଗ ଟି ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ନାଇଟ ରାଇଡ଼ର ଚମ୍ପିୟାନ ହୋଇଛି।ଫାଇନାଲ ମ୍ୟାଚରେ ଲଗାନ ଫାଇଟର ଟଚ ଜିତି ପ୍ରଥମେ ବ୍ୟାଟିଂ କରି କୋଡିଏ ଓଭର ରେ ସମସ୍ତ ଉଇକେଟ ହରାଇ ୧୨୮ ରନ କରିଥିବା ବେଳେ ନାଇଟ ରାଇଡ଼ର ୧୭.୧ ଓଭରରେ ୪ ଉଇକେଟ ବିନିମୟରେ ୧୩୨ କରିଥିଲା। ରାକେଶ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ସଂଜୀବ କୁମାର ପାଇକରାୟ ମ୍ୟାନ ଅଫ ସିରିଜ ହୋଇଥିଲେ। ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣି ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଭାବେ ଯୋଗ ଦେଇ ବିଜୟୀ ଟିମକୁ ଟ୍ରଫି ଓ ନଗଦ ଅର୍ଥରାଶି ପୁରସ୍କାର ଦେଇଥିଲେ। ବିଜେପି ବରିଷ୍ଠ ନେତା ସୁଦୀପ୍ତ ରାୟ, ଶ୍ରମିକ କଂଗ୍ରେସ କେନ୍ଦ୍ରୀୟ ପଦ୍ଧାଧିକାରୀ ପ୍ରମୋଦ ସାହାଣୀ, ଅଶୋକ ମଙ୍ଗରାଜ , ପ୍ରଶାନ୍ତ ପ୍ରଧାନ, କାଉନସିଲର ଅମ୍ରିତା ଦାସ , ଜଗଦୀଶ ଅଗ୍ରୱାଲ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କୁଦିଆରି କ୍ରିକେଟ କ୍ଲବର ସଂପାଦକ ଅନ୍ତର୍ଯ୍ୟାମୀ ଦାସଙ୍କୁ ତାଙ୍କର ଖେଳ ଓ ଟୁର୍ନାମେଣ୍ଟ ପାଇଁ ଜୀବନବ୍ୟାପି ତ୍ୟାଗ ଯୋଗୁଁ ମୁଖ୍ୟଅତିଥି ଶ୍ରୀ ରାଉତରାୟ ଉତ୍ତରୀୟ ଦେଇ ସାନମାନିତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଶୁଭମ ପଣ୍ଡା, ଆଲୋକ ପ୍ରଧାନ, ଉମେଶ ଦାସ , ଦୁଃପ୍ତି ଜୀବନ ପଣ୍ଡା , ଦୀପକ ମହାନ୍ତି, ରୁପନ୍ ମହାନ୍ତି , ବାପି ଦାସ , ଜିମା ସାହାଣୀ ପ୍ରମୁଖ ପରିଚାଳନା କରିଥିଲେ।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି